



# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.

Vol.11 . No.90 Bhubaneswar, Friday, December 06, 2024 ବର୍ଷ- ୧୧ ସଂଖ୍ୟା-୯୦ ଭୁବନେଶ୍ୱର ଶୁକ୍ରବାର, ଡ଼ିସେମ୍ବର ୦୬.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-

## ନୂଆ ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସ ଲୋକାର୍ପିତ



ଭୁବନେଶ୍ୱର,୦୫/୧୨: ଝଟକିଲା ନୂଆ ନ୍ୟାୟିକ କୋଠା। ଚାରି ଦଶନ୍ଧି ପରେ ଚମକିଲା ଭୁବନେଶ୍ୱର ନୂଆ ଜୁଡିସିଆଲ୍ ? କମ୍ପ୍ଲେକ୍ସ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଲୋକାର୍ପିତ ହୋଇଛି ଭବ୍ୟ କୋଠା। ରାଜ୍ୟପାଳ ରଘୁବର ଦାସ, ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କ ଉପସ୍ଥିତିରେ ଏହି କଂପ୍ଲେକ୍ସର ଲୋକାର୍ପଣ କରିଛନ୍ତି ରାଷ୍ଟ୍ରପତି। ପରେ ଅଭିଭାଷଣ ରଖି ସାଧାରଣ ଜନତାଙ୍କୁ ତ୍ୱରିତ ନ୍ୟାୟ ଓ ନ୍ୟାୟିକ ସାକ୍ଷରତା ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଷ୍ଟ୍ରପତି। ରାଷ୍ଟ୍ରପତି କହିଛନ୍ତି, ଶୁଣାଣି ବେଳେ ବାରମ୍ବାର ତାରିଖ ଘୁଞ୍ଚାଇବା ପ୍ରକ୍ରିୟାରେ ଯେପରି ପୂର୍ଣ୍ଣଚ୍ଛେଦ ପଡ଼ିବ ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଶା କରୁଛି। ଭାଷା ଯୋଗୁ ନ୍ୟାୟପାଳିକାଠାରୁ ସାଧାରଣ ଲୋକଟିଏ ଦୂରେଇ ଯାଉଛି। ଲୋକଙ୍କ ଭାଷାରେ ନ୍ୟାୟପାଳିକାର କାର୍ଯ୍ୟ ସଂପାଦିତ ହେବା ଆବଶ୍ୟକ। ବ୍ଲାକ କୋଟ୍ ସିଣ୍ଡ୍ରୋମ୍ ପ୍ରସଙ୍ଗ ଉଠାଇ ରାଷ୍ଟ୍ରପତି କହିଛନ୍ତି, କୋର୍ଟ କଚେରୀକୁ ଯାଇ ସାଧାରଣ ଲୋକଟି ଶଙ୍କି ଯାଇଥାଏ। ସ୍ୱାଧୀନ ଭାରତରେ ଭୟର କୌଣସି ସ୍ଥାନ ନାହିଁ। କୋର୍ଟ କଚେରୀ ଓ ଥାନାରେ ଆତ୍ମୀୟତା ବାତାବରଣ ରହିବା ଆବଶ୍ୟକ ବୋଲି କହିଛନ୍ତି ରାଷ୍ଟ୍ରପତି। ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଆତ୍ମପ୍ରକାଶ କରିଛି ନ୍ୟାୟିକ ପରିସର। ରାଜ୍ୟର ପ୍ରଥମ ଅତ୍ୟାଧୁନିକ ଜୁଡିସିଆଲ୍ କୋର୍ଟ କଂପ୍ଲେକ୍ସ ଭାବେ ଖୋର୍ଦ୍ଧା ଜିଲ୍ଲା ନ୍ୟାୟିକ ପରିସର ନିର୍ମିତ ହୋଇଛି ୪୬ ହଜାର ବର୍ଗ ମିଟର ପରିଧିରେ। ଖର୍ଚ୍ଚ ହୋଇଛି ପ୍ରାୟ ୨୫୦ କୋଟି ଟଙ୍କା। ଏଥିରେ ରହିଛି ୪ଟି କରିଡର, ୫୫ଟି କୋର୍ଟ ରୁମ୍। ତା'ସହ ରହିଛି ରେକର୍ଡ ରୁମ, ଲାଇବ୍ରେରୀ, କନ୍‌ଫରେନ୍ସ ହଲ୍ ସାଙ୍ଗକୁ ବ୍ୟାଙ୍କ, ପୋଷ୍ଟ ଅଫିସ, ନୋଟାରୀ ରୁମ୍। କେବଳ ଏତିକି ନୁହେଁ, ଡିସ୍ପେନସାରୀ ସହ ଶିଶୁଙ୍କ ପାଇଁ ସ୍ତନ୍ୟପାନ କକ୍ଷ ଓ ବେବି କ୍ରେଚ ଭଳି ସୁବିଧା ରହିଛି ଏଠାରେ। ପୁରୁଣା କୋର୍ଟରେ ବାର ଆସୋସିଏସନ ଚାଲିବ। ପୁରୁଣାରୁ ନୂଆ କୋଠାକୁ ସଂଯୋଗ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କୋଠାରେ ଚାଲିପାରିବ ଏକାସଙ୍ଗେ ୫୬ଟି କୋର୍ଟ। ପୂର୍ବରୁ ବାହାରେ ଥିବା ଏଜୁକେସନ, ଇଣ୍ଡଷ୍ଟ୍ରିଆଲ, ଲେବର ଏବଂ କୋଅପରେଟିଭ୍ ଭଳି ଟ୍ରିବ୍ୟୁନାଲ ଏହି ବିଲଡିଂରେ ରହିବ। ବିଲ୍ଡିଂରେ ମୋଟ୍ ୯ଟି ଲିଫ୍ଟ ରହିଛି। ୫ଟି ସାଧାରଣ ଲୋକଙ୍କ ପାଇଁ, ୪ଟି ବିଚାରପତିଙ୍କ ପାଇଁ। ଏହାବ୍ୟତୀତ ସାଧାରଣ ଜନତାଙ୍କ ପାଇଁ ବିଶ୍ରାମାଗାର ସହ ସୂଚନା ନିମନ୍ତେ ବଡ଼ ବଡ଼ ଏଲ୍ଇଡି ବ୍ୟବସ୍ଥା କରାଯାଇଛି। ୬ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ ନାଲି କୋଠା ଦ୍ୱାରା କେବଳ ଯେ ଓକିଲ ମହକିଲ ସୁବିଧା ପାଇବେ ତା'ନୁହେଁ। ଗ୍ରାଉଣ୍ଡ ଫ୍ଲୋର ସହ ଅଣ୍ଡରଗ୍ରାଉଣ୍ଡ ଡବଲ ଷ୍ଟୋରେଜ ପାର୍କିଂ ବ୍ୟବସ୍ଥା ଯୋଗୁ, ଦୂର ହେବ ପାର୍କିଂ ସମସ୍ୟା। ଏଠାରେ ୪୫୦ଟି କାର ଓ ୧ ହଜାର ଟୁ-ହ୍ୱିଲର ରହିପାରିବ। କୋର୍ଟ କଂପ୍ଲେକ୍ସଟି ସଂପୂର୍ଣ୍ଣ ସିସିଟିଭି ଘେରରେ ରହିଛି। ୧୯୮୦ରୁ ୨୦୨୪। ୪ ଦଶନ୍ଧିରୁ ଅଧିକ ସମୟ ଧରି ଏହି କୋଠାରେ ଚାଲିଆସୁଥିଲା ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟ। ଏବେ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଗଢ଼ି ଉଠିଥିବା ନ୍ୟାୟିକ ପରିସର, ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଓଡ଼ିଶାରେ ସୁନା ଖଣି



ଭୁବନେଶ୍ୱର ୦୫।୧୨ : କେନ୍ଦୁଝରର ଏବଂ ଦେବଗଡ଼ ଜିଲ୍ଲାରେ ମିଳିଲା ସୁନା ଖଣିର ସନ୍ଧାନ। ଦେବଗଡ଼ ଜିଲ୍ଲାର ରାମପଲୀ ଓ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଞ୍ଚଳରେ ସୁନା ଖଣିର ସନ୍ଧାନ ମିଳିଛି। ଖଣି ମନ୍ତ୍ରୀ ବିଭୂତି ଜେନା ଏନେଇ ବିଧାନସଭାରେ ବିବୃତ୍ତି ରଖିଛନ୍ତି। ବିଧାନସଭାରେ ବିଧାୟକ ଅଶ୍ୱିନୀ ପାତ୍ର ଏବଂ ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ଦେବଗଡ଼ ଜିଲ୍ଲାର ଆଡାସ-ରାମପଲ୍ଲୀ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଦ୍ୱାରା ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସରିଛି। କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଞ୍ଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସନ୍ତୋଷଜନକ ଫଳାଫଳ ବାହାରିଛି। ଏହି ସବୁ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ସହଭାଗିତାରେ ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି। ଅନୁସନ୍ଧାନକାରୀ ସଂସ୍ଥାମାନେ ଚୁଡାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ମହାରାଷ୍ଟ୍ରରେ ଆରମ୍ଭ ହେଲା ଫଡନାବିସ ସରକାର



ମହାରାଷ୍ଟ, ୦୫/୧୨: ସବୁ କଳ୍ପନାଜଳ୍ପନାର ଘଟିଲା ଅନ୍ତ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଦେବେନ୍ଦ୍ର ଫଡନାବିସ। ତୃତୀୟ ଥର ପାଇଁ ମହାରାଷ୍ଟ୍ରରେ ଆରମ୍ଭ ହେଲା ଫଡନାବିସ ସରକାର। ଫଡନାବିସଙ୍କ ସହ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଏନସିପି ମୁଖ୍ୟ ଅଜିତ ପାୱାର ଓ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ। ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ରାଜ୍ୟପାଳ ସିପି ରାଧାକୃଷ୍ଣ। ତେବେ ଏମାନଙ୍କ ବ୍ୟତୀତ ଆଉ କେହି ମନ୍ତ୍ରୀ

### ସିନ୍ଦେ-ପାୱାର ଡେପୁଟି

ଭାବେ ଶପଥ ନେଇ ନାହାନ୍ତି। ମୁମ୍ବାଇସ୍ଥିତ ଆଜାଦ ମୈଦାନରେ ଶପଥ ଗ୍ରହଣ ପାଇଁ ଭବ୍ୟ ଆୟୋଜନ ହୋଇଥିଲା। ସନ୍ଧ୍ୟା ସାଢ଼େ ୫ଟାରେ ଶପଥ ନେଇଥିଲେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ। ତାଙ୍କ ପରେ ଏକନାଥ ସିନ୍ଦେ ଓ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଓ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏଥିରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି ସମେତ କ୍ରୀଡ଼ା, ଫିଲ୍ମ ଓ ଶିଳ୍ପ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥିଲା। ଶପଥ ଗ୍ରହଣ ପୂର୍ବରୁ ସେଠାରେ ସଚିନ ତେନ୍ଦୁଲକରଙ୍କ ସମେତ ଅମ୍ବାନୀ ପରିବାର ସଦସ୍ୟ, ସଲମାନ ଖାନ, ଶାହରୁଖ ଖାନ, ରଣବୀର ସିଂହଙ୍କ ପରି ବହୁ ଅଭିନେତା ଓ ଅଭିନେତ୍ରୀ ପହଞ୍ଚିଥିଲେ।

## ବିଧାନସଭାରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ପାରିତ

### ପ୍ରତିଟି ରାଜ୍ୟବାସୀଙ୍କ ମୁଣ୍ଡରେ ୨୦୧୭୭ଟଙ୍କାର ରଣବୋଝ





ଭୁବନେଶ୍ୱର,୦୫/୧୨: ଚଳିତବର୍ଷ ଅକ୍ଟୋବର ମାସ ଶେଷସୁଦ୍ଧା ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡରେ ୨୦୧୭୭ଟଙ୍କାର ରଣବୋଝ ରହିଛି । କିନ୍ତୁ ଏହି ରଣବୋଝ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ କମ୍ । ତେଣୁ ରାଜ୍ୟର ରଣଭାର ଓ ମୁଣ୍ଡପିଛା ରଣକୁ ନେଇ ବିଧାୟକମାନେ ଚିନ୍ତା ବ୍ୟକ୍ତ କରିବାର ଆବଶ୍ୟକତା ନାହିଁ। ଆଜି ଏଭଳି ଢଙ୍ଗରେ ବିଧାନସଭାରେ ଅର୍ଥ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ମତ ରଖିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହାସହିତ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୨୧୫୫ କୋଟି ୭୩ଲକ୍ଷ ୫୧ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ ନିମନ୍ତେ ବ୍ୟୟମଞ୍ଜୁରୀ ବିଲ ମଧ୍ୟ ଆଜି ଅନୁମୋଦନ ଲାଭ କରିଛି । ବ୍ୟୟମଞ୍ଜୁରୀ ବିଲ୍ ଉପରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନଙ୍କ ଆଲୋଚନା ପରେ ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, କେତେକ ବିଧାୟକ ରାଜ୍ୟର ରଣବୋଝ ଓ ମୁଣ୍ଡପିଛା ରଣକୁ ନେଇ ଚିନ୍ତା ବ୍ୟକ୍ତ କରଇଛନ୍ତି । ତେବେ ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ-୨୦୦୫ ଅନୁଯାୟୀ ରାଜ୍ୟର ରଣଭାର ରାଜ୍ୟ ସକାଳ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଜରୁରୀ । ରାଜ୍ୟ ମହାଲେଖାକାରଙ୍କଠୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ବଳକା ସ୍ଥିତି ବଜାୟ ଥିବାବେଳେ ରଣଭାର ମୋଟ ରାଜ୍ୟ ଜିଡିପି ଅନୁପାତ ୧୦.୧୨ ପ୍ରତିଶତ ରହିଛି । ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ମଧ୍ୟ ୧.୮୫ ପ୍ରତିଶତରେ ସୀମିତ ରହିଛି । ତେଣୁ ଏସବୁ ବିତ୍ତୀୟ ସୂଚକାଙ୍କ ଧାର୍ଯ୍ୟ ସୀମା ତୁଳନାରେ ଯଥେଷ୍ଟ ତଳେ ରହିଅଛି । ଚଳିତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଆମର ରଣଭାର ଗତବର୍ଷ ଶେଷର ରଣଭାର ତୁଳନାରେ ୨୫୯୭କୋଟି ହ୍ରାସ ପାଇଛି । ଶ୍ରୀ ହରିଚନ୍ଦନ ଆହୁରି ମଧ୍ୟ କହିଛନ୍ତି ଯେ, ଚଳିତବର୍ଷ ରାଜ୍ୟ ସରକାର ସମ୍ବଳ ସଂଗ୍ରହ ନେଇ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ହାସଲ କରିପାରିବେ । ଚଳିତ ଆର୍ଥିକ ବର୍ଷର ନଭେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ମୋଟ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୧୦ ପ୍ରତିଶତ ବୃଦ୍ଧି ହାସଲ ହୋଇଛି । ଏହା ବଜେଟ୍ ଆକଳନର ୫୪.୫% ଅଟେ । କେନ୍ଦ୍ରୀୟ ସହାୟତାରେ ବୃଦ୍ଧି ହୋଇଛି । ଜିଏସଟି, ଅବକାରୀ ଶୁଳ୍କ, ଯାନବାହନ ଟିକସ ଓ ଡିଭିଡେଣ୍ଡ ସଂଗ୍ରହରେ ମଧ୍ୟ ବୃଦ୍ଧି ହୋଇଛି । ଚଳିତ ଆର୍ଥିକ ବର୍ଷରେ ବଜେଟ୍ ଆକଳନ ଅନୁସାରେ ଧାର୍ଯ୍ୟ ରାଜସ୍ୱ ଆଦାୟ ଲକ୍ଷ୍ୟ ବର୍ଷ ଶେଷରେ ହାସଲ କରାଯାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ବର୍ଷ ଶେଷସୁଦ୍ଧା ଆମେ ବଜେଟ ଅର୍ଥର ପୂର୍ଣ୍ଣ ବିନିଯୋଗ କରିପାରିବୁ ଓ ସରକାରଙ୍କ ସମସ୍ତ ଯୋଜନାର ଲାଭ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବାରେ ସଫଳ ହେବୁ । ସାଧାରଣ ନିର୍ବାଚନ ଯୋଗୁ ସରକାରୀ ବଜେଟ୍ ଖର୍ଚ୍ଚ ପ୍ରଭାବିତ ହୋଇଛି । ତଥାପି ୨୦୨୪ ନଭେମ୍ବର ଶେଷ ସୁଦ୍ଧା ବଜେଟ ବିନିଯୋଗ ହାର ଗତବର୍ଷ ତୁଳନାରେ ମାତ୍ର ୨.୮% କମ୍ ହୋଇଛି । ନିୟମିତ ଭାବେ ଉଚ୍ଚସ୍ତରୀୟ ବୈଠକରେ ଉଭୟ ଆୟ ଓ ବ୍ୟୟର ସମୀକ୍ଷା କରାଯାଉଛି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ୨୦୩୬ ମସିହାରେ ବିକଶିତ ଓଡ଼ିଶା ଗଠନ ପାଇଁ ସାରା ରାଜ୍ୟ ଅଂଟା ଭିଡିଛି । ଭିଜନ ଦସ୍ତାବିଜ ପାଇଁ ଏପର୍ଯ୍ୟନ୍ତ ୨ଲକ୍ଷ ଲୋକଙ୍କ ମତାମତ ମିଳିଛି । ଯାହା ବିକଶିତ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ମଜଭୁତ କରୁଛି । ଏମିତି ବିପୁଳ ମତାମତ ପାଇଁ ଓଡ଼ିଶାବାସୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ବିଜେପି ସରକାର ନିଜର ବିଭିନ୍ନ ଯୋଜନା ପାଇଁ ଏହି ବ୍ୟୟବରାଦରେ ଅତିରିକ୍ତ ବ୍ୟବସ୍ଥା କରିଥିବାବେଳେ ନୂତନ ଭାବେ ଆରମ୍ଭ ହେବାକୁ ଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା,ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଧାନର ଏମଏସପି ଉପରେ ଇନପୁଟ ସବସିଡି ସମେତ ସୁଭଦ୍ରା ଭଳି ଯୋଜନା ପାଇଁ ମଧ୍ୟ ଅର୍ଥବରାଦ ଏହି ଅତିରିକ୍ତ ବଜେଟରେ ହୋଇଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

## ଓଡ଼ିଶାରେ ବନ୍ଦ ହେବ ଗୋ ହତ୍ୟା


ଭୁବନେଶ୍ୱର,୦୫/୧୨: ରାଜ୍ୟ ସରକାର ଗୋବଂଶ ବୃଦ୍ଧି ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଗୋବଂଶ ବୃଦ୍ଧି ସହିତ ଗୋପାଳକଙ୍କର ଉନ୍ନତି ପାଇଁ ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି। ଏଥିରେ କାମଧେନୁ ଯୋଜନା ମଧ୍ୟ ସାମିଲ ରହିଛି। ସରକାର ଏବେ ଗୋବଂଶ ବୃଦ୍ଧି ସହିତ ଏମାନଙ୍କର ସୁରକ୍ଷା ପାଇଁ ପଦକ୍ଷେପ ନେଇଥିବା ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଗୋ ହତ୍ୟା ବନ୍ଦ ହେବ। ଆସାମ ପରି ଓଡ଼ିଶାରେ ମଧ୍ୟ ଗୋ ହତ୍ୟା ବନ୍ଦ ପାଇଁ କଡ଼ା ଆଇନ ଆସିବ। ରାଜ୍ୟ ସରକାର ଖୁବ ଶୀଘ୍ର ଆଇନ ସହ ବିଲ୍ ଆଣିବାକୁ ବିଚାର କରୁଛନ୍ତି। ଗୋ ଚାଲାଣ ଓ ଗୋ ହତ୍ୟା ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ଅଛି। ଚଳିତ ବିଧାନସଭା ଅଧିବେଶନରେ କିଛି ପ୍ରାଇଭେଟ୍ ବିଲ ଆସିବାକୁ ଯାଉଛି। ଏଥିରେ ଗୋ ହତ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିପାରେ। ଅନ୍ୟପଟରେ ରାଜ୍ୟ ଗୋ ହତ୍ୟା ରୋକିବା ପାଇଁ ଆସିବାକୁ ଥିବା ବିଲକୁ ନେଇ ବିରୋଧୀ ଦଳର ନେତାମାନେ କଟାକ୍ଷ କରିଛନ୍ତି। ବିଜେଡି କହିଛି, ପ୍ରଥମେ ଚିହ୍ନଟ କରାଯାଉ, କେଉଁ ଦଳର ଲୋକ ଗୋ ଚାଲାଣ କରି ଗୋମାଂସ ବିକ୍ରି କରୁଛନ୍ତି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କୁ ଟାର୍ଗେଟ ନକରିବାକୁ ଦଳ କହିଛି। କଂଗ୍ରେସ ମଧ୍ୟ ସମାନ ଢଙ୍ଗରେ ସରକାରଙ୍କୁ କଟାକ୍ଷ କରିଛି। ବିଦେଶକୁ ଗୋମାଂସ ପଠାଇବାରେ ଉତ୍ତରପ୍ରଦେଶ ପ୍ରଥମ, ଦ୍ୱିତୀୟରେ ମଧ୍ୟପ୍ରଦେଶ ରହିଛି। ସେଠାରେ ମାଂସ'କୁ କାଟିବାକୁ ଫ୍ୟାକ୍ଟ୍ରି ହୋଇଛି। ସେଥିରେ କେଉଁ ଦଳ ସଂପୃକ୍ତ, ତାହା ଜାଣିବା ଦରକାର।

## ବିଗତ ୩ ବର୍ଷରେ ବଜ୍ରପାତ ନେଲାଣି ୧୦୫୭ ଜୀବନ

ଆକାଶରୁ ଅଗ୍ନି ବର୍ଷା ହେଉଛି। ଯେଉଁଥିପାଇଁ ଯାଉଛି ସାଧାରଣ ଲୋକଙ୍କ ଜୀବନ। ଗତ ୩ ବର୍ଷରେ ବଜ୍ରପାତ ଯାଇଛି ୧୦୫୭ ଜୀବନ। ଆଜି ବିଧାନସଭାରେ ଉତ୍ତର ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବିଧାୟକଙ୍କ ପ୍ରଶ୍ନରେ ଶ୍ରୀ ପୂଜାରୀ କହିଛନ୍ତି, କେବଳ ଗତ ୭ ମାସରେ ବଜ୍ରପାତରେ ୨୦୧ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୨୩-୨୪ ବର୍ଷରେ ୨୭୨ ଜଣଙ୍କର ବଜ୍ରପାତଜନିତ ମୃତ୍ୟୁ ହୋଇଛି। ୨୦୨୨-୨୩ରେ ୩୦୬ ଜଣଙ୍କର ଜୀବନ ନେଇଛି ବଜ୍ରପାତ। ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ ଜିଲ୍ଲାରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ଅଧିକ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ବଢ଼ି ଚାଲିଥିବା ବଜ୍ରପାତ ଜନିତ ମୃତ୍ୟୁକୁ କେମିତି ରୋକା ଯାଇପାରିବ ପାଣିପାଗ ବିଶେଷଜ୍ଞଙ୍କ ମତରେ ପୂର୍ବରୁ ଗ୍ରାମାଞ୍ଚଳରେ ପ୍ରତି ବିଲ ହୁଡ଼ାରେ ତାଳଗଛ ଥିଲା। ସେହି ତାଳଗଛ ବଜ୍ର ସୁରକ୍ଷା ଯନ୍ତ୍ର ଭଳି କାମ କରୁଥିଲା। ବଜ୍ରପାତ ହେଲେ, ସୁଉଚ୍ଚ ହୋଇଥିବାରୁ ବିଜୁଳି ତାଳ ଗଛ ଉପରେ ପଡୁଥିଲା। ତାହାର ପ୍ରଭାବରେ ତାଳ ଗଛ ନଷ୍ଟ ହୋଇଯାଉଥିଲା। କିନ୍ତୁ ବିଲ ବାଡ଼ିରେ କାମ କରୁଥିବା ଲୋକେ ବର୍ତ୍ତି ଯାଉଥିଲେ। ସମୟକ୍ରମେ ତାଳଗଛ ସଂଖ୍ୟା କମିବାରେ ଲାଗିଛି। ଫଳରେ ବର୍ଷା ଓ ବିଜୁଳି ଘଡ଼ଘଡ଼ି ମାରିବା ସମୟରେ ଲୋକମାନେ ବିଲ ଆଖପାଖରେ ଥିବା ଝଙ୍କାଳିଆ ଗଛ ତଳେ ଆଶ୍ରୟ ନେଉଛନ୍ତି ଓ ବଜ୍ରପାତର ଶିକାର ହେଉଛନ୍ତି।



## ଭଡ଼ାରେ ଲାଗିବ ଅବ୍ୟବହୃତ ସରକାରୀ ଜମି ଓ କୋଠା





ଭୁବନେଶ୍ୱର, ୫/୧୨: ବର୍ଷବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିଥିବା ସରକାରୀ ଜମି ଏଣିକି ଭଡ଼ାରେ ଲାଗିବ । ରାଜଧାନୀ ଭୁବନେଶ୍ୱରରେ ଥିବା ସରକାରୀ ଜମିଗୁଡ଼ିକର ମଧ୍ୟ ସଦୁପଯୋଗ କରାଯିବ। ଜିଲ୍ଲାଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଖାଲି ପଡ଼ିଥିବା ପ୍ରମୁଖ ସରକାରୀ ଜମି ଓ କୋଠାଗୁଡ଼ିକର ଉପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ କରାଯିବ। ଏପରିକି ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ନିଆଯାଇଥିବା ବୃହତ୍ ଜମି ଓ ନିର୍ମିତ କୋଠା ଯଦି କାର୍ଯ୍ୟରେ ଲାଗୁ ନଥିବ ସେସବୁକୁ ମଧ୍ୟ ଯଥାର୍ଥ ଉପଯୋଗ କରି ଅର୍ଥ ଉପାର୍ଜନ କରାଯିବ। ଏଭଳି ଢଙ୍ଗରେ ବିଭିନ୍ନ ବିଭାଗର ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ସଚିବ ମନୋଜ ଆହୁଜା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅବ୍ୟବହୃତ ସରକାରୀ ଜମି ଓ କୋଠାଗୁଡ଼ିକର ସଦୁପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ଆନୁଷ୍ଠାନିକ କୌଶଳ ଆପଣାଇବା ନିମନ୍ତେ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ନିଜ ବିଭାଗ ଅଧୀନରେ ଥିବା ବୃହତ୍ କୋଠା ଅବା ଜମିକୁ ଚିହ୍ନଟ କରିବାକୁ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ବିଶେଷକରି ଜିଲ୍ଲାଗୁଡ଼ିକରେ ଥିବା ଆଦିବାସୀ ସଂଗ୍ରହାଳୟ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ(ଆଇଆଇସି)ଗୁଡ଼ିକ ଉଦ୍ଦିଷ୍ଟ କାର୍ଯ୍ୟରେ ଉପଯୋଗ ହେଉନାହିଁ । ତେଣୁ ସମ୍ପୃକ୍ତ ବିଭାଗଗୁଡ଼ଇକ ଏସବୁ ସରକାରୀ ସମ୍ପତ୍ତିର ସଦୁପଯୋଗ କରି ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ପିପିପି ମଡେଲ ସମେତ ଯଥାର୍ଥ ଆବଶ୍ୟକ କୌଶଳ ଆପଣାଇବାକୁ ମୁଖ୍ୟ ସଚିବ କହିଛନ୍ତି। ସେହିପରି ବିଭିନ୍ନ ସରକାରୀ ବିଭାଗ ଓ ସରକାରଙ୍କ ସଂସ୍ଥାଗୁଡ଼ିକ ପାଖରେ ବୃହତ୍ କୋଠା ଓ ସରକାରୀ ଜମି ରହିଛି ଯାହାକି ବିଶେଷ ବ୍ୟବହାରରେ ଲାଗୁନି। ଅବା ଯେଉଁଥିପାଇଁ ତାହା ନିର୍ମାଣ ଅବା ଆବଂଟିତ ହୋଇଥିଲା ସେ କାର୍ଯ୍ୟରେ ଲାଗୁନି । ସେସବୁ କୋଠା ଓ ଜମିକୁ ଚିହ୍ନଟ କରି ଯଥାର୍ଥ ପରିଚାଳନା ମଡେଲ ମାଧ୍ୟମରେ ତା'ର ବିକଳ୍ପ ଉପଯୋଗ କରିବାକୁ ମଧ୍ୟ କୁହାଯାଇଛି । ଶ୍ରୀ ଆହୁଜା ଆହୁରି ମଧ କହିଛନ୍ତି ଯେ, ଭୁବନେଶ୍ୱରରେ ଜାତୀୟସ୍ତରର ବହୁ ଅନୁଷ୍ଠାନ ସ୍ଥାପନ ପାଇଁ ଜମିର ଆବଶ୍ୟକତା ରହିଛି । ତେଣୁ ସମସ୍ତ ବିଭାଗ ଏସବୁ ଅନୁଷ୍ଠାନର ତାଲିକା ପ୍ରସ୍ତୁତ କରି ତୁରନ୍ତ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଲେ ସେହି ଜାତୀୟ ସଂସ୍ଥାଗୁଡ଼ିକୁ ଜମି ଆବଂଟନ ପ୍ରକ୍ରିୟାକୁ ସାଧାରଣ ପ୍ରଶାସନ ବିଭାଗ ତ୍ୱରାନ୍ୱିତ କରିପାରିବ ବୋଲି ମୁଖ୍ୟ ସଚିବ କହିଛନ୍ତି । ଏପଟେ ଆଜି ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାରୀ ଜମି ଜବରଦଖଲକାରୀଙ୍କ ଉପରେ ବୁଲଡୋଜର ଚଢ଼ିବ ବୋଲି ତାଗିଦ୍ କରିଛନ୍ତି । ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରି ବଡ଼କୋଠା ନିର୍ମାଣ କରିଛନ୍ତି ମୋନଙ୍କ ଘର ଉପରେ ବୁଲଡୋଜର ବୁଲିବ ବୋଲି ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ, ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ରାଜଧାନୀ ଭୁବନେଶ୍ୱରରେ ମୋଟ ୨୪,୯୯୦ ଏକର ଜମି ଥିବାବେଳେ ସେଥିରୁ ୪୯୬.୦୪୫ ଏକର ଜମି ଏବେ ଜବରଦଖଲରେ ରହିଛି ।

# ବେଗୁନିଆପଡା ବ୍ଲକରେ ପ୍ରବାସୀ ଶ୍ରମିକ ମାନଙ୍କୁ ଭତ୍ତା ଓ ଖାଉଟି କାର୍ଡ ବଣ୍ଟନ କଲେ ବିଧାୟକ



ବେଗୁନିଆପଡା,୦୫/୧୨ (ନି.ପ୍ର): କିଏ ନ ଦେଖିଲେ ମଧ ଭଗବାନ ସବୁ ଦେଖୁଛନ୍ତି । ତେଣୁ ଜନ ସେବା କରିବା ପାଇଁ ଆମ୍ଭ ମାନଙ୍କୁ ପ୍ରତିନିଧି ଭାବେ ପଠେଇଛନ୍ତି । ତେଣୁ କୌଣସି ଜଣେ ଲୋକ ବି ଯେମିତି ହଇରାଣ ନହେଉ କିମ୍ବା ସରକାରଙ୍କ ଯୋଜନାରୁ ବଞ୍ଚିତ ନ ରହୁ । ସମସ୍ତେ ଦଳ ଗତ ନିର୍ବିଶେଷରେ ଲୋକଙ୍କ ସେବା କରିବା ଉଚିତ । ଏ ବାର୍ତ୍ତା ଥିଲା କବିସୂର୍ଯ୍ୟନଗର ମାନ୍ୟବର ବିଧାୟକ ଶ୍ରୀ ପ୍ରତାପ ନାୟକଙ୍କ ର । କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଗୁନିଆପଡା ବ୍ଲକ ରେ ଖାଉଟି କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା ,ବିଧବା ଭତ୍ତା କାର୍ଡ ବଣ୍ଟନ ଅବସରରେ ସମସ୍ତ ଜନ ପ୍ରତିନିଧି ଏବଂ ହିତାଧିକାରୀ ମାନଙ୍କୁ କହିଥିଲେ ବିଧାୟକ । ବେଗୁନିଆପଡା ବ୍ଲକ ପରିସରରେ ମାନ୍ୟବର ବିଧାୟକ ଶ୍ରୀ ନାୟକ ଯୋଗଦେଇ ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କ ଖାଉଟି କାର୍ଡ ଏବଂ ଭତ୍ତା କାର୍ଡ ବଣ୍ଟନ କରିଥିଲେ । ଏହା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯେପରି ପ୍ରତ୍ୟେକ ଲୋକ ପାଇବେ ସେ ନେଇ ମଧ ସମସ୍ତ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ସୂଚନା ଅନୁଯାଇ ୨୦୭୨ ଖାଉଟି କାର୍ଡ ଏବଂ ୩୦୧ ଭତ୍ତା କାର୍ଡ ବଣ୍ଟନ କରାଯାଇଥିଲା । ଯାହାକୁ ନେଇ ହିତାଧିକାରୀ ଖୁସି ବ୍ୟକ୍ତ କରିଛନ୍ତି । ଦୀର୍ଘ ଚାରି ବର୍ଷ ପରେ ନୂତନ ଭାବେ ପଞ୍ଜିକୃତ ହୋଇଥିବା ଖାଉଟି କାର୍ଡ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଥିବା ଯୋଗୁଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧାକ୍ଷ ସୁଧାକର ପ୍ରଧାନ,ବିଡିଓ ସସ୍ମିତା ଶତପଥି, ଏବିଡିଓ ନିରଞ୍ଜନ ବେହେରା, ଯୋଗାଣ ଅଧିକାରୀ ଉମାକାନ୍ତ ସେଠୀ,ବିଏସଏସଓ ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ । ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ବର୍ତମାନ ଏହି କାର୍ଡ ପଞ୍ଜିକରଣ ଆରମ୍ଭ ହୋଇଥିବା ବେଳେ ଆଗକୁ ପାଖାପାଖି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯିବ ବୋଲି ସୂଚନା ଦେଇଥିଲେ ବିଧାୟକ । ଏବଂ ଯେଉଁ ମାନେ ବର୍ତମାନ ସମୟରେ ଏହି ଯୋଜନାରୁ ବାଦ ପଡିଛନ୍ତି ପର୍ଯ୍ୟାୟ କ୍ରମେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଡିଓ ଙ୍କ ଜରିଆରେ ନିର୍ଦ୍ଧେଶ ଦେଇଥିଲେ ବିଧାୟକ ।

# ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ, ଗଂଜାମ ଜିଲ୍ଲା ପକ୍ଷରୁ ୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ

ବ୍ରହ୍ମପୁର, ୦୫/୧୨ (ନି.ପ୍ର): ଓଡିଶା ରାଜ୍ୟ ଅବସର ପ୍ରାପ୍ତ କର୍ମଚାରୀ ମହାସଂଘ ଡ଼ାକରାରେ ଗଂଜାମ ଜିଲ୍ଲା ପକ୍ଷରୁ ପେନସନର ମାନଙ୍କ ନ୍ୟାଯ୍ୟଦାବି ଯଥା :ସମସ୍ତ ପେନ୍ସନର ମାନଙ୍କୁ ଚିକିତ୍ସାଭତ୍ତା, କୋଭିଡ ସମୟରେ ଅଟକ ରଖିଥିବା ୧୮ ମାସର ମହଙ୍ଗାଭତ୍ତା ପ୍ରଦାନ, ସମସ୍ତଙ୍କୁ ପୁରୁଣା ପେନସନ ଦେବା, ପୂର୍ବଭଳି ବରିଷ୍ଠ ନାଗରିକ ମାନଙ୍କୁ ରେଳଯାତ୍ରାରେ ରିହାତି ଦେବା, କେନ୍ଦ୍ର ଅନୁରୂପ ପୁରା ପେନସନ ପାଇଁ ୨୫ ବର୍ଷ ପରିବର୍ତ୍ତେ ୨୦ କରାଯାଉ, ପି.ଜି.ପି.ଏ. ବିଭାଗର ପୁନଃ ସ୍ଥାପନ କରାଯାଉ , ଅତିରିକ୍ତ ପେନସନ ୬୫ ବର୍ଷରୁ ପ୍ରତି ୫ ବର୍ଷରେ ୫% ଅନୁପାତରେ ଦିଆଯିବା, ଏଲିମେଣ୍ଟାରୀ ଶିକ୍ଷକ ମାନଙ୍କୁ ୧୬.୫ ମାସର ଗ୍ରାଚୁଇଟି ପ୍ରଦାନ, ପେନସନ ନିର୍ଧାରଣରେ ହୋଇଥିବା ତ୍ରୁଟିକୁ ସଂଶୋଧନ କରିବା ଆଦି ୯ ଦଫା ଦାବୀନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ବିକ୍ଷୋଭ କରାଯାଇଥିଲା ଓ ୯ ଦଫା ସମ୍ବଳିତ ଦାବି



ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁପସ୍ଥିତିରେ ଶ୍ରୀ ରାମେଶ୍ୱର ପ୍ରଧାନ ଅତିରିକ୍ତ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନବ୍ଲକର ପେନ୍ସନର ଙ୍କ ସହ ଜିଲ୍ଲା ସଂଗଠନର ସଭାପତି ଡି.ମୋହନ ରାଓ, ଇଶ୍ୱଭ ଗୁପ୍ତା,ଶଙ୍କର୍ଷଣ ପାତ୍ର ପୂର୍ବତନ ସଭାପତି କେ.ନନ୍ଦେଶୁ ସେନାପତି, କୃଷ୍ଣ ଚନ୍ଦ୍ର ଦାସ, ନୀଳାଞ୍ଚଳ ମିଶ୍ର ,ମହର୍ଷି ସିଂ ବିଜୟ କୁମାର ପଣ୍ଡା , ଡି.ଗୁରୁମୂର୍ତି ପାତ୍ର, ନିରାକାର ସାବତ ବି. ରଙ୍ଗା, ଏମ୍.ନରସିଂହା,ବସନ୍ତ କୁମାର ପାତ୍ର, ପ୍ରଦୀପ କୁମାର ଦାସ, କୃଷ୍ଣ ଚନ୍ଦ୍ର ଦାସ, କୈଳାଶ ଚନ୍ଦ୍ର ସାହୁ, ଦେବରାଜ ଖୁଟିଆ, ବିଜୟ ଚନ୍ଦ୍ର ଚୌଧୁରୀ,ଉଦୟ ନାଥ ଚୌଧୁରୀ, ସନ୍ତୋଷ କୁମାର ସାହୁ, ନାରାୟଣ ପାଣିଗ୍ରାହୀ,ଅମୂଲ୍ୟ ପଣ୍ଡା, ଅମୀୟ ଚନ୍ଦ୍ର ସାବତ ,ପ୍ରଫୁଲ୍ଲ ଚନ୍ଦ୍ର ପତ୍ର, ଚିକିଟି ସଂଗଠନରୁ ଅମୂଲ୍ୟ ଚନ୍ଦ୍ର ପଣ୍ଡା, ବି.ଧର୍ମା ରାଓ , ଭଗବାନ ବେହେରା,ସୋମନାଥ ରାଉତ, ଏନ.ପି.ବେହେରା, ରଙ୍ଗେଇଲୁଣ୍ଡା ବ୍ଲକ ସଂଗଠନରୁ ନୀଳମାଧବ ଷଡଙ୍ଗୀ, କେ.କୃଷ୍ଣ ମୂର୍ତ୍ତି, ପୀତବାସ ମିଶ୍ର, ବସନ୍ତ କୁମାର ନାୟକ, ଟି.ଚନ୍ଦ୍ରଶେଖର ଅଚାରୀ, ହଡିବନ୍ଧୁ ଡାକୁଆ, ଗୁଣମଣି ସାହୁ, ବୁଗୁଡ଼ାରୁ ଯୋଗୀ ନାୟକ, ଗୋପାଳ ନାୟାକ ହିଂଳିକାଟୁର ସହସ୍ରାନମ ପାଠୀ ଶତାଧିକ ପେନ୍ସନର ଯୋଗଦେଇଥିବା କର୍ମଚାରୀ ଗଂଜାମ ଜିଲ୍ଲା ସଭାପତି ଡି.ମୋହନ ରାଓ ଜଣାଇଛନ୍ତି।

# ଜବହାର ନବୋଦୟ ଓ ଆଦର୍ଶ ବିଦ୍ୟାଳୟ ନମୁନା ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ପାତ୍ରପୁର,୦୫/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ କେଶରୀପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭେଜିପଦର ପ୍ରାଥମିକ ବିଦ୍ୟାଳୟ ଓ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ଶନିବାର ଦିନ ଜବାହାର ନବୋଦୟ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ନମୁନା ପ୍ରବେଶିକା ପରୀକ୍ଷା ଆୟୋଜିତ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାର ସ୍ୱରୂପ ରଞ୍ଜନ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଫୁଲ୍ଲ କୁମାର, ଆର୍ ଚିନାୟା ସେଠୀ,ପାଢୀ,ଭେଜିପଦ୍ର ପ୍ରାଥମିକ ବିଦ୍ୟାଳୟ ସଭାପତି ଏ ଯୋଗା ରାଓ, ପ୍ରଧାନ ଶିକ୍ଷକ ବି ତୁଳସି ରେଡ଼ି ଓ ଭେଜିପଦ୍ର ଗ୍ରାମର ଭଦ୍ରବ୍ୟକ୍ତି ସ୍ୱାମୀ ଉପସ୍ଥିତ ଥିଲେ। ଉକ୍ତ ନମୁନା ପ୍ରବେଶିକା ପରୀକ୍ଷାରେ ପାତ୍ରପୁର ବ୍ଲକର ଅଧିକାଂଶ



ବିଦ୍ୟାଳୟରୁ ପ୍ରାୟ ୨୨୦ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ସକାଳ ୧୧ ଘଣ୍ଟା ସମୟରେ ନମୁନା ପରୀକ୍ଷା ଆରମ୍ଭ କରି ସାଢେ ଏକ ଘଣ୍ଟାରେ ଶେଷ ହୋଇଥିଲା। ୨୨୦ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଥିବା ବେଳେ ସେଥିରୁ ଭଲ ମାର୍କ ରଖିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନମୁନା ପ୍ରବେଶିକା ପରୀକ୍ଷାରେ ଟପ ୧୦ ଜଣ ଛାତ୍ରଛାତ୍ରୀ ଓ ଜବାହାର ନବୋଦୟ ବିଦ୍ୟାଳୟ ନମୁନା ପ୍ରବେଶିକା ପରୀକ୍ଷାରେ ଟପ ୧୦ ଛାତ୍ରଛାତ୍ରୀମାନଙ୍କୁ ଚୟନ କରି ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ସମସ୍ତଙ୍କୁ ସିଲ୍ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭେଜୀପଦ୍ର ଗ୍ରାମର ଜି ସାନମୁଖା ରେଡ଼ି,ପି କ୍ରିଷ୍ଣା ରେଡ଼ି,ପି ଅଜୟ ରେଡ଼ି,ଜି କାମାୟା ରେଡ଼ି,ବି ଦୁଦିଷ୍ଟି ଓ ବି ସୁରାୟା ବିଶେଷ ସହଯୋଗ କରିଥିଲେ। ବରଙ୍ଗ କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଭେଜୀପଦ୍ର ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା : କିସ୍ ବିଜେତା

ସାନଖେମୁଣ୍ଡି, ୦୫/୧୨ (ନି.ପ୍ର): ପାଟପୁରସ୍ଥିତ ବିଶ୍ୱାସ ରାୟ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଉଚ୍ଚମାଧମିକ ଶିକ୍ଷା ପରିଷଦ ଆନୁକୁଲ୍ୟ ରେ ରାଜ୍ୟ ସ୍ତରୀୟ ଯୁକ୍ତ ଦୁଇ ଅନ୍ତଃ ଉଚ୍ଚ ମାଧମିକ ବିଦ୍ୟାଳୟ ବାଳକ ବିଭାଗ ଖୋ ଖୋ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଅଛି। ଟୁର୍ନାମେଣ୍ଟରେ ରାଜ୍ୟର ଛଅଟି ଜୋନ୍ର ବିଜେତା ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ ରେ ପାଟପୁର ସ୍ଥିତ ବିଶ୍ୱାସ ରାୟ ବିଜ୍ଞାନ ଉଚ୍ଚମାଧମିକ ବିଦ୍ୟାଳୟ ଦଳ ସହ ଭୁବନେଶ୍ୱର ସ୍ଥିତ କିସ୍ ଉଚ୍ଚମାଧମିକ ବିଦ୍ୟାଳୟ ଦଳର ଏକ ରୋମାଞ୍ଚକର ଖେଳ ହୋଇଥିଲା। ପରିଶେଷରେ କିସ୍ ଉଚ୍ଚମାଧମିକ ବିଦ୍ୟାଳୟ ବିଜେତା ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ତହସିଲଦାର୍ ଶ୍ରୀ ରାମଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ବିଜୟୀ ଦଳ କୁ



ମାନପତ୍ର ସହ ପୁରସ୍କାର ପ୍ରଦାନ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟର କାମନା କରିଥିଲେ ଏବଂ ସମ୍ମାନନୀୟ ଅତିଥି ରୂପେ ଅଧକ୍ଷ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା, ଖେଳ ଶିକ୍ଷକ ସଂଘ ଉପଦେଷ୍ଟା ଶ୍ରୀ ସଚିଦାନନ୍ଦ ଦାଶ, ରାଜ୍ୟ ସ୍ତରୀୟ ଖେଳାଳୀ ଚୟନ କମିଟି ସଦସ୍ୟ ଶ୍ରୀ କେ. ସି. ରାଉତ ଯୋଗ ଦେଇଥିଲେ ଏବଂ ପାଟପୁର ମହାବିଦ୍ୟାଳୟରେ ଏପରି ରାଜ୍ୟସ୍ତରୀୟ କ୍ରୀଡ଼ା ଭବିଷ୍ୟତରେ କରିବା ପାଇଁ ଉତ୍ସାହ ଜ୍ଞାପନ କରିଥିଲେ। କ୍ରୀଡ଼ା ସଂସଦ ଉପ ସଭାପତି ତଥା ରସାୟନିକ ବିଜ୍ଞାନ ବିଭାଗ ମୁଖ୍ୟ ଡ କୈଳାସ ଚନ୍ଦ୍ର ସ୍ୱାଇଁ, ସହଯୋଗୀ ସଦସ୍ୟ ଅଧ୍ୟାପିକା ଡ. ଶାରଦା ପରିଚାଳନା କରିଥିଲେ। କ୍ରୀଡ଼ା ପରିଚାଳନାରେ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ ସାହୁ, ମ୍ୟାଚ ରେଫ୍ରି ଭାବେ ଦାମୋଦର ପ୍ରଧାନ, ରାମ କୃଷ୍ଣ ପାଣିଗ୍ରାହୀ, ଅମ୍ପାୟର୍ ଭାବେ ଦିଲ୍ଲୀପ ବାଘସିଙ୍ଘ, ରାଜା ସିଙ୍ଘ, ଅଜୟ ସ୍ୱାଇଁ ଏବଂ ସ୍କୋରର୍ ଭାବେ ରାକେଶ ପ୍ରଧାନ,ରାଜେନ୍ଦ୍ର ଲେଙ୍କା ପ୍ରମୁଖ ଦାୟିତ୍ୱ ତୁଲାଇ ଥିବା ବେଳେ ଶ୍ରୀକାନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ।

# ବାଣପୁର କୋର୍ଟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଣପୁର, ୦୫/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ କୋର୍ଟ ପରିସରରେ ପୋକ୍ସୋ ଆଇନ, କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଅଧିନିୟମ ଏବଂ ଉକ୍ତ ଆଇନ ଅଧୀନ ମହିଳା ପୀଡ଼ିତା ଓ ଶିଶୁ ଙ୍କ ନିମନ୍ତେ କ୍ଷତିପୂରଣ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ, ଫ୍ରଣ୍ଟ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ପୂର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ, ସୁଧୀର ପ୍ରଧାନ,ସରକାରୀ ଆଇନଜୀବୀ ଜଳଧର ପ୍ରଧାନ,ବରିଷ୍ଠ ଆଇନଜୀବୀ ବିପ୍ଳବ କୁମାର ମୁଦୁଲି,ସୁନୀଲ ମହାପାତ୍ର,ବିନୋଦ ସ୍ୱାଇଁ,ସୀତାରାମ ଅଗ୍ରୱାଲ, କାମେଶ୍ୱର ଆଚାରୀ,ଶାନ୍ତନୁ ମହାପାତ୍ର ଏବଂ ବହୁ ଆଇନଜୀବୀ ଯୋଗ ଦେଇଥିଲେ।ଏହି




ଅବସରରେ ବିଚାରପତି ଶ୍ରୀ ମହାପାତ୍ର ଶିଶୁ ମାନଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧ ଏବଂ ଦଣ୍ଡବିଧାନ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଶିଶୁମାନଙ୍କ ବିରୁଦ୍ଧରେ ହେଉଥିବା ଯୌନ ନିର୍ଯ୍ୟାତନା, ହିଂସା ଏବଂ ଯୌନ ଉଦ୍ଦୀପକ (ପର୍ଣ୍ଣଗ୍ରାଫି) ପ୍ରକାଶନ, ବିତରଣ ଏବଂ ତାହାକୁ ନିଜ ପାଖରେ ରଖିବା ଅପରାଧ ବୋଲି ବିବେଚିତ କରିଥିଲେ। ଶିଶୁଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ଲୁଚାଇରଖିବା ଏବଂ ଶିଶୁଙ୍କର ପରିଚୟ ପ୍ରକାଶ କରିବା ମଧ ଉକ୍ତ ଆଇନ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ତତସହିତ ପୀଡ଼ିତାଙ୍କ ନିମନ୍ତେ ଉକ୍ତ ଆଇନ ଅନ୍ତର୍ଗତ କ୍ଷତିପୂରଣ ବ୍ୟବସ୍ଥା ସମ୍ପର୍କରେ ମଧ ଆଲୋଚନା କରିଥିଲେ ବିଚାରପତି ଶ୍ରୀ ମହାପାତ୍ର। ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣିଥରେ ସ୍କୁଲ କୁ ଫେରାଇ ଆଣିବା ଦାୟିତ୍ୱ ସମସ୍ତ ସଚେତନ ନାଗରିକ ଙ୍କର ବୋଲି ମଧ ତାଙ୍କ ବକ୍ତବ୍ୟ ରେ କହିଥିଲେ।

# ମୁରିବାହାଲରେ ମାହେଶ୍ୱରୀ ସେନା ଏବଂ ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ମୁରିବାହାଲ, ୦୫/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ମୁଖ୍ୟାଳୟ ସ୍ଥିତ ଫରେଷ୍ଟ୍ ବଙ୍ଗଳା ଠାରେ ଆଜି ଏକ ରକ୍ତଦାନ ଶିବିର ଆୟୋଜନ ହୋଇ ଯାଇଛି । ସ୍ଥାନୀୟ ମାଁ ମାହେଶ୍ୱରୀ ସେନା ଏବଂ ବଜରଙ୍ଗ ଦଳ ମୁରିବାହାଲ ପ୍ରଖଣ୍ଡ ପକ୍ଷରୁ ଏହି ରକ୍ତଦାନ ଶିବିରର ଆୟୋଜନ ହେଇଥିଲା । ମୁରିବାହାଲ ମାହେଶ୍ୱରୀ ସେନାର ସଭାପତି ସୁବ୍ରତ୍ କୁମାର ମହାକୁର ଏବଂ ବଜରଙ୍ଗ ଦଳ ମୁରିବାହାଲର ପ୍ରଖଣ୍ଡ ସଂଯୋଜକ ପଦ୍ମଲୋଚନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ସଂପୃକ୍ତ ବ୍ଲକ୍ ଅଧକ୍ଷ ହରିବନ୍ଧୁ ମେହେର ଏବଂ ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ସି.ଏଚ୍.ସି ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ରାକେଶ ପଣ୍ଡିତ, ଡକ୍ଟର ଇପ୍ସିତା ବେହେରା,ମୁରିବାହାଲ ସିଡିପିଓ ପୂର୍ଣ୍ଣିମା ବୈଠାରୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଏହି ଶିବିରରେ ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାୟକଙ୍କ ସମେତ ପ୍ରାନ୍ତ ସହ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର ଏବଂ ଟିଟିଲାଗଡ଼ ଜିଲ୍ଲା ସଂଯୋଜକ ରାଜେଶ କୁମାର ପଟ୍ଟନାୟକ ଉପସ୍ଥିତ ରହି ବଜରଙ୍ଗ ଦଳର ଆଭିମୁଖ୍ୟ ଏବଂ ରକ୍ତଦାନର ଉପକାରିତା ସମ୍ବନ୍ଧରେ ନିଜ ନିଜର ମତ ରଖିଥିଲେ । ଏହି ରକ୍ତଦାନ ଶିବିରରେ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିବା ବେଳେ ଏଥିରେ କଣ୍ଟାବାଞ୍ଜି ରକ୍ତ ଭଣ୍ଡାରର ଟେକନିସିଏନ୍ ଗଜପତି ବେହେରା, କୁନାଲ୍ ଦାସ ଏବଂ ଶିବ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ ଏବଂ



ପ୍ରଦୀପ ମହାପାତ୍ର ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ସେହିପରି ଏଥିରେ ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ମାନସ ଖଣ୍ଡଗିରି, ବେଲପଡା ପ୍ରଖଣ୍ଡ ସଂଯୋଜକ ସୁରେଶ ଡାଙ୍ଗ,ସଇଁତଳା ପ୍ରଖଣ୍ଡ ସଂଯୋଜକ ରାକେଶ କୁମାର ସାହୁ,ଜିଲ୍ଲା ଗୋ ରକ୍ଷା ପ୍ରମୁଖ ସୁଧାଂଶୁ ପୋଢ଼ ଯାଦବ, ମୁରିବାହାଲ ଦୂର୍ଗା ବାହିନୀର ସହ ସଂଯୋଜିକା ସୋନାଲୀ ପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ କ୍ଷ

# ଦେବଗିରିରେ ପୋଡଛାପରେନଙ୍କ ମାଉଲୀ ଚୋରୋ ପର୍ବ

ଭବାନୀପାଟଣା ୦୫/୧୨ (ନି.ପ୍ର): ନର୍ଲା ବ୍ଲକ ଅନ୍ତର୍ଗତ ଦେବଗିରି ବୁଢୀପଦରର ଏକ ପ୍ରତ୍ୟକ୍ଷ ଦେବୀ ପୋଡଛାପରେନଙ୍କ ନିକଟରେ ଶନିବାର ମାଉଲୀ ଚୋରୋ ନିତି ସଂପନ୍ନ ହୋଇଛି। ଆଟବିକ ସଂସ୍କୃତିର ଏକ ମହାନ ଧାରା ମାଉଲୀ ଚୋରୋ ପର୍ବକୁ ନେଇ ବୁଢୀପଦରର ଧଙ୍ଗଡାମାଝୀ ପରିବାର ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଦେବୀ ପୋଡଛାପରେନ (ମାଉଲୀ)ଙ୍କ ସମେତ ମିର୍ଚ୍ଚୁ, ଡଙ୍ଗରବୁଢା ଓ ବାମନେନ ବୁଢୀଙ୍କ ନିକଟରେ ପାରମ୍ପରିକ ରିତିନିତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବ ପରମ୍ପରା ଅନୁଯାୟୀ ଦେବୀ ପୋଡଛାପରେନଙ୍କ ପାଖରେ ବୋଦା ବଳି ପ୍ରଦାନ କରିବା ସହ ପାର୍ଶ୍ୱ ଦେବଦେବୀମାନଙ୍କୁ କୁକୁଡ଼ା ଓ ମଦ୍ୟ ସହ ଶୁକ୍ଲ ଭୋଗ ମଧ ଅର୍ପଣ କରାଯାଇଥିଲା। ଗାଁର ସାନ ଗୌନ୍ତିଆ ଧନେଶ୍ୱର ମାଝୀ, ଧଙ୍ଗଡାମାଝୀ ପରିବାରର ପୂଜକ ସୁନୀଲ କୁମାର ଧଙ୍ଗଡାମାଝୀ, ପ୍ରଦୀପ



କୁମାର ଧଙ୍ଗଡାମାଝୀ, ସଞ୍ଜୟ କୁମାର ଧଙ୍ଗଡାମାଝୀ, ଅଜୟ କୁମାର ଧଙ୍ଗଡାମାଝୀ ପ୍ରମୁଖ ପୂଜା ନିତି ସଂପାଦନ କରିଥିଲେ। ଏଥିରେ ଗ୍ରାମର ବନ୍ଧୁ କୁଟୁମ୍ବ ସହଯୋଗ କରିଥିଲେ। ଦେବୀ ପୋଡଛାପରେନଙ୍କ ଏହି କୃଷିଭିତ୍ତିକ ବିଶେଷ ପର୍ବ ସହ ଦେବଗିରି ଅଞ୍ଚଳରେ ଚଳିତ ବର୍ଷର ମାଉଲୀ ଚୋରୋ ନିତି ସଂପନ୍ନ ହୋଇଛି।

# ପାଟପୁର କଲେଜ ପରୀକ୍ଷାଗାର ସହାୟକଙ୍କୁ ଅବସର ସମ୍ବର୍ଦ୍ଧନା

ସାନଖେମୁଣ୍ଡି, ୦୫/୧୨ (ନି.ପ୍ର): ପାଟପୁର ସ୍ଥିତ ବିଶ୍ୱାସ ରାୟ ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପରୀକ୍ଷାଗାର ସହାୟକ ଶ୍ରୀ ହରିପ୍ରସାଦ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧକ୍ଷ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦନା କରିଥିଲେ ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ସ୍ୱାଇଁ । ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନେ ଯୋଗ ଦେଇ ହରି ପ୍ରସାଦ ନାୟକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅଧକ୍ଷ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ସମେତ ଅନ୍ୟ ଅଧ୍ୟାପକ ଏବଂ ଅଧ୍ୟାପିକା ମାନେ ସେମାନଙ୍କର ଅଭିଭାଷଣ ରେ ହରିପ୍ରସାଦ ଙ୍କ ନିଷ୍ଠାବାନ୍ ସେବା ର ପ୍ରଶଂସା କରି ତାଙ୍କର ସୁସ୍ଥ ଏବଂ ସୁଖମୟ ଜୀବନ ସହ ଦୀର୍ଘାୟୁ କାମନା କରିଥିଲେ। ଡ. ସ୍ୱାଇଁ ସେବାର ଅବସର ପରେ ଜୀବନକୁ ସୁମଧୁର କରିବା ପାଇଁ ଆଧ୍ୟାତ୍ମିକତାର ଆବଶ୍ୟକତା ବିଷୟ ରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ଗୌରୀ ଶଙ୍କର ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପକ ତ୍ରିଲୋଚନ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁନିଗୁଡାରୁ କୋଟଗଡ ଆସିବାବେଳେ ବୋଲେରୋ ପିକଅପକୁ ଡକାୟତ ଉଦ୍ୟମ
# ଡକାୟତକୁ ଧରି ପୁଲିସ ଜିମା ଦେଲେ ଗ୍ରାମବାସୀ

କୋଟଗଡ,୦୫/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକରେ ଗତକାଲି ଏକ ଚାଞ୍ଚଲ୍ୟ ଘଟଣା ଘଟିଥିବା ନଜିର ରହିଥିବା ବେଳେ ।ସୂଚନା ଅନୁଯାଇ ଗତକାଲି ରାତି ପ୍ରାୟ ସାତଟା ସମୟରେ ମୁନିଗୁଡାରୁ କୋଟଗଡ ଅଭିମୁଖେ କିଛି ଦୋକାନ ସାମଗ୍ରୀ ନିଜ ବୋଲେରୋ ପିକଅପ ନଂ OD-07H-5301ରେ ନେଇ ସୁଶାନ୍ତ କୁମାର ପଣ୍ଡା ଆସୁଥିବାବେଳେ ଗେଟାବାଲି ନିକଟରେ ପୂର୍ବରୁ ଲୁଚି ବସିଥିବା ଲୁଟେରାମାନେ ଚାଳକ ତଥା ଗାଡି ମାଲିକକୁ କାବୁ କରିବା ସହ ମାଡ଼ମାରି ବୋଲେରୋ ପିକଅପ ଟିକୁ ଗେଟବାଲି ଓ ଲାସେରୀ ନିକଟ ବଣ ଜଙ୍ଗଲରାସ୍ତା ଦେଇ ନେଇଯାଉଥିଲେ ।ସେତିକିବେଳେ ଗାଡି ମାଲିକ ସୁଶାନ୍ତ କୁମାର ପଣ୍ଡା କୌଣସି ପ୍ରକାରେ ବୁଦ୍ଧି ଖଟେଇ ଖସିଯାଇ ଏକ ଘରୋଇବସ ରେ ଆସି କୋଟଗଡ ବଣିକସଙ୍ଘ ଓ ସ୍ଥାନୀୟ ଲୋକଙ୍କୁ ସୂଚନା ଦେଇଥିଲେ, ଫଳରେ ଗ୍ରାମବାସୀ ଯୁବକମାନେ କୋଟଗଡ ବନବିଭାଗ ନର୍ସରୀ ନିକଟରେ ଫାଟକ ପକାଇ ଜଗିବା ବେଳେ ଡକାୟତମାନେ ଲୋକଙ୍କ ହାବୁଡ଼ରେ ପଡ଼ି ନିସ୍ତୁକ ମାଡ଼ଖାଇଥିଲେ ଏବଂ ପରେ କୋଟଗଡ ଥାନାରେ ଜିମା ଦେଇଥିଲେ, ହେଲେ ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ଘଟଣାରେ ସମ୍ପୃକ୍ତ ତୁମୁଡିବନ୍ଧର ଜଣେ ଓ ବାଲିଗୁଡା ର ଜଣକୁ ଅଟକରଖି ପଚରା ଉଚରା ଚଳାଇ ଥିବା ଜଣାପଡିଛି ।ଏପରି ଘଟଣା କୋଟଗଡରେ ନୂଆ ନୁହେଁ ବାରମ୍ବାର ଘଟୁ ଥିବାରୁ ପୁଲିସ ବିଭାଗ ଏ ଘଟଣାରେ ଆଉ କିଏକିଏ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ମଧ ସଠିକ ଭାବରେ ତଦନ୍ତ କରାଯାଇ ପୋଲିସ ହାଜତରେ ପଡ଼ିବା ପାଇଁ ଖୋଜୁଥିବା ବାଲିଗୁଡା ଏସଡିପିଓ କମଲ କୁମାର ପଣ୍ଡା କହିଛନ୍ତି ।

# କେସିଙ୍ଗା ମହାବିଦ୍ୟାଳୟ ଠାରେ ବିଶ୍ୱ ଏଡସ ଦିବସ ଅବସରରେ ରକ୍ତଦାନ ଶିବିର

କେସିଙ୍ଗା, ୦୫/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟ ଠାରେ ବିଶ୍ୱ ଏଡ଼ସ ଦିବସ ଅବସରରେ ଯୁବ ରେଡ଼କ୍ରସ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିର କୁ କେସିଙ୍ଗା ମହାବିଦ୍ୟାଳୟ ର ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀ ଉଦଘାଟନ କରିଥିବା ବେଳେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିମେନ୍ଦୁ ବଳ ଙ୍କ ନେତୃତ୍ୱ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର କର୍ମଚାରୀ ମାନେ ୨୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଏହି ଅବସରରେ ଏଡ଼ସ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀ ଙ୍କ ଅଧକ୍ଷତାରେ ଛାତ୍ରଛାତ୍ରୀ ଙ୍କୁ ନେଇ ଏଡ଼ସ ର ନିରାକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଝସକେତନ ସାହୁ ଯୋଗଦେଇ ଏଚ ଆଇ ଭି ଓ ଏଡ଼ସ ର ନିରାକରଣ ଉପରେ ଆଲୋକପାତ କରିଥିଲେ ଓ ପ୍ରାଧ୍ୟାକ୍ଷ ଅଶ୍ୱିନୀ କୁମାର ପଟ୍ଟନାୟକ ଏଡ଼ସ ଉପରେ ନିଜସ୍ୱ ମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଡ. ରାକେଶ ବିଶି ମଞ୍ଚ ପରିଚାଳନା କରିଥିବା ବେଳେ ଯୁବ ରେଡ଼କ୍ରସ କାଉନସିଲର ରାଇ ମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଇଲା ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ଭଦ୍ରକ

ଭଦ୍ରକ , ୦୫/୧୨: ଭଦ୍ରକ ଜିଲ୍ଲାରେ କୋଇଲା ଖଣି ନାହିଁ। କିନ୍ତୁ ଏହି ଜିଲ୍ଲା ଏବେ ଚୋରା କୋଇଲା କାରବାରର ପ୍ରମୁଖ ସ୍ଥାନ ପାଲଟିଛି। ଧାମରା ବନ୍ଦର ହେବା ପରେ ଜିଲ୍ଲାକୁ ବାହାରୁ ଆସୁଥିବା କୋଇଲା ଉପରେ ଆଖି ପଡ଼ିଛି ମାଫିଆଙ୍କର। କେବଳ ଜିଲ୍ଲା ଭିତରେ ନୁହେଁ, ଏହି କାରବାର ଭଦ୍ରକ ଡେଇଁ ପଡ଼ୋଶୀ ଯାଜପୁର, କେନ୍ଦ୍ରାପଡ଼ା, କଟକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ; ଏପରିକି ରାଜ୍ୟ ବାହାରକୁ ପଶ୍ଚିମବଙ୍ଗ ଯାଏଁ ଲମ୍ବିଛି। ପୁଲିସ୍‌ର ଅପରାଧ ଡାଏରୀରେ କୋଇଲା ଚୋରି ମାମଲା ଏଠାରେ ଶୀର୍ଷ ଛୁଇଁବାକୁ ବସିଛି। ଦୀର୍ଘ ୬୨କିମି ଧାମରା-ରେଳପଥ ରୁଟ୍‌ରୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଚୋରା କୋଇଲା ମାଫିଆମାନେ କାରବାର କରୁଛନ୍ତି। ବଡ଼ବଡ଼ ଜାହାଜରେ ଅଷ୍ଟ୍ରେଲିଆ ଓ ଇଣ୍ଡୋନେସିଆ ଭଳି ଦେଶରୁ ଉନ୍ନତମାନର କୁକିଂ କୋଲ୍ ଧାମରା ବନ୍ଦରରେ ଅନ୍‌ଲୋଡ୍ ହେବା ପରେ ଏଠାରୁ ରେଳପଥରେ ଟାଟା ଷ୍ଟିଲ, ଆରଏସ୍‌ପି ସମେତ ବଡ଼ବଡ଼ କମ୍ପାନୀକୁ ଯାଇଥାଏ। ଟ୍ରେନ୍ ଯୋଗେ ଏହି ପରିବହନ ହିଁ ମାଫିଆଙ୍କୁ ବଡ଼ ସୁଯୋଗ ଦେଇଥାଏ। ଚଳନ୍ତା ଟ୍ରେନ୍‌ରୁ ମାଫିଆମାନେ କୋଇଲା ଲୁଟି ନେଉଛନ୍ତି। ଏହି ରେଳପଥ ରୁଟ୍‌ରେ ଥିବା ପ୍ରାୟ ୩ ଶହ ବିଦ୍ୟୁତ ଖୁଣ୍ଟ ମାଧ୍ୟମରେ ବଗିରୁ କୋଇଲା ଲୁଟ୍ କରାଯାଉଛି। ଦୈନିକ ଏହି ରୁଟ୍‌ରେ ୧୭ରୁ ୧୮ଟି କୋଇଲା ବୋଝେଇ ଟ୍ରେନ ଯାଉଥିବା ବେଳେ ବିଳମ୍ବିତ ରାତି ୧୨ଟାରୁ ଭୋର ୪ଟା ମଧ୍ୟରେ ଅନ୍ୟୁନ ୬ଟି ଟ୍ରେନ୍‌ରୁ କୋଇଲା କଢ଼ା ଯାଉଛି। ଗୋଟିଏ ଖୁଣ୍ଟ ପାଖରେ ଅତି କମ୍‌ରେ ୪ ଟନ୍ କୋଇଲା ଟଣାଯାଉଛି। କୋଇଲା ଟାଣିବା କାମକୁ ନିୟନ୍ତ୍ରଣ କରୁଥିବା ମାଫିଆ ଏହି କୋଇଲାକୁ କିଲୋ ପିଛା ୬ ଟଙ୍କାରେ ବିକ୍ରି କରିଥାନ୍ତି। ଯଦି ଗୋଟିଏ ଖୁଣ୍ଟ ପାଖରୁ ୪ ଟନ୍ କୋଇଲା ମିଳେ; ତେବେ ପ୍ରତି ରାତିରେ ୨୪ ହଜାର ଟଙ୍କାରେ ତାହା ବିକ୍ରି ହୋଇଥାଏ। ୩ଶହ ଖୁଣ୍ଟ ନିକଟରୁ ଟଣାଯାଇ ଗଚ୍ଛିତ କୋଇଲାକୁ ମିଶାଇଲେ ଦୈନିକ ପାଖାପାଖି ୭୨ଲକ୍ଷ ଟଙ୍କା ବେପାର ହେଉଛି। ଆଉ ମାସକୁ ପ୍ରାୟ ୨୧ କୋଟି ୬୦ ଲକ୍ଷ ଟଙ୍କା ରୋଜଗାର। ତେବେ ବର୍ଷା ଦିନେ ଟ୍ରେନ ଲାଇନ ସର୍ଭିସ ରୋଡ୍‌ରେ ପରିବହନରେ ସମସ୍ୟା ହେଉଥିବାରୁ ଅନ୍ୟ ଋତୁ ତୁଳନାରେ ବଗିରୁ କୋଇଲା ଟାଣିବା ଟିକେ କଷ୍ଟସାଧ୍ୟ ହୋଇଥାଏ। ଏହି ଚୋରା କୋଇଲାର ଦର ବଢ଼ି କିଲୋ ପିଛା ସାଢ଼େ ୭ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଗଚ୍ଛିତ ହୋଇଥିବା ଗୋଦାମରେ ଥରେ କୋଇଲା ପହଞ୍ଚିଗଲେ, ତାର ଦାମ୍ କିଲୋ ପିଛା ୧୩ରୁ ୧୫ଟଙ୍କା ହୋଇଯାଉଛି। ତେଣୁ ତଳସ୍ତରର ମାଫିଆଙ୍କ କାରବାର ତୁଳନାରେ ବଡ଼ ମାଫିଆଙ୍କ ଆୟ ଦୁଇ ଗୁଣା ହୋଇଥାଏ। ଅନ୍ୟପକ୍ଷରେ କୋଇଲା ଟାଣିବା କାମ ସହ ସମାନ୍ତରାଳ ଭାବେ ଅନ୍ୟ ଏକ ଗ୍ରୁପ୍ ବସ୍ତାରେ କୋଇଲା ଭର୍ତ୍ତି କରିବାରେ ଲାଗିଥାନ୍ତି। ଯେପରିକି ରାତି ପାହିବା ବେଳକୁ ପ୍ରତି ଖୁଣ୍ଟ ପାଖରୁ ସବୁ କୋଇଲା ବସ୍ତା ପାଖ ଗୋଦାମକୁ ହଟି ଯାଇଥିବ। ବହୁ ପରିଶ୍ରମ କରି ସମସ୍ତ କୋଇଲା ବସ୍ତା ବୋହିବା କଷ୍ଟକର ହେଉଥିବାରୁ ବିଭିନ୍ନ ସ୍ଥାନରେ ରେଳଲାଇନ ପାର୍ଶ୍ୱରେ ତାହା ପଡ଼ି ରହିଥିବା



ଦେଖିବାକୁ ମିଳେ। ଧାମରା ରେଳପଥ ଯାଇଥିବା ତିହିଡ଼ି, ପୀରହାଟ, ବାଂଶଡ଼ା, ଭଦ୍ରକ ଗ୍ରାମାଞ୍ଚଳ ଓ ସାବରଙ୍ଗ ଥାନାଞ୍ଚଳର ବିସ୍ତୃତ ଇଲାକାରେ ବର୍ଷବର୍ଷ ଧରି ଏହି ଲୁଟ୍ ଚାଲିଛି। ଲୁଟ୍ କୋଇଲାକୁ ମାଫିଆମାନେ ମୁଖ୍ୟତଃ ଚାନ୍ଦବାଲି, ବାସୁଦେବପୁର, ନାୟକାଣିଡିହି, ଭଦ୍ରକ ଟାଉନ, ଧୂଷୁରୀ ଓ ଭଣ୍ଡାରିପୋଖରୀ ଥାନା ଦେଇ ନିୟମିତ ବଡ଼ ବଡ଼ ୨୨ ଚକିଆ ଟ୍ରକ୍‌ଠାରୁ ଆରମ୍ଭ କରି ଛୋଟ ୪୦୭ ଟ୍ରକ୍, ପିକ୍‌ଅପ ଭ୍ୟାନ ଓ ଅଟୋ ଆଦିରେ ବାହାରକୁ ଚୋରାଚାଲାଣ କରିଥାନ୍ତି। ମାଫିଆଙ୍କ ଗୋଦାମରୁ ରାଜପଥ ପର୍ଯ୍ୟନ୍ତ ଏବଂ ଭିନ୍ନଭିନ୍ନ ଗନ୍ତବ୍ୟସ୍ଥଳକୁ କୋଇଲା ବୋହିବାରେ ଅନେକ ଗାଡ଼ି ନିୟୋଜିତ କରାଯାଇଛି। ଏସବୁ ଗାଡ଼ି ମାଫିଆଙ୍କର ନୁହେଁ। ଭିନ୍ନଭିନ୍ନ ଅଞ୍ଚଳର ଲୋକମାନେ ଗାଡ଼ି ଭଡ଼ାରେ ଲଗାଇଛନ୍ତି। ରେଳଲାଇନ୍ ପାର୍ଶ୍ୱରୁ ଗୋଦାମ ଏବଂ ଗୋଦାମରୁ ରାଜପଥ କିମ୍ବା ଅନ୍ୟ ସ୍ଥାନକୁ ଚୋରା କୋଇଲା ପରିବହନ କରିବା କାମରେ ସୁପରଭାଇଜର ନିୟୋଜିତ ହୋଇଥାନ୍ତି। ଗାଡ଼ି ଯୋଗାଡ଼ କରି ଠିକଣା ସ୍ଥାନରେ ମାଲ ପହଞ୍ଚାଇବା ଦାୟିତ୍ୱ ସେମାନଙ୍କର। ତଥ୍ୟ ଅନୁସାରେ, ଏହି ଚୋରା କାରବାରରୁ ପ୍ରବଳ ଅର୍ଥ ଉପାର୍ଜନ ହେଉଥିବାରୁ ନିୟମିତ ଭାବେ ଏଥିରେ ଭଦ୍ରକ ଜିଲ୍ଲାର ୨୦ଖଣ୍ଡ ଟ୍ରକ୍, ଶହେ ଭଳି ପିକ୍‌ଅପ୍ ଭ୍ୟାନ୍, ଶହେରୁ ଅଧିକ ମୋପେଡ ଲୁନା, ହଜାରରୁ ଅଧିକ ସାଇକଲ, ଅଢ଼େଇଶହ ଭଳି ବାଇକ୍ ବ୍ୟବହାର ହୋଇଥାଏ। ଧାମରା ବନ୍ଦରରୁ ରପ୍ତାନି କୋଇଲା ଚୋରା କାରବାରରେ ସବୁ କିଛି ନିଲାମ କିମ୍ବା ଲିଜ୍‌ରେ ଚାଲୁଛି। ରେଳ ଲାଇନ ପାର୍ଶ୍ୱରେ ଥିବା ବିଦ୍ୟୁତ ଖୁଣ୍ଟକୁ ପ୍ରଥମେ ଲିଜ୍ ଦିଆଯାଇଥାଏ। ପ୍ରାୟ ୩ ଶହ ଖୁଣ୍ଟକୁ ବଗିରୁ କୋଇଲା କାଢ଼ିବା କାମରେ ବ୍ୟବହାର କରାଯାଉଛି। ଗୋଟିଏ ଖୁଣ୍ଟରୁ ଆଉ ଗୋଟିଏ ଖୁଣ୍ଟ ମଧ୍ୟରେ ଦୂରତ୍ୱ ପ୍ରାୟ ୩୦ରୁ ୩୫ ମିଟର। ପୂର୍ବରୁ ଖୁଣ୍ଟ ଗୋଟାକ ମାସିକ ଶହେ ଟଙ୍କାରେ ଲିଜ୍ ଦିଆଯାଉଥିବା ବେଳେ ଏବେ ତାହା ୧ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଲିଜ୍ ପଇସା ଅଗ୍ରିମ ନିଆଯାଉଛି। ସମ୍ପୃକ୍ତ ଅଞ୍ଚଳର ପ୍ରଭାବଶାଳୀ, ଗୁଣ୍ଡା ଶ୍ରେଣୀୟ ବେକାର ଯୁବକମାନେ ସାଧାରଣତଃ ଖୁଣ୍ଟଗୁଡ଼ିକୁ ନିଜ କବ୍‌ଜାରେ ରଖିଛନ୍ତି। ଖୁଣ୍ଟଗୁଡ଼ିକୁ ୬ ମାସିଆ ଲିଜ୍‌ରେ ପ୍ରାୟ ୬୦ରୁ ଅଧିକ ବେପାରୀ ନେଇଛନ୍ତି। ଲିଜ୍ ନେଉଥିବା ଲୋକମାନେ ପ୍ରତି ଖୁଣ୍ଟରେ ପିଲାଙ୍କୁ ନିୟୋଜିତ କରି ବଗିରୁ କୋଇଲା କାଢ଼ିବା କାମ କରିଥାନ୍ତି। କୋଇଲା କାଢ଼ିବାକୁ ପିଲାମାନେ ପ୍ରଶିକ୍ଷିତ ହୋଇଥାନ୍ତି। ମାସ ସାରା ସେମାନେ ଖୁଣ୍ଟରେ ଚଢ଼ି କୋଇଲା କାଢ଼ିବା ପାଇଁ ଦରମା ପାଉଛନ୍ତି ୧୦ ହଜାର ଟଙ୍କା। ପ୍ରାୟ ଦେଢ଼ଶହ ଭଳି ଯୁବକ କୋଇଲା କାଢ଼ିବା କାମରେ ନିୟୋଜିତ ହୋଇଛନ୍ତି। ଯଦି କେହି ଦ୍ରୁତ ଗତିରେ ବଗିରୁ କୋଇଲା ଟାଣିବା କାମରେ ପାରଙ୍ଗମତା ଦେଖାଏ, ତେବେ ତାକୁ ଅଧିକ ବୋନସ୍ ମଧ୍ୟ ମିଳିବ। ଅନୁରୂପଭାବେ ଅନେକ ଟ୍ରେନ୍ ଲାଇନ ପାର୍ଶ୍ୱରୁ କୋଇଲା ଗୁଣ୍ଡକୁ ଚାଲାଣ କରିବାକୁ ବସ୍ତାରେ ଭରିବାକୁ ଦୈନିକ ମଜୁରି ହିସାବରେ ମିଳୁଛି ୪ ଶହ ଟଙ୍କା। ସେହିପରି ଚୋରା କୋଇଲା କାରବାରର ସମଗ୍ର ନେଟ୍‌ୱର୍କକୁ ଜଗିବା ପାଇଁ ଧାମରାରୁ ଭଦ୍ରକ ଅଞ୍ଚଳ ଯାଏଁ ଗଢ଼ା ହୋଇଛି ସଶସ୍ତ୍ର ଏସ୍କର୍ଟ ବାହିନୀ। ଏମାନଙ୍କ ପାଖରେ ଦାମୀ ଦୁଇ ଓ ଚାରିଚକିଆ ଗାଡ଼ି ସହ ବନ୍ଧୁକ ମହଜୁଦ୍ ରହିଛି। ସାରା ରାତି ଏମାନେ ଧାମରା ରେଳଲାଇନ୍‌ର ସର୍ଭିସ ରୋଡ୍ ଏବଂ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ପଇଁତରା ମାରୁଛନ୍ତି। ଏମାନଙ୍କ ଯୋଗୁଁ ଭଦ୍ରକ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ବନ୍ଧୁକର ଚୋରା କାରବାର ବଢ଼ିବାରେ ଲାଗିଛି। ବିପୁଳ ଅର୍ଥ ରୋଜଗାର ବ୍ରାଉନସୁଗର କାରବାରରେ ମଧ୍ୟ ଏମାନେ ଲିପ୍ତ ଥିବା ଅନୁମାନ କରାଯାଉଛି।

## ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ବାରିପଦା -୦୫/୧୨ (ନି.ପ୍ର): ରିଖ ବିଶିଷ୍ଟ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାସଙ୍କ ୧୭ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ପୁରବୀ ନାଟ୍ୟସଂସ୍ଥା ଓ଼ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୁରବୀର ସଭାପତି ଡଃ ପ୍ରକାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅଭିନେତା ଓ଼ ନିର୍ଦ୍ଦେଶକ ଧୀର ବସା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଣେ ନାଟ୍ୟକାର, ନିର୍ଦ୍ଦେଶକ ଓ଼ ଅଭିନେତା ଭାବେ ସ୍ୱର୍ଗତ ଦାସଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ଦାସଙ୍କର ଜ୍ୟେଷ୍ଠପୁତ୍ର ପାର୍ଥସାରଥୀ ଦାସଙ୍କ ଅଭିଭାଷଣ ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅଭିନେତା ଓ଼ ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶଙ୍କ ସମେତ ଫାଲ୍ଗୁନୀ ମହାନ୍ତି, କୁନ୍ଦନଲାଲ ଭଞ୍ଜଦେଓ, ଆଶିଷ ବସା, ଶୁଭଶ୍ରୀ ଦାସ, ସୁଲେଖିକା ସୁଚରିତା ମହାନ୍ତି, ରଣଜିତ ସାହୁ, ଜ୍ଞାନରଞ୍ଜନ ପଣ୍ଡା, ପ୍ରୟାସ ଶତପଥୀ, ଦ୍ୱିଜକିଶୋର ପରିଡା, ନିରଞ୍ଜନ ନାୟକ, ବିଜେନ୍ଦ୍ର ରାଉତ, ନଚିକେତା ଦାସ, ତ୍ରିଲୋଚନ ସାହୁ, ଖାରବେଳ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସ୍ୱର୍ଗତ ଦାସଙ୍କର ରଚିତ ନାଟକ ଗୁଡିକୁ ପର୍ଯ୍ୟାୟ କ୍ରମେ ବାରିପଦାରେ ମଞ୍ଚସ୍ଥ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ଓ ଫାଲ୍ଗୁନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱର ରେ ଶ୍ରୀ କୃଷ୍ଣ,ସୁଦ୍ଧ୍ ନିରାମିଷ ଭୋଜନାଳୟ ଉଦଘାଟିତ

ଜଳେଶ୍ୱର,୦୫/୧୨ (ନି.ପ୍ର): ଚଳ ଚଞ୍ଚଳ ଜଳେଶ୍ୱର ସହର, ମଧସ୍ଥଳି ଡ଼ାକ ବଙ୍ଗଳା ସାମ୍ନାରେ ,ସୁଦ୍ଧ୍ ନିରାମିଷ, ସ୍ୱଚ୍ଛ ଭୋଜନାଳୟ ଉଦଘାଟିତ ହୋଇଯାଇଛି। ଆଧୁନିକ ସମାଜରେ ପାଶ୍ଚାତ୍ୟ ଖାଦ୍ୟ ପେୟ, ଆମିଷ ଖାଦ୍ୟର କୁ ପ୍ରଭାବ ଫଳରେ ଜନ ସାଧାରଣ ନିରାମିଷ(ଶାକାହାରୀ)ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି। ତେଣୁ ମ୍ୟୁନସିପାଲିଟି ର ଉଦୟମାନ ଯୁବ ବ୍ୟବସାୟୀ ଭବେଶ ଠକ୍କର (ବଣ୍ଟି)ଶାକାହାରୀ ଗ୍ରାହକ ଙ୍କ ପାଇଁ ବଡ଼ ବଜାର ଠାରେ ସୁଲଭ ମୂଲ୍ୟରେ ଏକ ସ୍ୱାଦିଷ୍ଟ ନିରାମିଷ ଭୋଜନାଳୟ ପ୍ରତିଷ୍ଠା କରିଛନ୍ତି।ଭୋଜନ କରିବା ସହିତ ପାର୍ସଲ ର ମଧ ସୁବ୍ୟବସ୍ଥା ହୋଇଛି ବୋଲି ଜଣାଯାଇଛି।ଏହି ଅବସରରେ ସୋମବାର ମଧାହ୍ନରେ ହୋଟେଲ ସମ୍ମୁଖରେ ଅତିଥି ଓ ଗ୍ରାହକ ଙ୍କ ପ୍ରବଳ ଭିଡ଼ ଜମି ଥିଲା।ପ୍ରତିଷ୍ଠା ଉତ୍ସବରେ ମ୍ୟାନେଜର ଶୁଶାନ୍ତ କୁମାର ନନ୍ଦୀ,ଦିପ୍ତିରାଣୀ ନନ୍ଦୀ, ଜୟନ୍ତ ଠକ୍କର, କୀର୍ତ୍ତି ଠକ୍କର,ଜୟ ଶ୍ରୀ ଠକ୍କର,ରେଖା ଠକ୍କର,ଅନିଲ ଠକ୍କର,ରବୀନ୍ଦ୍ର କୁମାର ଲାଲ୍,ଶ୍ରୀମତୀ ରିନା ବାରାଇ, ତ୍ରିଲୋଚନ ଦାସ ଅଧିକାରୀ,ଆଦିକନ୍ଦ ଦାସ ଅଧିକାରୀ,ଅଶିନା ଠକ୍କର ପ୍ରମୁଖ ଉପସ୍ଥିତ ହୋଇ, କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ମଣ୍ଡେଇ କ୍ରିକେଟ ମ୍ୟାଚ ଦ୍ୱିତୀୟ ଦିନ:ପ୍ରଶାସନ ଓ ପୋଲିସ ଟିମ ବିଜୟୀ

ନବରଙ୍ଗପୁର, ୦୫/୧୨ (ନି.ପ୍ର): ନବରଙ୍ଗପୁର ଷ୍ଟାଡିୟମ ଠାରେ ମଣ୍ଡେଇ ଲୋକ ମହୋତ୍ସବ ଉପଲକ୍ଷେ ମଣ୍ଡେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଜିଲ୍ଲା ପ୍ରଶାସନ ଓ ବଣିକ ସଙ୍ଘ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଜିଲ୍ଲା ପ୍ରଶାସନ ୧୦ ଓଭର ରେ ୯୭ରନ ର ପିଛା କରି ବିଜୟୀ ହୋଇଛି। ଜିଲ୍ଲା ପ୍ରଶାସନ ଦଳର ଅଧିନାୟକ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ରହିଥିବା ବେଳେ ଉପ ଅଧିନାୟକ ଭାବେ ତେନ୍ତୁଳିଖୁଣ୍ଟି ବିଡ଼ିଓ ମନୋଜ ପାଣିଗ୍ରାହୀ ଥିଲେ। ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ପକ୍ଷରୁ ବିଡ଼ିଓ ମନୋଜ ପାଣିଗ୍ରାହୀ, ରବୀନ୍ଦ୍ର ସାହୁ ଏବଂ ଶିଶିର ସୁନା ଅଂଶଗ୍ରହଣ କରିଥିଲେ। ଉକ୍ତ ମ୍ୟାଚ ରେ ମନୋଜ ପାଣିଗ୍ରାହୀ ସର୍ବାଧିକ ୨୪ ରନ ଏବଂ ୨ ଟି ୱିକେଟ ନେଇ ମେନ ଅଫ ଦି ମ୍ୟାଚ ରହିଥିବା ବେଳେ ନନ୍ଦାହାଣ୍ଡି ବିଡ଼ିଓ କ୍ଷୀରୋଦ ସାହୁ ଭଲ ଖେଳ ର ପ୍ରଦର୍ଶନ କରିଥିଲେ । ଶିଶିର ସୁନା ସର୍ବାଧିକ ୩ ଟି ୱିକେଟ ହାସଲ କରିବାପରେ ସଫଳ ହୋଇଥିଲେ । ରବୀନ୍ଦ୍ର ସାହୁ ଶେଷ ଓଭର୍ ରେ ଆବଶ୍ୟକ ୧୪ ରନ କରି ଜିଲ୍ଲା ପ୍ରଶାସନ ଦଳକୁ ବିଜୟୀ କରାଇଥିଲେ ।ଉକ୍ତ ମ୍ୟାଚରେ ନବରଙ୍ଗପୁର ବିଡ଼ିଓ ସୁନିଲ ଖରା ଏବଂ ଡାବୁଗାଁ ତହସିଲଦାର ହରିଓମ ଭୋଇ ଉତ୍ତମ ଫିଲ୍ଡିଂ ର ପ୍ରଦର୍ଶନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଓ ନବୀନ ଚନ୍ଦ୍ର ନାୟକ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରି ଥିଲେ। ଏହାପରେ ପୋଲିସ ଟିମ ଓ ଜିଲ୍ଲା ଓକିଲ ସଂଘ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଓକିଲ ସଂଘ ୧୦ ଓଭରରେ ୫୮ ରନ କରିଥିଲେ । ପୋଲିସ ଟିମ ୧୦ ଓଭରରେ ୬୪ ରନ କରି ବିଜୟୀ ହୋଇଛନ୍ତି ।



## ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କ ଭାଗ୍ୟ ସହିତ ଖେଳ ଖେଳୁଛନ୍ତି ନିମାଇଁ ସାର

କେନ୍ଦ୍ରାପଡ଼ା, ତା ୦୫/୧୨: କେନ୍ଦ୍ରାପଡ଼ା ଜିଲ୍ଲାର କଲେଜ୍ ଛକ ନିକଟରେ ଥିବା ଏକ ଘରୋଇ ନର୍ସିଂ କଲେଜର ପରିଚାଳନାକୁ ନେଇ ଦେଖାଦେଇଛି ବିବାଦ। ଜଣେ ସରକାରୀ ପ୍ରଧାନ ଶିକ୍ଷକ ଗୁରୁଦେବ ଟ୍ରଷ୍ଟ ନାମରେ ପଞ୍ଜିକରଣ କରି ନିଜେ ସଦସ୍ୟ ଭାବେ କେନ୍ଦ୍ରାପଡ଼ା ଉପନିର୍ବନ୍ଧଙ୍କ କାର୍ଯ୍ୟାଳୟରେ ଚୁକ୍ତିନାମା କରି ଏକ ନର୍ସିଂ କଲେଜର ଚ୍ୟାରମ୍ୟାନ୍ ପଦବୀରେ ରହି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଚେକ ନମ୍ବର ୨୩୦୫୫୨/ ୭୫୪୦୨୪୧୦୫ ଏତିକିରେ ଦସ୍ତଖତ କରି ଟଙ୍କା ଉଠାଇବା ଘଟଣା ସାମ୍ନାକୁ ଆସିଛି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସଂସାରଫଳ ଉଚ୍ଚ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଦାସ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ହୋଇ ଏକ ଘରୋଇ ନର୍ସିଂ କଲେଜ ଚଳାଉଥିବା ନେଇ ହୋଇଥିଲା ଅଭିଯୋଗ । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଅଭିଯୋଗକୁ ନେଇ ଗତ ୧୨.୯.୨୦୨୪ରେ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ସାତଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ଡେରାବିଶ ବିଇଓ ଶ୍ରୀକାନ୍ତ ବେହେରା ସଂସାରଫଳ ଉଚ୍ଚଶିକ୍ଷାନିକେତନ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହ ସଂପୃକ୍ତ ନର୍ସିଂ କଲେଜକୁ ଯାଇ ଗୁରୁଦେବ ଟ୍ରଷ୍ଟରେ ଥିବା ସରକାରୀ ପ୍ରଧାନ ଶିକ୍ଷକ ନିମାଇଁଙ୍କ ସହଯୋଗୀ କଳାକାର ରାଉତଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣତଥ୍ୟ ତଦନ୍ତ କରି ରିପୋର୍ଟ ଅଧିକାରୀ ହାତେଇ ଥିବା ଜଣାପଡିଛି । ଥରେ କିମ୍ବା ଦୁଇଥର ନୁହେଁ ବରଂ ଦୁଇବର୍ଷରୁ ଉର୍ଦ୍ଧ୍ୱ ଦିନଧରି ଜଣେ ସରକାରୀ ପ୍ରଧାନ ଶିକ୍ଷକ ଘରୋଇ ନର୍ସିଂ କଲେଜର ଚେୟାରମ୍ୟାନ ରହି ଟଙ୍କା ଉଠାଇଥିବାର ତଥ୍ୟ ତଦନ୍ତ କରିଥିବା ଅଧିକାରୀଙ୍କୁ ଦେଇଥିବା କଥା କହିଛନ୍ତି ଅନ୍ୟ ସହଯୋଗୀ କଳାକାର ରାଉତ ଏବଂ ମାନଶ ରଞ୍ଜନ ଦାସ । ଏତେ ସବୁ ଗୁରତ୍ରେପୂର୍ଣ୍ଣ ତଥ୍ୟ ତଦନ୍ତକାରୀ ଅଫିସରଙ୍କ ହାତରେ ଲାଗିଲା ପରେବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଘଟଣାକୁ ଆହୁରି ସନ୍ଦେହ ଘେରକୁ ଟାଣିଛି । ଅନ୍ୟପଟେ ତଦନ୍ତକାରୀ ଅଧିକାରୀଙ୍କୁ ପଚାରିବାରୁ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସମସ୍ତ ତଦ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି । ହେଲେ ଲେ ଏପର୍ଯ୍ୟନ୍ତ ଏପର୍ଯ୍ୟ ଜିଲ୍ଲା ଶିକ୍ଷାଧିକାରୀଙ୍କ ଟେବୁଲ୍ ? ଦ୍ରୁଲ୍ ରୁ ତଦନ୍ତ ଫାଇଲ ଖୋଲୁନାହାନ୍ତି । ଯଦି । ଏହି ବିଷୟରେ ଜିଲ୍ଲା ପ୍ରଶ୍ନ କରୁଛି ତେବେ ସେହି ଶିକ୍ଷାଧିକାରୀଙ୍କୁ କେହି ପ୍ରଶ୍ନ ବ ସମୟରେ କାର୍ଯ୍ୟାଳୟ ଚାରିପାଖ ରିପାଖରେ ବୁଲୁଥିବା କିଛି ବିଜେଡି ଦଲାଲ୍ ଗଣମାଧ ମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି ଦେଖାଉଥିବା ର ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି । ଏବେ କିଛିଦିନ ହେବ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଇ ଜାଲିଆତି କରିଥିବା ପ୍ରଧାନ ଶିକ୍ଷକ ନିମାଇଁ ଦାସଙ୍କ ସହଯୋଗୀ ଓ କିଛି ଦଲାଲ୍ ସାଜିଥି । ବିଜେଡି କର୍ମୀ ପୁରା କାର୍ଯ୍ୟାଳୟକୁ ନିଜ ନିଜ କବ୍ଜାକୁ ୭ ନେଇଥିବା ଦେଖିବାକୁ ମିଳିଛି । ଏବେ ଥିବା ବେ ସଂପୃକ୍ତ ଘଟଣାକୁ ନେଇ କଲେଜର ଜଣେ କର୍ତ୍ତୃପକ୍ଷଙ୍କୁ । ପଚାରିବାରୁ ଜଣାପଡିଛି ଜାଲିଆତି କରିଥିବା = ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ଦେବାକୁ ଯାଇ ତଦନ୍ତ ରିପୋର୍ଟ କୁ ଚାପିଦେବାକୁ ଯାଇ ସମୟ ଜିଲ୍ଲାପାଳ ଓ ଟାଳୁଛନ୍ତି । ହେଲେ ଘଟଣା ସମ୍ପର୍କରେ ସବୁକିଛି ଜାଣି ଚୁପ୍ ରହିବା ଘଟଣାକୁ ନେଇ ସନ୍ଦେହ ବଢ଼ାଇଛି ।




## ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

### ଭିନ୍ନକ୍ଷମ ପିଲାମାନେ ସାଧାରଣ ପିଲାଙ୍କ ଠାରୁ କୌଣସି ଗୁଣରେ କମ ନୁହନ୍ତି



ବାରିପଦା ତା ୫/୧୨: ବାରିପଦା ଗୋଷ୍ଠି ଶିକ୍ଷା ଅଧିକାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସାଧନା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ -୨୦୨୪ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି. ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରି ଭିନ୍ନକ୍ଷମ ପିଲାମାନେ ସାଧାରଣ ପିଲାଙ୍କ ଠାରୁ କୌଣସି ଗୁଣରେ କମ ନୁହନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁନମ ଜେନା,ସାଧନାର ନିର୍ଦ୍ଦେଶକ ରଞ୍ଜିତ ମହାପାତ୍ର, ଗୋଷ୍ଠୀଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପଣି ପ୍ରମୁଖ ଯୋଗଦେଇ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଅଛି। ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ମଧ୍ୟରେ ଥିବା ବିବିଧତାକୁ ସାମାଜିକ ସ୍ତରରେ ଗ୍ରହଣୀୟ କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାର ଉଦଯାପନୀ ଉତ୍ସବରେ ଜିଲ୍ଲା ଦୌରା ଜଜ ତଥା ଜିଲ୍ଲା ଆଇନିସେବା ପ୍ରାଧିକରଣର ଅଧକ୍ଷ ଅରବିନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ବିଭିନ୍ନ ପ୍ରକାର ଉପକରଣ ବଣ୍ଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅନ୍ୟତମ ସଦସ୍ୟ ରବୀନ୍ଦ୍ର କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ୮୫ ଜଣ ଭିନ୍ନକ୍ଷମ ପିଲାଙ୍କୁ ୧୯୧ ପ୍ରକାରର ବିଭିନ୍ନ ଉପକରଣ ବଣ୍ଟନ କରଯାଇଥିଲା।

## ମୟୂରଭଞ୍ଜ ମହୋତ୍ସବରେ ଶୁଭାରମ୍ଭ ହେଲା ଫୁଟବଲ ପ୍ରତିଯୋଗୀତା


### ୨୪ ଟି ଫୁଟବଲ ଦଳ ଭାଗ ନେଇ ଥିବା ବେଳେ ଡିସେମ୍ବର ୧୦ରେ ଫାଇନାଲ ଖେଳ



ବାରିପଦା ତା ୫/୧୨: ମୟୁରଭଞ୍ଜର କଳା ସଂସ୍କୃତି ଏବଂ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ବାରିପଦାରେ ମୟୂରଭଞ୍ଜ ମହୋତ୍ସବ ଚାଲିଥିବା ବେଳେ, କଳା,ସଂସ୍କୃତି ଓ ଐତିହ୍ୟ ର ଏହି ମହାନ ପର୍ବରେ ପ୍ରତି ଦିନ ଅନେକ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ମଧ ଚାଲୁରହିଛି। ଫୁଟବଲ ଖେଳର ଏନ୍ତୁଡ଼ିଶାଳ ହେଉଛି ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲା. ତେଣୁ ମୟୂରଭଞ୍ଜ ମହୋତ୍ସବରେ ମଧ ଏହି ବିଶେଷ ଖେଳକୁ ପ୍ରଥମ କରି ଆରମ୍ଭ କରାଯାଇଛି। ମୟୂରଭଞ୍ଜ କ୍ରୀଡା ସଂଘ ଓ ମୟୂରଭଞ୍ଜ ମହୋତ୍ସବ କମିଟି ମିଳିତ ଆନୁକୁଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ, ଉଭୟ ପୁରୁଷ ଓ ମହିଳାଙ୍କୁ ନେଇ ଏହି ଖେଳ ଅନୁଷ୍ଠିତ ହେବ. ବୁଧବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟ ରେ ବାରିପଦା ଷ୍ଟାଡିୟମ ଠାରେ ଏହି ଫୁଟବଲ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡ଼. ଦେବାଶିଷ ମାରାଣ୍ଡି , ମୟୂରଭଞ୍ଜ କ୍ରୀଡା ସଂଘ ସଂପାଦକ ବିଜୟ ଦାସ, ଉପସଭାପତି ଫାଗୁ ହାଁସଦା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀତାକୁ ଉଦ୍ଘାଟନ କରିଛନ୍ତି। ଜିଲ୍ଲାର ୨୪ ଟି ଫୁଟବଲ ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବା ବେଳେ, ଆସନ୍ତା ୧୦ ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ. ଏଥି ସହିତ ୧୦ ତାରିଖ ଦିନ ଏକ ମହିଳା ଫୁଟବଲ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ ବୋଲି କ୍ରୀଡା ସମ୍ପାଦକ ଅମର ସେଠୀ ଓ ଅରୁଣ ବରାଡ କହିଛନ୍ତି. ଉଦଘାଟନ କାର୍ଯ୍ୟକ୍ରମକୁ କମିଟିର ପଦାଧିକାରୀ ଅସିତ ପତି, ସଂଜୀବ ଦିବେଦୀ, କଳିଙ୍ଗ କେଶରୀ ଜେନା, ସତ୍ୟଜିତ ସୋମ, ପ୍ରସନ୍ନ ମହାପାତ୍ର, ତ୍ରିଲୋଚନ ଗିରି, ରାଜୀବ ଜେନା, ସରୋଜ ଶତପଥୀ, ରବି ହେମ୍ବ୍ରମ, ଶ୍ରୀନିବାସ ହାଁସଦା, ସୁଭଦ୍ରା ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ।

## ୧୯୭୧ ଯୁଦ୍ଧରେ ଧୂଳି ଚାଟିଥିଲା ପାକିସ୍ତାନ; ଅନୁଭୂତି ବଖାଣିଲେ ଓଡ଼ିଆ ନୌବୀର

ଭୁବନେଶ୍ୱର, ୫/୧୨: ସେଦିନ ରାତିରେ ଜଳିଥିଲା ସମୁଦ୍ର। ଛାରଖାର ହୋଇଥିଲା କରାଚୀ ବନ୍ଦର। ୧୯୭୧ ମସିହା ଡିସେମ୍ବର ୪ ତାରିଖ ରାତିରେ ଇତିହାସ ରଚିଥିଲା ଭାରତୀୟ ନୌସେନା। ପାକିସ୍ତାନର କରାଚୀ ବନ୍ଦରକୁ ଧୂଳିସାତ୍ କରି ସଫଳତା ହାସଲ କରିଥିଲା 'ଅପରେସନ୍ ଟ୍ରାଇଡେଣ୍ଟ'। ଏହାର ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ନୌସେନା ଦିବସ ଭାବେ ପାଳନ କରାଯାଉଛି। ତେବେ ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧର ପ୍ରଥମ ମହାପର୍ବରେ ସାମିଲ୍ ଥିବା ଓଡ଼ିଆ ନୌବୀର ସନାତନ ସାହୁ ସେଦିନ ରାତିର ସ୍ମୃତି ବଖାଣିଛନ୍ତି। କେନ୍ଦ୍ରାପଡ଼ା ମାଧପୁରର ୭୫ ବର୍ଷୀୟ ସନାତନ ସାହୁ। ଅପରେସନ୍ ଟ୍ରାଇଡେଣ୍ଟରେ ସାମିଲ ହୋଇଥିବା ନେଭି ଭେଟେରାନ୍। ସେତେବେଳେ ଯୁଦ୍ଧ ଜାହାଜ INS କିଲଟନରେ ସେକେଣ୍ଡ୍ କ୍ଲାସ୍ ସିଗ୍ନାଲ୍ ମ୍ୟାନ୍ ଥାଆନ୍ତି ୨୨ ବର୍ଷୀୟ ସନାତନ। ପଦବୀ କନିଷ୍ଠ ହେଲେ ବି କାନ୍ଧରେ ଥାଏ ଗୁରୁଦାୟିତ୍ୱ। କାରଣ ୩ଟି ମିଜାଇଲ୍ ବୋଟ୍ ଓ ଆଉ ଏକ ଆଣ୍ଟି ସବମରିନ୍ କଭେଟ୍ ସହ ତାଙ୍କ ଜାହାଜ ବି ସାମିଲ ଥିଲା ଅପରେସନ୍ ଟ୍ରାଇଡେଣ୍ଟରେ। ରାତିର ଅନ୍ଧାରରେ ପାକ୍ ସେନା ରାଡାରରୁ ବର୍ତ୍ତି ପ୍ରଥମ ଆଟାକ୍ କରିଥିଲା INS ନିର୍ଘାତ୍। ୨ଟି ଷ୍ଟିକ୍ସ ମିଜାଇଲ୍ ମାଡ଼ରେ ପାକିସ୍ତାନୀ ଯୁଦ୍ଧ ଜାହାଜ PNS ଖାଇବର ସମୁଦ୍ରରେ ହଜିଗଲା। ଏହାପରେ ପରାକ୍ରମ ଦେଖାଇଲେ INS ନିପାତ ଓ INS ବୀର୍ ଧ୍ୱଂସ ହୋଇଗଲା PNS ଶାହଜାହାନ ଓ ମୁହାଫିଜ୍ ସହିତ କାର୍ଗୋ ଭେସେଲ୍ 'ଭେନସ୍ ଚ୍ୟାଲେଞ୍ଜର୍'। ଏହାପରେ INS ନିପାତ ଛାରଖାର କରିଦେଲା କରାଚି ପୋର୍ଟର ବିଶାଳ ତୈଳ ଡିପୋକୁ। କୁହାଯାଏ, ୬୦ କିଲୋମିଟର ଦୂରରୁ ଦିଶିଥିଲା ଏହି ହୁତୁହୁତ ଦାବାନଳ। ନିଆଁ ଲିଭାଇବାକୁ ଲାଗିଥିଲା ୪ ଦିନ ସମୟ। ୩ଟି ମିଜାଇଲ ବୋଟ୍ ନିଜ କାମ ସାରି ଫେରିଯିବା ପରେ, INS କଚ୍ଛଲ୍ କରାଚୀ ବନ୍ଦରର ବାକି ସବୁ ଟାର୍ଗେଟ ଧ୍ୱଂସ କରିଥିଲା। ଆଉ ଓଡ଼ିଆ ନୌବୀର ସନାତନ କୁହନ୍ତି, ତାଙ୍କ ଜାହାଜ ପାଳି ଆସିବା ବେଳକୁ ଧ୍ୱଂସ କରିବା ପାଇଁ ଆଉ କିଛି ଟାର୍ଗେଟ୍ ନଥିଲା। ହେଲେ କମିନଥିଲା ମନର ଯୋଶ୍। ଅପରେସନ୍ ଟ୍ରାଇଡେଣ୍ଟ୍ ଯେତିକି ଐତିହାସିକ ଥିଲା, INS କିଲଟନ୍ ପାଇଁ ସେତିକି ନାଟକୀୟ ଥିଲା ତା' ପରର ଅନୁଭୂତି। ଆକ୍ରମଣ ସାରି ଶୀତୁଆ ରାତି ପ୍ରାୟ ୪ଟାରେ ଫେରୁଥିବା ବେଳେ, ଜାହାଜ ଇଞ୍ଜିନ୍ ଫେଲ୍ ହୋଇଗଲା। ଆକାଶରେ ପାକିସ୍ତାନର ୫୦-୬୦ ଫାଇଟର୍ ଜେଟ୍ ପଇଁତରା ମାରୁଥିଲା, ଆଉ ଏପଟେ ବମ୍ବେରେ ଚର୍ଚ୍ଚା ହୋଇଗଲା ସମୁଦ୍ରରେ ବୁଡ଼ିଯାଇଛି INS କିଲଟନ୍। ହେଲେ ସୌଭାଗ୍ୟବଶତଃ ଘନ କୁହୁଡ଼ି କାରଣରୁ ପାକିସ୍ତାନୀ ଫାଇଟର ଜେଟ୍ INS କିଲଟନକୁ ଚିହ୍ନଟ କରିପାରିଲେନି। ଆଉ ତା'ପର ଦିନ ପ୍ରାୟ ଗୋଟାଏରେ ଜାହାଜ ଠିକ ହେଲା ଓ INS କିଲଟନ୍ ଫେରିଲା। ଅପରେସନ୍ ଟ୍ରାଇଡେଣ୍ଟ ଯୋଗୁଁ ପ୍ରଥମରୁ ଭୟଙ୍କର କ୍ଷୟକ୍ଷତିର ସାମ୍ନା କରିଥିବା ପାକିସ୍ତାନ, ମାତ୍ର ୧୩ ଦିନର ଯୁଦ୍ଧ ପରେ ଭାରତ ଆଗରେ ମୁଣ୍ଡ ନୂଆଁଇବାକୁ ବାଧ୍ୟ ହୋଇଥିଲା।



## ସଂପାଦକୀୟ

# ସୁରକ୍ଷା ପାଇଁ ଲଢ଼େଇ

ବିଭିନ୍ନ ପ୍ରସଙ୍ଗକୁ ନେଇ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ଓଡ଼ିଶାର ବିବାଦ ବଢ଼ିବାରେ ଲାଗିଛି । ଆମରାଜ୍ୟର ଜୀବନରେଖା କୁହାଯାଉଥିବା ଦୀର୍ଘତମ ନଦୀ ମହାନଦୀର ଶଯ୍ୟା ଏବଂ ଶୁଷ୍କ ହେବାକୁ ଯାଉଛି । ଏହା କୌଣସି ପ୍ରାକୃତିକ ବା ଭୌଗଳିକ କାରଣ ଯୋଗୁଁ ନୁହେଁ, ବରଂ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ଅଦୂରଦର୍ଶୀତା ତଥା ଚାଲବାଜି ଯୋଗୁଁ ସମ୍ଭବପର ହୋଇଛି । ମହାନଦୀର ଉତ୍ପତ୍ତିସ୍ଥଳ ଛତିଶଗଡ଼ରେ ଥିବା ସ୍ଥଳେ ଏହା ଓଡ଼ିଶାର ବିସ୍ତୃତ ଅଞ୍ଚଳରେ ପ୍ରବାହିତ ହେବା ସଙ୍ଗେ ସଙ୍ଗେ ପାରାଦ୍ୱୀପ ନିକଟବର୍ତ୍ତୀ ବତୀଘରଠାରେ ବଙ୍ଗୋପସାଗରରେ ବିଲୀନ ହୋଇଛି । ମହାନଦୀର ଅସଂଖ୍ୟ ଶାଖାନଦୀ ଓ ଉପନଦୀ ଓଡ଼ିଶା ଭିତରେ ପ୍ରବାହିତ ହେବା ଯୋଗୁଁ ରାଜ୍ୟର କୃଷି, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, ନୌଚଳାଚଳ କ୍ଷେତ୍ରରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ଅସ୍ୱୀକାର କରି ହେବନାହିଁ । ବିଶେଷକରି ଉପକୂଳବର୍ତ୍ତୀ ତ୍ରିକୋଣ ଭୂମି ଅଞ୍ଚଳ ଆଜି ସମୃଦ୍ଧ ଓ ଶସ୍ୟ ଶ୍ୟାମଳା ହୋଇପାରିଛି କେବଳ ମହାନଦୀ ଓ ଏହାର ଅନେକ ଶାଖାନଦୀର ଜଳପ୍ରବାହ ଯୋଗୁଁ । ସେହିପରି ହୀରାକୁଦଠାରେ ନିର୍ମିତ ଦେଶର ଦୀର୍ଘତମ ଜଳଭଣ୍ଡାର ରାଜ୍ୟର ପଶ୍ଚିମାଞ୍ଚଳରେ କୃଷିର ବିକାଶ, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବିଶେଷ ସହାୟକ ହୋଇଛି । ଏଭଳି ଭାବରେ ଆମ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରୁଥିବା ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏବେ ଏକାଧିକ ଛୋଟବଡ଼ ବନ୍ଧ ନିର୍ମାଣ କରି ନଦୀଜଳକୁ ଅଟକାଇ ରଖିବା ଫଳରେ ଓଡ଼ିଶା ପଟେ ନଦୀ ଶୁଖିଯିବାକୁ ବସିଲାଣି । ଛତିଶଗଡ଼ ସରକାରଙ୍କ ସବୁଠାରୁ ବିବାଦୀୟ ତଥା ଓଡ଼ିଶା ପାଇଁ କ୍ଷତିକାରକ ପ୍ରକଳ୍ପ ହେଉଛି କଲମା ବ୍ୟାରେଜ । ଓଡ଼ିଶାର ସୀମା ଆରପଟେ (ଛତିଶଗଡ଼ ପଟେ) ୧୮୨ କୋଟି ୩ ଲକ୍ଷ ଟଙ୍କା ବ୍ୟୟରେ ଏହି ବ୍ୟାରେଜ ନିର୍ମିତ ହୋଇଛି । ପ୍ରାୟ ୧.୯୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ବୃହତ୍ ବ୍ୟାରେଜରେ ୬୫ ଟି ଫାଟକ ରହିଛି । କଲମା ବ୍ୟାରେଜର ସମସ୍ତ ଫାଟକ ଜୁନ ୧୬ରୁ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ଖୋଲା ରଖିବାକୁ ଛତିଶଗଡ଼ ସରକାର ନିର୍ଦ୍ଦେଶ ଦେଇଥିବାର ମୁହଁରେ କହୁଛନ୍ତି । ମାତ୍ର ବାସ୍ତବ କ୍ଷେତ୍ରରେ ଫାଟକଗୁଡ଼ିକ ବର୍ଷସାରା ବନ୍ଦ ରହୁଛି । ଅର୍ଥାତ୍ ମହାନଦୀର ଜଳ ବର୍ଷବ୍ୟାପୀ ଆଉ ଓଡ଼ିଶା ପଟକୁ ଆସିବ ନାହିଁ । ଏବଂ ନଦୀ ଶଯ୍ୟା ବାଲିରେ ପୋତି ହୋଇ ରହିବ । ଏହାର ପରିଣତ ସ୍ୱରୂପ ଭବିଷ୍ୟତରେ ଏଭଳି ଦିନ ଆସିବ, ଯେଉଁଦିନ ହୀରାକୁଦ ଜଳଭଣ୍ଡାର ଶୁଖିଲା ପଡ଼ିବ ଏବଂ ଓଡ଼ିଶା ମରୁଭୂମିରେ ପରିଣତ ହେବ । ବର୍ତ୍ତମାନ ସୀମାର ଠିକ୍ ଆରପଟେ କଲମା ବ୍ୟାରେଜରେ ଜଳସ୍ତର ଲହଡ଼ି ଭାଙ୍ଗୁଥିବା ବେଳେ ଓଡ଼ିଶା ପଟେ ମହାନଦୀର ଶଯ୍ୟା ବାଲିରେ ପୋତି ହୋଇଥିବାର ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହୋଇଛି । ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଯଦି ଛତିଶଗଡ଼ ସରକାର ତାଙ୍କର ପରିକଳ୍ପନା ମୁତାବକ ସମସ୍ତ ବ୍ୟାରେଜକୁ କାର୍ଯ୍ୟକ୍ଷମ କରିବେ, ତେବେ ମହାନଦୀରେ ମାତ୍ର ଏକ ତୃତୀୟାଂଶ ଜଳରାଶି ଓଡ଼ିଶା ଭିତରକୁ ପ୍ରବେଶ କରିବ ଏବଂ ଦୁଇ ତୃତୀୟାଂଶ ଜଳକୁ ଛତିଶଗଡ଼ ସରକାର ଉପଯୋଗ କରିବେ । ଛତିଶଗଡ଼ର ଏଭଳି ଚକ୍ରାନ୍ତପୂର୍ଣ୍ଣ ପଦକ୍ଷେପ ବିରୋଧରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଯେପରି ଶାଣିତ ସ୍ୱର ଉଠାଯିବାର କଥା, ତାହା ହେଉନାହିଁ । ବେସରକାରୀ ସ୍ତରରେ 'ମହାନଦୀ ବଞ୍ଚାଅ' ଅଭିଯାନ ଆରମ୍ଭ ହୋଇଥିବା ବେଳେ ନାନା ରାଜନୈତିକ କାରଣରୁ ଏହି ଆନ୍ଦୋଳନ ବିଶେଷ ଦାନା ବାନ୍ଧୁନାହିଁ । ସମଗ୍ର ପ୍ରସଙ୍ଗଟି ବର୍ତ୍ତମାନ ସୁପ୍ରିମ୍ କୋର୍ଟରେ ବିଚାରାଧୀନ ଥିବା ବେଳେ ଛତିଶଗଡ଼ ସରକାର କୋର୍ଟଙ୍କ ଫଇସଲାକୁ ଅପେକ୍ଷା ନରଖି ଏକତରଫା ଭାବରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଆଗେଇନେବା ଅତ୍ୟନ୍ତ ଅଯୌକ୍ତିକ ଓ ବେଆଇନ୍ । ସେହିପରି କୋଟିଆ ଗ୍ରାମପୁଞ୍ଜକୁ ନେଇ ଆନ୍ଧ୍ରପ୍ରଦେଶ ସହିତ ବିବାଦ ବଢୁଥିବା ବେଳେ ସୁଦୀର୍ଘ ଲଢ଼େଇ ପାଇଁ ଆମେ ପ୍ରସ୍ତୁତ ହେବା ଆବଶ୍ୟକ । ଉଭୟ ଜମି ଓ ଜଳର ସୁରକ୍ଷା ଆମ ଆଗରେ ମୁଖ୍ୟ ପ୍ରଶ୍ନ ହୋଇଛି ।

# ମୌସୁମୀ ଆଶା

ଭାରତ ପାଇଁ ମୌସୁମୀ ବାୟୁ ଜୀବନୀଶକ୍ତି । ଭାରତ ସମେତ ଏସିଆ ମହାଦେଶର ଅନ୍ୟାନ୍ୟ ରାଷ୍ଟ୍ର ସମୁହ ମୌସୁମୀ ବାୟୁର ପ୍ରବାହ ଦ୍ୱାରା ହେଉଥିବା ବୃଷ୍ଟିପାତ ଉପରେ ନିର୍ଭରଶୀଳ । ଜୁନ ରୁ ସେପ୍ଟେମ୍ବର ମାସ ମଧ୍ୟରେ ପ୍ରବାହିତ ମୌସୁମୀ ବାୟୁ ଭାରତରେ ବୃଷ୍ଟି ଭାରସାମ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ । ବାର୍ଷିକ ୭୫ ପ୍ରତିଶତ ବର୍ଷା ଏଥିରୁ ମିଳେ । ଭାରତରେ ସାଧାରଣତଃ ବାର୍ଷିକ ହାରହାରି ୧୦୮ ସେ.ମି ବର୍ଷା ହୋଇଥାଏ । ଜୁନ୍ ପ୍ରଥମ ସପ୍ତାହରେ ଭାରତର ଦକ୍ଷିଣ ଭୂଭାଗରେ ପ୍ରବେଶ କରି ଜୁଲାଇ ମଧ୍ୟଭାଗ ସୁଦ୍ଧା ସମଗ୍ର ଦେଶରେ ପରିବ୍ୟାପ୍ତ ହେଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅବଦାନ ମୋଟ ବର୍ଷାର ୮୫ ଶତାଂଶ । ପ୍ରତିବର୍ଷ ମେ ୨୦ତାରିଖରେ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜ ଓ ଜୁନ୍ ପହିଲାରେ କେରଳ ଉପକୂଳ ଛୁଇଁଥାଏ । କେରଳ ଉପକୂଳ ଛୁଇଁବାର ପ୍ରାୟ ଏକସପ୍ତାହ ମଧ୍ୟରେ ଓଡିଶା ଛୁଇଁଥାଏ । କେରଳରେ ମୌସୁମୀ ନଛୁଇଁବା ପର୍ଯ୍ୟନ୍ତ ଭାରତକୁ ବର୍ଷା ଋତୁ ଆସିଲା ବୋଲି କୁହାଯାଇପାରେନା । ଚଳିତବର୍ଷ ମେ ୨୭ତାରିଖରେ ମୌସୁମୀ ବାୟୁ କେରଳରେ ପ୍ରବେଶ କରିଥିଲା । କେରଳ ଛୁଇଁବାର କିଛି ଦିନ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ଅଗ୍ରସର ହେବା ସହ ବଙ୍ଗୋପ ସାଗର ଓ ଆରବ ସାଗରର ଅନେକ ଅଞ୍ଚଳକୁ ସ୍ପର୍ଶ କରିଥିବା ବେଳେ ଏବେ ଏହା ସ୍ଥିର ହୋଇଯାଇଛି । ପାଗ ଅନୁକୂଳ ନଥିବାରୁ ମୌସୁମୀ ଆଗକୁ ବଢିପାରୁ ନାହିଁ । ତାମିଲନାଡୁରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଭାରତର ପୂର୍ବ ଉପକୂଳରେ ପାଗ ଶୁଖିଲା ରହିବା ଦ୍ୱାରା ମୌସୁମୀ କେବେ ସକ୍ରିୟ ହେବ ଅନିଶ୍ଚିତ ରହିଛି । ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ କେରଳକୁ ଠିକ ସମୟରେ ଆସିଥିଲେ ମଧ୍ୟ ଦେଶରେ ଜୁନ ପ୍ରଥମ ସପ୍ତାହରେ ସ୍ୱାଭାବିକ ଠାରୁ ୩୭ ପ୍ରତିଶତ କମ୍ ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ(ଆଇ.ଏମ.ଡି) ପ୍ରକାଶ କରିଛି । ଜୁନ ପ୍ରଥମ ସପ୍ତାହରେ ଦେଶରେ ୨୩.୧ ମିଲିମିଟର ବର୍ଷା ହେବା କଥା । କିନ୍ତୁ ୧୪.୫ ମିଲି ଲିଟର ବର୍ଷା ହୋଇଛି । ଏହି ସମୟରେ କେରଳରେ ୪୮ ପ୍ରତିଶତ କମ ବର୍ଷା ହୋଇଛି । ଯଦ୍ୱାରା ଜୁନ ମାସରେ ମୌସୁମୀ ବର୍ଷା ଦେଶରେ ନିଅଣ୍ଟିଆ ରହିବ । ପାଣିପାଗ ଆକଳନ ଅନୁଯାୟୀ ଯେତେବେଳେ କେରଳର ଷାଠିଏ ଶତାଂଶ ପାଣିପାଗ କେନ୍ଦ୍ରରେ ୪୮ ଘଣ୍ଟା ମଧ୍ୟରେ ଅତି କମରେ ୨.୫ ମିଲିଲିଟର ବର୍ଷା ରେକର୍ଡ ହୋଇଥିବ ଓ ବାୟୁର ଗତି ଏକ ନିଶ୍ଚିତ ସୀମାକୁ ସ୍ପଷ୍ଟ କରୁଥିବ, ତେବେ ତାକୁ ମୌସୁମୀ ବର୍ଷା କୁହାଯିବ । ଓଡିଶାକୁ ମୌସୁମୀ ପ୍ରବେଶକୁ ନେଇ ଉପଗ୍ରହ ଚିତ୍ର ଓ ପାଣିପାଗ ରିପୋର୍ଟର ତଥ୍ୟ ଯାହା ମିଳୁଛି ତାହା ଚିନ୍ତାଜନକ । ଓଡିଶାକୁ ଜୁନ ଦ୍ୱିତୀୟ ସପ୍ତାହରେ ସାଧାରଣତଃ ମୌସୁମୀ ବାୟୁ ପ୍ରବେଶ କରେ । ପ୍ରାକ ମୌସୁମୀ ବର୍ଷା ଜୁନ ପ୍ରଥମ ସପ୍ତାହରୁ ଆରମ୍ଭ ହୁଏ । ଚଳିତ ବର୍ଷ ମୌସୁମୀ ବାୟୁ ଓଡିଶା ଛୁଇଁବା ତ ଦୂରର କଥା ଏପର୍ଯ୍ୟନ୍ତ ପ୍ରାକ ମୌସୁମୀ ବର୍ଷା ଆରମ୍ଭ ହୋଇନାହିଁ । ଉତ୍ତର-ପଶ୍ଚିମା ପବନର ପ୍ରଭାବ ଅଧିକ ହେତୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି । କେନ୍ଦ୍ରୀୟ ଭାରତରେ ଗୁରୁଚାପ ବଳୟ ହେତୁ ରାଜସ୍ଥାନ, ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ ଆଦି ରାଜ୍ୟରୁ ଓଡିଶା ଭିତରକୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି । ମୌସୁମୀ ବାୟୁ ନଆସିବା ପର୍ଯ୍ୟନ୍ତ ଓଡିଶାରେ ପାରଦ ତଳମୁହାଁ ହେବା ସମ୍ଭାବନା କମ । ବୈଜ୍ଞାନିକ ପଦ୍ଧତି ଓ ବୈଷୟିକ ପ୍ରଗତିର ସହାୟତାରେ ଆମେ ପ୍ରତି ବର୍ଷ ମୌସୁମୀ ବାୟୁ ପ୍ରବାହର ସମ୍ଭାବନା ନେଇ ବହୁ କିଛି ସୂଚନା ପାଇଥାଉ । ପାଣିପାଗ ତଥ୍ୟ କହୁଛି ଏବେ କେବଳ ଓଡିଶା ଉପକୂଳରେ ବାଦଲ ଦୃଶ୍ୟମାନ ହେଉଛି । ମୌସୁମୀ ବାୟୁର ଅଗ୍ରଗତି ପାଇଁ ଯେଉଁ ଅନୁକୂଳ ପରିବେଶ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ ହେବା କଥା ତାହା ହେଉନାହିଁ । ତେଣୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପ ସାଗର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରୁ ମୌସୁମୀ ବାୟୁ ଓଡିଶା ପହଞ୍ଚିବାରେ ବାଧା ସୃଷ୍ଟି ହେଉଛି । ରାଜ୍ୟରେ ଜୁନ ମାସରେ ହାରାହାରି ୬୮ ମିଲିଲିଟର ବର୍ଷା ହୋଇଥାଏ । ତେବେ ଚଳିତ ବର୍ଷ ଜୁନ ମାସରେ ୭୯ପ୍ରତିଶତ ବର୍ଷା ନିଅ ହୋଇଛି । ଏହି ସମୟ ମଧ୍ୟରେ ବରଗଡ,ସୋନପୁର ଓ ମାଲକାନାଗିରିରେ ଆଦୌ ବର୍ଷା ହୋଇ ନାହିଁ । ତେବେ ଏ ବର୍ଷ ବର୍ଷା ପରିମାଣ ହ୍ରାସ ପାଇବ । ଓଡିଶାର ମୋଟ ଚାଷ ଜମିର ଅଧାରୁ ଅଧିକ ବର୍ଷା ଉପରେ ନିର୍ଭରଶୀଳ । ମୌସୁମୀ ବିଳମ୍ବିତ ଏବଂ ଅନିୟମିତ ହେଲେ ତାହାର କୁପ୍ରଭାବ ଚାଷ ଓ ଚାଷୀଙ୍କ ଉପରେ ପଡିବ । ଚାଷ ବାଧାପ୍ରାପ୍ତ ଓ କୃଷି କ୍ଷତିଗ୍ରସ୍ତ ହେବ । ଅର୍ଥନୈତିକ ଅଭିବୃଦ୍ଧିରେ ଅନ୍ତରାୟ ସୃଷ୍ଟି ହେବ ।

ପ୍ରେମାନନ୍ଦ ପାଣିଗ୍ରାହୀ

# କରୋନା ପରବର୍ତ୍ତୀ ଅଣଆନୁଷ୍ଠାନିକ ଶିକ୍ଷା ପରିପ୍ରେକ୍ଷୀରେ...

ତୁଳସୀ ମାଣ୍ଡାଙ୍ଗୀ, ପରିବେଶର ମାଆ । ତୁଳସୀ ପାଠ ପଢ଼ିନାହାନ୍ତି । ଓଡ଼ିଆ ବୁଝିପାରୁଛନ୍ତି କିନ୍ତୁ ଓଲଟାଇ କହିବାରେ ସଂକୋଚ କରୁଛନ୍ତି । ଆଲୋଚନା ପ୍ରସଙ୍ଗରେ ସେ ନିଜ ଭାଷାରେ କହୁଥିଲେ, ତାଙ୍କର ପୁଅ ପରବେଶ ଖୁସୀରେ ଶିକ୍ଷା କେନ୍ଦ୍ରକୁ ପାଠ ପଢ଼ିବା ପାଇଁ ଯାଉଛି, ସେ ଦୃଷ୍ଟିରୁ ସେ ବେଶ୍ ଖୁସୀ । କିନ୍ତୁ କେଉଁ ଶ୍ରେଣୀରେ ପଢୁଛି, ସେ ଜାଣିନାହାନ୍ତି । ପରବେଶ ମାଣ୍ଡାଙ୍ଗୀ ମଧ୍ୟ ତାଙ୍କର ପାଠପଢ଼ା ପାଇଁ ଖୁସୀ । ରୋହିତ ମାଣ୍ଡାଙ୍ଗି, ପଞ୍ଚମ ଯାଏ ପାଠ ପଢ଼ିଛି । ଗତ ତିନି ଚାରି ବର୍ଷ ହେଲା ସ୍କୁଲ ମାଡୁନି । ଡଙ୍ଗର କାମ କରୁଛି । ହଳ କରୁଛି । ଦିନରେ ଚାଷ କରିବାକୁ ଯାଉଛି । ପଞ୍ଚମ ଯାଏ ଗାଁ ସ୍କୁଲରେ ପାଠ ପଢୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ପାଠ ଭୁଲି ଯାଇଥିଲା । ଗତ ୬ ମାସ ହେବ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପାଠ ପଢ଼ିବା ପାଇଁ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି । ଧିରେ ଧିରେ ବହି ପଢ଼ିପାରୁଛି । କସ୍ତୁରୀ ମାଣ୍ଡାଙ୍ଗୀ । ପାଖାପାଖି ୧୩ ରୁ ୧୪ ବର୍ଷ ହେବ । ପାଞ୍ଚ ଯାଏ ପାଠ ପଢ଼ିଛି । ଗାଁ ସ୍କୁଲରେ ପଞ୍ଚମ ଯାଏ ପାଠ ପଢ଼ିଥିଲା, ଏହା ପରେ ଆଉ କୌଣସି ବିଦ୍ୟାଳୟ ମାଡ଼ିନି । ସେ ପୁଣି ଛଅମାସ ହେଲା ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି । ଦିନରେ ମା' ସହତ ଘର କାମ କରୁଛି । ସ୍ୱପ୍ନ ରହିଛି ବଡ଼ ହେଲେ ଭଲ ଚାଷବାସ କରିବ । ଗୋଷ୍ଠୀ ବିଦ୍ୟାଳୟକୁ ଆସୁଛି ପାଠ ଦୁଇଅକ୍ଷର ପଢ଼ିବା ପାଇଁ ଏବଂ ପାଠକୁ ନଭୁଲିବା ପାଇଁ । ସେହିଭଳି ନାମ ମାଣ୍ଡାଙ୍ଗି । ପଞ୍ଚମ ଯାଏ ପାଠ ପଢ଼ିଛି । ଏହାପରେ ସେ ଆଉ କୌଣସି ବିଦ୍ୟାଳୟକୁ ଯିବା ଭାଗ୍ୟରେ ଯୁଟିନି ! କରୋନାର ଗୋଟଏ ବର୍ଷ ପୂର୍ବରୁ ବିଦ୍ୟାଳୟ ଯିବା ବନ୍ଦ କରିଛି । ଡଙ୍ଗରକୁ ଯାଉଛି । କ୍ରିକେଟ ଖେଳୁଛି । ଛେଳି, ମଇଁଷି ଚରଉଛି । ହଳ ମଧ୍ୟ କରୁଛି । ଘରେ ରୋଷେଇ ମଧ୍ୟ କରୁଛି । ନାମର ବାପା ନାହାନ୍ତି । ବଡ଼ ଭାଇ ଦାଦନ ଖଟିବାକୁ ବାହାରକୁ ଯାଇଛି । ସେ କେଉଁଠିକୁ ଯାଇଛି ଜାଣିନି । ତାଙ୍କ ଘରେ ମାଣ୍ଡିଆ, ଖେଡ଼୍ ଜନ୍ନା, କୋଶଳା, ଝୁଡୁଙ୍ଗ, କଟିଙ୍ଗ, ଧାନ ଆଦି ଚାଷ କରୁଛନ୍ତି । ଏ ସବୁ ଖାଇବାପାଇଁ ହେଉଛି । ସନ୍ଧ୍ୟାରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି, ଚାଟଶାଳୀ ବହି ପଢୁଛି । ଗୀତ ଗାଉଛି । ନାଚ କରୁଛି । ଇଂରାଜୀ ମଧ୍ୟ କିଛି କିଛି ପଢୁଛି । ମାଲତି ସାରକା, କରୋନା ସମୟରୁ ବିଦ୍ୟାଳୟ ପାଠପଢ଼ା ଛାଡ଼ିଦେଇଛି । ତା' ମା' କହିଲେ, ତୁ ପାଠ ପଢ଼ିଲେ, କିଏ ଘର କାମ କରିବ । ଡଙ୍ଗର ଯାଉଛି । ସକାଳେ ସେ କୋଡ଼ିକରେ ଖୋସୁଛି । ରଞ୍ଜା ଲଗାଉଛି, ହଳ କରୁଛ । ଗାଈ ଚରେଇ ଯାଉଛି । ସନ୍ଧ୍ୟାରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସୁଛି । ଗାମ୍ଭା ମାଣ୍ଡାଙ୍ଗି, କୃଷ୍ଣ ମାଣ୍ଡାଙ୍ଗି ଏହିଭଳି କିଛି ଅଧାରୁ ପାଠ ଛାଡ଼ିଥିବା ଶିଶୁ ମଧ୍ୟ ନିୟମିତ ଭାବରେ ହିମରପଡ଼ିରେ ଚାଲିଥିବା ଶିକ୍ଷାକେନ୍ଦ୍ରକୁ ନିୟମିତ ଭାବରେ ଆସୁଛନ୍ତି ଓ ପାଠ ପଢ଼ିବା ଓ ଶିଖିବା ପ୍ରତି ଆଗ୍ରହ ଦେଖାଉଛନ୍ତି । ଗାଁର ନାମ ହିମରପଡ଼ି, କୁମ୍ଭିକୋଟା ଗ୍ରାମ ପଞ୍ଚାୟତ, ବ୍ଲକ:ରାୟଗଡ଼ା ବ୍ଲକ, ଜିଲ୍ଲା ରାୟଗଡ଼ । ହିମିରିପଡ଼ିରେ ସନ୍ଧ୍ୟାରେ ଚାଲିଥିବା ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ପ୍ରତ୍ୟେକ ଦିନ ତିରିଶିରୁ ଚାଳିଶ ଜଣ ଶିଶୁ ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ଯୋଗ ଦେଉଛନ୍ତି । ସବୁଠାରୁ ବଡକଥା ପଛୁଆ ଗୋଷ୍ଠୀର ହେଲା ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା, ବିଦ୍ୟାଳୟ ଛାଡ଼ିଥିବା ଶିଶୁ ମଧ୍ୟ ଏହି କେନ୍ଦ୍ରରେ ଶିକ୍ଷାଲାଭ ପାଇଁ ଆସୁଛନ୍ତି । ଗତ ମାର୍ଚ୍ଚ ୨୦୨୦ରେ ଯେତେବେଳେ ସ୍କୁଲ ଅନିଶ୍ଚିତ ଦିନ ପାଇଁ ବନ୍ଦ ହୋଇଗଲା, ସେତେବେଳେ ଅଭିଭାବକମାନେ ବେଶ୍ ଚିନ୍ତିତ ଥିଲେ । ଯେଉଁ ଶିଶୁମାନେ ଆଶ୍ରମ ସ୍କୁଲରେ ପଢୁଥିଲେ ଏବଂ ଉଚ୍ଚ ଶ୍ରେଣୀରେ ପଢୁଥିଲେ, ସେମାନେ ନିଜର ପାଠପଢ଼ା ସହିତ କିଛି ମାତ୍ରାରେ ଚଳେଇ ନେଲେ । କିନ୍ତୁ ଯେଉଁମାନେ ପ୍ରାରମ୍ଭିକ ସ୍ତରର ଶିଶୁ ଥିଲେ, ଯେଉଁମାନେ ଗତ ଦୁଇ ତିନିବର୍ଷ ଧରି ବିଦ୍ୟାଳୟ ଆସୁଥିଲେ, ଅକ୍ଷର ଦୁଇପଦ ଓ ସଂଖ୍ୟା ଶିଖି ଆସୁଥିଲେ, ସେମାନଙ୍କର ପାଠପଢ଼ିବାର ଅନେକ ସମସ୍ୟା ଥିଲା । ଏହିଭଳି ସମୟରେ ପ୍ରଥମ ଥରର କରୋନାର ସ୍ଥିତି ଆସ୍ତେ ଆସ୍ତେ କମିବା ପରେ ଗ୍ରାମବାସୀ ଅଗ୍ରଗାମୀ, କାଶୀପୁରକୁ ଯାଇ ନିଜ ଗ୍ରାମରେ ଗୋଷ୍ଠୀ ଶିକ୍ଷଣ କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କଲେ । ଇତି ମଧ୍ୟରେ ଅଗ୍ରଗାମୀ ତରଫରୁ ଉକ୍ତ ଗ୍ରାମରେ ଜୈବିକ ପ୍ରଣାଳୀରେ ଚାଷ ପାଇଁ ଗ୍ରାମବାସୀଙ୍କୁ ତାଲିମ ଏବଂ ପ୍ରୋତ୍ସାହିତ କରାଯାଉଥିଲା ଏବଂ ଗ୍ରାମବାସୀ ମାଣ୍ଡିଆଜାତୀୟ ଶସ୍ୟ ଚାଷ କରିବା ସହିତ ଅନେକ ଜୈବିକ ପ୍ରଣାଳୀରେ ଚାଷ ଆପଣେଇଥିଲେ । ଅଗ୍ରଗାମୀ ତରଫରୁ ଏହାକୁ ସ୍ୱୀକୃତି ମିଳିବା ପରେ ଗ୍ରାମବାସୀ ଗ୍ରାମର ପାଠୁଆ ଯୁବକ ଲଦି ମାଣ୍ଡାଙ୍ଗିଙ୍କୁ ଗୁରୁ ଭାବରେ ନିଯୁକ୍ତି କରିବା ପାଇଁ କହିଲେ । ଲଦି ଜଣେ ଗ୍ରାମର ଶିକ୍ଷିତ ଯୁବକ । ଲଦି ମାଣ୍ଡାଙ୍ଗି ଗାଁରେ ପାଠ ପଢ଼ା ଆରମ୍ଭ କରିବା ସହିତ ନିୟମିତ ଭାବରେ କାଶୀପୁର ଠାରେ ସ୍ୱଳ୍ପ ଅବଧି ତାଲିମ ନେଲେ, ଶିକ୍ଷଣ ସାମଗ୍ରୀ ପାଇଲେ ଏବଂ କେନ୍ଦ୍ରକୁ ପ୍ରଥମ କରି ଆସୁଥିବା ଶିଶୁମାନଙ୍କ ନିମନ୍ତେ ଶିକ୍ଷଣ ସାମଗ୍ରୀ ପାଇଲେ । ପ୍ରାଥମିକ ସମୟରେ ଅଗ୍ରଗାମୀ ତରଫରୁ ଦିଆଯାଇଥିବା ପରବର୍ତ୍ତୀ ସମୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଶିକ୍ଷାଦିକ୍ଷା ପାଇଁ ଆବଶ୍ୟକ ହେଉଥିବା ଖାତା, ପେନ୍‌ସିଲ୍, ପେନ୍ ଆଦି ଶିକ୍ଷଣ ସାମଗ୍ରୀ କିଣିଲେ । ବର୍ତ୍ତମାନ ଲଦି ମାଣ୍ଡାଙ୍ଗିଙ୍କ ପାଠପଢ଼ା ସନ୍ଧ୍ୟା ପାଞ୍ଚଟାରେ ଆରମ୍ଭ ହୁଏ ଏବଂ ସନ୍ଧ୍ୟା ସାଢ଼େ ସାତଟା ପର୍ଯ୍ୟନ୍ତ ଚାଲେ । ସୋଲାର ଲାଇଟରେ ପାଠପଢ଼ା ହୁଏ । ଦିନରେ ଶିଶୁମାନେ କିଏ ଆମ୍ବ ଗୋଟାଇ ଯାଇଥାଆନ୍ତି ତ କିଏ ଡଙ୍ଗରରେ ବୁଲାବୁଲି କରନ୍ତି । ଅପରାହ୍ନ ଚାରିଟା ପରେ ଆସ୍ତେ ଆସ୍ତେ ଶିଶୁମାନେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରକୁ ଆସନ୍ତି । ସବୁଠାରୁ ବଡ଼କଥା ହେଲା ଲଦିଙ୍କ ପାଖକୁ ଡ୍ରପ ଆଉଟ ଶିଶୁମାନେ ମଧ୍ୟ ଶିକ୍ଷା ପାଇବା ପାଇଁ ଆଗ୍ରହ ଦେଖାଇ ଆସୁଛନ୍ତି । ଲଦି ନିଜର ପାଠପଢ଼ାରେ ସଂଗୀତ, ନାଚ, ଖୁସୀରେ ଶିଖିବା ନିମନ୍ତେ ନିଜ ମାତୃଭାଷା କୁଇରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ଆବଶ୍ୟକ ବେଳେ ନିଜେ ଅଭିନୟ ମାଧ୍ୟମରେ ସଂଗୀତ ଶିଖାଉଛନ୍ତି । ଲଦି ମାଣ୍ଡାଙ୍ଗି ପାଠପଢ଼ା ସହିତ ଗ୍ରାମବାସୀଙ୍କୁ ଆବଶ୍ୟକ ବେଳେ ସାହାଯ୍ୟ ସହଯୋଗ କରୁଛନ୍ତି । ଏଥିସହିତ ଗ୍ରାମରେ ଜୈବିକ ପଦ୍ଧତିରେ ଚାଷ କରିବା, କ୍ଷୁଦ୍ରଦାନା ଶସ୍ୟ ଚାଷ କରିବା ପାଇଁ ଲୋକଙ୍କୁ ବୁଝାଉଛନ୍ତି । ଗ୍ରାମର ଯେଉଁମାନେ ଅଧାରୁ ପାଠ ଛାଡ଼ି ଦେଉଛନ୍ତି, ସେମାନଙ୍କୁ ବିଦ୍ୟାଳୟକୁ ପଠାଇବା ଏବଂ ଗ୍ରାମରେ ତାଙ୍କର ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ପ୍ରୟାସ କରୁଛନ୍ତି । ଏଥିସହିତ ସଫାସୁତୁରା ରହିବା, ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ମଧ୍ୟ ମଧ୍ୟ ବୁଝାଉଛନ୍ତି । କଥା ଉଠୁଛି, କରୋନା ପରବର୍ତ୍ତୀ ସମୟରେ ଗତ ଦୁଇବର୍ଷ ମଧ୍ୟରେ କେତେ ମାତ୍ରରେ ଶିଶୁ ବିଦ୍ୟାଳୟ ଶିକ୍ଷାଦାନରୁ ବଞ୍ଚିତ ହୋଇଛନ୍ତି । କେତେକ ପଞ୍ଚମ ପରେ କୌଣସି ବିଦ୍ୟାଳୟରେ ନାମ ଲେଖାଇନାହାନ୍ତି । ଅନେକ ଶିଶୁ ରହିଛନ୍ତି, ଯେଉଁମାନେ ପଞ୍ଚମପାଠ ପଢୁଥିଲେ ମଧ୍ୟ ତାଙ୍କର ଶିକ୍ଷଣୀୟ ସ୍ତର ପ୍ରଥମ ଶ୍ରେଣୀ କିମ୍ବା ଅତି ବେଶୀରେ ଦ୍ୱିତୀୟ ଶ୍ରେଣୀର ରହିଛି । ଫଳରେ ସେହିଭଳି ଶିଶୁମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଶିକ୍ଷକ ଅରାଜି ଥିବା ବେଳେ ଏହି ଧରଣର ଶିଶୁଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଭୟ ରହୁଛି,ମାନସିକ ଚାପରେ ରହୁଛନ୍ତି ଏବଂ ସ୍କୁଲକୁ ଯିବା ପାଇଁ ଆଉ ଆଗ୍ରହ ଦେଖାଉନାହାନ୍ତି, ଏହିଭଳି ଅନେକ ଶିଶୁ ଏହିଭଳି ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ଶିକ୍ଷା ଗ୍ରହଣ ନିମନ୍ତେ ଆସୁଛନ୍ତି । ମୁଁ ଗାଁ ସ୍କୁଲର ସଭାପତିଙ୍କ ସହ ଆଲୋଚନା କରୁଥିଲି । ଗାଁରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ହେବା ପରେ ଗାଁ ଲୋକଙ୍କ ପାଇଁ ଅନେକଙ୍କ ଲାଭ ହୋଇଛି । ଗାଁ ଲୋକ ଗ୍ରାମବାସୀଙ୍କୁ ବୁଝାଇ ଗୋଷ୍ଠୀ ଶିକ୍ଷାକେନ୍ଦ୍ରକୁ ପିଲାମାନଙ୍କୁ ପଠାଉଛୁ । କରୋନା ମାଡ଼ିଯିବା ପରେ ଗାଁ ସ୍କୁଲ ବନ୍ଦ ହୋଇଥିଲା । ଏହି ସମୟରେ ଅମର ବଡ଼ ଚିନ୍ତ ହେଲା । ଆମେ ଗାଁର କିଛି ଲୋକ କାଶୀପୁର ଯାଇ ଆମ ଗାଁରେ ପାଠ ପଢ଼େଇବା ପାଇଁ ଏବଂ ଶିକ୍ଷା କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କଲୁ ଓ ଦରଖାସ୍ତ କଲୁ । ଅଗ୍ରଗାମୀ ତରଫରୁ ଆମ ଗାଁ ପିଲାଙ୍କ ଟ୍ରେନିଂ ଦେଲେ ଏବଂ ପଢ଼େଇବା ପାଇଁ ସାମଗ୍ରୀ ଦେଲେ । ଆମେ ଗୋଷ୍ଠୀ କେନ୍ଦ୍ରରେ ପଢ଼େଇବା ପାଇଁ ବ୍ୟବସ୍ଥା କଲୁ । ଆମ ପିଲାମାନଙ୍କୁ ପଢ଼େଇଲୁ । ଯେଉଁ ପିଲାମାନେ ପଞ୍ଚମ ପଢୁଛନ୍ତି, ସେମାନଙ୍କୁ ଚେଷ୍ଟା କରୁଛୁ ନିକଟସ୍ଥ ହାଇସ୍କୁଲରେ ଜଏନ୍ କରବା ପାଇଁ । ଯଦି କରୋନା ସମୟରେ ଆମ ଏଠାରେ ପାଠ ହୋଇନଥାନ୍ତା, ତେବେ ଅନେକ ଶିଶୁ ଅଧାରୁ ପାଠଛାଡ଼ି ଦେଇଥାଆନ୍ତେ ବୋଲି ମତ ଦେଉଥିଲେ । ଗାଁରେ ପାଠପଢ଼ା ପ୍ରତି ଆଗ୍ରହ ରହିଛି । ଗ୍ରାମର ପ୍ରାୟ ୩୦ରୁ ଅଧିକ ଶିଶୁ ଗ୍ରାମର ବାହାରେ ରହି ପଢୁଛନ୍ତି । ଗ୍ରାମର ସମସ୍ତେ କୁଇ ସଂପ୍ରଦାୟର ଏବଂ ଚାଷବାସରେ ସମ୍ପୂର୍ଣ୍ଣ ଭାବରେ ଜୀବିକା ଅର୍ଜନ କରନ୍ତି । ଗ୍ରାମରେ ୮୦ଟି ପରିବାର ବସବାସ କରନ୍ତି । ପିଲାଙ୍କ ପାଠପଢ଼ା ସହିତ କିପରି ସଫାସୁତୁରା ରହିବେ, ଜୈବିକ ଉପାୟରେ ଚାଷ କରିବେ ସେଥିପ୍ରତି ଗୁରୁତ୍ୱ ଦିଅନ୍ତି । ଲଦି ମାଣ୍ଡାଙ୍ଗି ନିଜେ ମଧ୍ୟ ଡଙ୍ଗର ଯାଇ ଚାଷ କରନ୍ତି । ଅପରାହ୍ନରେ ଦୁଇଟା ପରେ ଫେରିବା ପରେ ନିଜେ କିଛି ଖାଇ, ବିଶ୍ରମ ନେଇ ସନ୍ଧ୍ୟାରେ ଶିଶୁଙ୍କ ପାଠପଢ଼ା କରନ୍ତି । ଲଦି ମାଣ୍ଡାଙ୍ଗି ନିୟମିତ ଭାବରେ ଗତ ଦୁଇବର୍ଷ ମଧ୍ୟରେ ଅଗ୍ରଗାମୀ କାଶୀପୁରଠାରେ ଅନେକ ଥର ସ୍ୱଳ୍ପକାଳିନ ଶିକ୍ଷକ ତାଲିମ ଗ୍ରହଣ କରିଛନ୍ତି, ଯାହାକି ତାଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଅନେକ ସହାୟତା କରିଛି । ବିଭିନ୍ନ ବୟସର ଶଶୁମାନଙ୍କୁ, ଶିକ୍ଷଣ ସ୍ତର ଅନୁସାରେ ଶିକ୍ଷା ଦାନ କରନ୍ତି । ଶିକ୍ଷାଦାନ ବେଳେ ଗୀତ, ଗପ, ଅନୁଭୂତି ସହିତ ଶିକ୍ଷଣ ସାମଗ୍ରୀ ବ୍ୟବହାର କରନ୍ତି ଏବଂ ନିଜ ଭାଷାରେ ବୁଝାନ୍ତି । ଆପି ମାଣ୍ଡାଙ୍ଗିଙ୍କ ସହ କଥା ବେଳେ ତାଙ୍କ ସମ୍ପର୍କରେ କହୁଥିଲେ ସେ ଜଣେ ଚାଷୀ । ମକା, ମାଣ୍ଡିଆ, ସୁଆଁ, ଧାନ ଚାଷ କରୁଛନ୍ତି । ନିଜର ଗାଇ ରହିଛି । ନିଜର ପିଲା ଖୁସିରେ ସନ୍ଧ୍ୟାରେ ଶିକ୍ଷା କେନ୍ଦ୍ରକୁ ପାଠ ପଢ଼ିବା ପାଇଁ ଯାଉଥିବାରୁ ସେ ମଧ୍ୟ ଶିକ୍ଷାକେନ୍ଦ୍ରକୁ ନେଇ ବେଶ୍ ଖୁସି ଅଛନ୍ତି । ଗାଁ ଲୋକଙ୍କ ସହିତ ଆଲୋଚନା ବେଳେ ସ୍କୁଲରେ ଯାଇ ସେମାନଙ୍କ ପିଲାଙ୍କ ପାଠପଢ଼ା ସମ୍ପର୍କରେ ବୁଝୁଛନ୍ତି କି ନାହିଁ ପଚାରୁଥିଲି, ସେମାନେ ମନା କରୁଥିଲେ । କିନ୍ତୁ ନିୟମିତ ଭାବରେ ଗୋଷ୍ଠୀଶିକ୍ଷା କେନ୍ଦ୍ରକୁ ଆସି ବାହାର ପିଲାଙ୍କ ପାଠପଢ଼ାକୁ ଦେଖି ଖୁସି ହୁଅନ୍ତି ଏବଂ ପିଲାଏ ହସଖୁସିରେ ପାଠପଢୁଛନ୍ତି ବୋଲି ସେମାନେ ବି ଖୁସି ହୁଅନ୍ତି । ଗତ ଦୁଇବର୍ଷ ହେଲା ଗ୍ରାମାଞ୍ଚଳରେ ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇ ରହିବା ଦ୍ୱାରା ଶିକ୍ଷଣ ସ୍ତରରେ ଅନେକ କମିଯାଇଛି । ଅନେକ ଶିଶୁ ଭୁଲ ବାଟ, ମାନସିକ ଚାପରେ ଖରାପ ଅଭ୍ୟାସରେ ପଡ଼ିବାର ମଧ୍ୟ ସମ୍ଭାବନା ସୃଷ୍ଟି ହୋଇଛି । ଏହିଭଳି ପରିପ୍ରେକ୍ଷୀରେ ଲଦି ମାଣ୍ଡାଙ୍ଗି ଦ୍ୱାରା ଗ୍ରାମରେ ପାଠପଢ଼ା, ନିଜ ଜାତିର ଶିଶୁମାନଙ୍କୁ ସତ୍ ଶିକ୍ଷା ଦେବା ସହିତ ଗାଁରେ ଏକ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ପ୍ରୟାସ ସୃଷ୍ଟି କରି ପାରିଛି, ଏହା ଏକ ଭଲ ସଂନ୍ଦେଶ ଦେଉଛି କହିଲେ ଅତ୍ୟୁକ୍ତ ହେବନାହିଁ !

ଲୋକନାଥ ପଣ୍ଡା


# ସନାତନ ସଂସ୍କୃତିର ଯୋଗଦର୍ଶନ ବିଶ୍ୱ ସମୁଦାୟକୁ ଶ୍ରେଷ୍ଠ ବରଦାନ

ଯୋଗ ଶବ୍ଦ ସନାତନ ସଂସ୍କୃତିର ଆଦ୍ୟ ଓ ପବିତ୍ର ଗ୍ରନ୍ଥ ଋକ୍ ବେଦରେ ଦେଖିବାକୁ ମିଳେ । ଏହି ଶବ୍ଦଟି ସଂସ୍କୃତ ମୂଳ ଶବ୍ଦ ଯୁଜ୍ଞ ରୁ ଆସିଅଛି । ଯାହାର ଅର୍ଥ ଯୋଡିବା ବା ଯୁକ୍ତ ହେବା । ବେଦର ରଚନା ପରେ ଉପନିଷଦ ଓ ଏହାପରେ ବିଭିନ୍ନ ମୁନିଋଷିମାନଙ୍କ ଦ୍ୱାରା ଷଡ ଦର୍ଶନ ଯଥା ବେଦାନ୍ତ ଦର୍ଶନ, ସାଂଖ୍ୟ ଦର୍ଶନ, ଯୋଗ ଦର୍ଶନ, ନ୍ୟାୟ ଦର୍ଶନ, ମୀମାଂସା ଦର୍ଶନ ଓ ବୈଶଶିକ ଦର୍ଶନ ସୃଷ୍ଟି ହୋଇଛି । ମହର୍ଷି ପତଞ୍ଜଳିଙ୍କ ଦ୍ୱାରା ଯୋଗ ଦର୍ଶନ ସୃଷ୍ଟି ହୋଇଥିଲା । ମହର୍ଷି ପତଞ୍ଜଳି ଯୋଗର ଉଦ୍ଦେଶ୍ୟ, ଲକ୍ଷ୍ୟ, ଉପକାରିତା ଓ ଯୋଗ ସାଧନାର ଉପାୟ ନିଜ ଦର୍ଶନରେ ଉଲ୍ଲେଖ କରିଛନ୍ତି । ମହର୍ଷି ପତଞ୍ଜଳିଙ୍କୁ ପ୍ରାଚୀନ ଯୋଗ ଦର୍ଶନର ଜନକ ବୋଲି ଅଭିହିତ କରାଯାଏ । ଐତିହାସିକମାନଙ୍କ ମତରେ ପାଞ୍ଚ ହଜାର ବର୍ଷ ପୂର୍ବେ ଉତ୍ତର ଭାରତରେ ଯୋଗର ପ୍ରଚଳନ ଥିଲା । ଏହା ଯଦିଓ ସନାତନ ସଂସ୍କୃତି ବା ଧର୍ମର ଅଙ୍ଗ, ଏହାକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଯୋଡିବା ଉଚିତ ନୁହେଁ, ଯୋଗ ଏକ ଅଧ୍ୟାତ୍ମିକ ବିଜ୍ଞାନ । ଶାରୀରିକ, ମାନସିକ, ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ବିକାଶ ହିଁ ଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଯେଉଁଥିପାଇଁ ଆଜି ସବୁ ଧର୍ମର ଲୋକମାନେ ଯୋଗକୁ ଆପଣାଇ ନେବାରେ କୁଣ୍ଠା ପ୍ରକାଶ କରୁନାହାନ୍ତି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ ଓ ବୌଦ୍ଧ ସମସ୍ତେ ଯୋଗର ଅଭ୍ୟାସ ପ୍ରତ୍ୟେକ ଦିନର ଜୀବନଚର୍ଯ୍ୟା ଭିତରେ ଜାରି ରଖିଛନ୍ତି । ଏପରିକି ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯୋଗକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି । ଜୀବନ ଜିଇଁବାର କଳା ହିଁ ହେଉଛି ଯୋଗ । ମହର୍ଷି ପତଞ୍ଜଳି ଯୋଗ ସାଧନ ପାଇଁ ଆଠଗୋଟି ମାର୍ଗ ନିର୍ଦ୍ଧାରଣ କରିଛନ୍ତି । ସେଗୁଡିକ ହେଲା ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଏବଂ ସମାଧି । ସାଧକ ଯଦି ନିର୍ବିକଳ୍ପ ସମାଧି ଅବସ୍ଥାକୁ ଚାଲିଯାଏ, ସେ ଆଉ ଫେରିବାକୁ ଇଚ୍ଛା କରେ ନାହିଁ । ସେ ପରମାତ୍ମାଙ୍କ ସହିତ ଯୁକ୍ତ ହୋଇଯାଏ । ପ୍ରାଚୀନ ଯୁଗର ମୁନିଋଷିମାନେ ଭଗବାନଙ୍କ ସହିତ ଯୁକ୍ତ ହେବା ପାଇଁ ଓ ନିଜର ଶରୀର ରକ୍ଷା ପାଇଁ ଯୋଗ ସାଧନ କରୁଥିଲେ । ଯୋଗ ବା ପ୍ରାଣାୟମ କରିବା ଫଳରେ ଯୋଗୀମାନେ ଦୀର୍ଘଜୀବୀ ହୋଇପାରୁଥିଲେ । କଳିଯୁଗରେ ଅଳ୍ପାୟୁସ ମାନବପାଖରେ ଦୀର୍ଘ ବର୍ଷ ଧରି ତପସ୍ୟାକରି ନିଜର ଆତ୍ମାକୁ ପରମାତ୍ମା ସହିତ ଯୁକ୍ତ କରିବା ଓ ଦିବ୍ୟାନୁଭୂତି ଲାଭ କରିବା ସମ୍ଭବ ନୁହେଁ, କିନ୍ତୁ ଅସମ୍ଭବ ବି ନୁହେଁ । ପଞ୍ଚଦଶ ଶତାବ୍ଦୀରେ ପଞ୍ଚସଖା ସାଧକ ଯଥା ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ ଅଷ୍ଟାଙ୍ଗ ଯୋଗ ସାଧନ କରି ଦିବ୍ୟାନୁଭୂତି ଲାଭ କରିଥିଲେ । ଯୋଗୀ ଅରବିନ୍ଦ, ନିଗମାନନ୍ଦ ପ୍ରଭୃତି ଯୋଗ ସାଧନ କରି ଦିବ୍ୟାନୁଭୂତି ଲାଭ କରିଥିଲେ । ଏହି ଯୁଗରେ ମୀରାବାଈ ନିର୍ବିକଳ୍ପ ସମାଧି ଅବସ୍ଥାକୁ ଯାଇ ପରମାତ୍ମାଙ୍କ ସହିତ ଲୀନ ହୋଇଯାଇଥିଲେ । ସାଧାରଣତଃ ଯୋଗ ଓ ପ୍ରାଣାୟମର ଦୁଇଟି ଉଦ୍ଦେଶ୍ୟ । ଗୋଟିଏ ହେଲା ଭାଗବତ ପ୍ରାପ୍ତି ଓ ଅନ୍ୟଟି ଶରୀର ରକ୍ଷା । ଯାହା ଜଣାଯାଏ ଆଜିବି ଅନେକ ସାଧୁସନ୍ଥ ପରମାତ୍ମାଙ୍କ ସହିତ ଯୁକ୍ତ ହେବା ପାଇଁ ହିମାଳୟରେ ତପସ୍ୟାରତ । ଯେତେବେଳେ ଜଣେ ଯୋଗୀ ବା ସାଧକର ମନରେ ଭାଗବତ ସତ୍ତାକୁ ଅନୁଭବ କରିବାର ଇଚ୍ଛା ବଳବତ୍ତର ହୁଏ ତା' ଅନ୍ତର ଭିତରେ ଥିବା ଚିତ୍ ଶକ୍ତିକୁ ସେ ଜାଗ୍ରତ କରିଥାଏ । ଯାହାକୁ କୁଣ୍ଡଳିନୀ କୁହାଯାଏ । ଅପାନ ବାୟୁ ହୃଦୟରୁ ପ୍ରାଣ ବାୟୁକୁ ସାଥିରେ ନେଇ ଗୁହ୍ୟଙ୍ଗକୁ ଯାଇଥାଏ । ସେଠାରୁ ସେ କୁଣ୍ଡଳିନୀ ବା ଚିତଶକ୍ତିକୁ ଆସ୍ତେ ଆସ୍ତେ ଉର୍ଦ୍ଧ୍ୱମୁଖୀ କରି ଗୁହ୍ୟଚକ୍ରରୁ ଲିଙ୍ଗ ଚକ୍ରଲିଙ୍ଗ ଚକ୍ରରୁ ନାଭିଚକ୍ର, ନାଭିଚକ୍ରରୁ ହୃଦୟଚକ୍ର, ହୃଦୟଚକ୍ରରୁ କଣ୍ଠଚକ୍ର, କଣ୍ଠଚକ୍ରରୁ ଲଲାଟଚକ୍ରକୁ ନେଇଥାଏ । ଲଲାଟ ଚକ୍ରରେ ରାଧା ଓ କୃଷ୍ଣଙ୍କୁ ଦର୍ଶନ କରି ଦିବ୍ୟାନୁଭୂତି ଲାଭ କରିଥାଏ । କୌଣସି କାରଣରୁ ଯଦି ତା'ର ଚିତଶକ୍ତି ଉର୍ଦ୍ଧ୍ୱମୁଖୀ ନ ହୋଇପାରେ ବା ଯୋଗ ଭ୍ରଷ୍ଟ ହୁଏ ସେହି ଚିତ୍ ଶକ୍ତି ଇଅଁଳା ଓ ସୁସୁମ୍ନା ନାଡି ଦେଇ ଗୁହ୍ୟ ଚକ୍ରକୁ ଫେରିଆସି ଏକ ବୃତ୍ତାକାରରେ ଘୁରିବୁଲେ । ଯଦି ସାଧକ ତା'ର କୁଣ୍ଡଳିନୀ ବା ଚିତଶକ୍ତିକୁ ପୁନର୍ବାର ଉର୍ଦ୍ଧ୍ୱଗାମୀ କରିବାକୁ ଚେଷ୍ଟା କରେ ତା'ହେଲେ ତା'ର ଚିତ୍ ଶକ୍ତି ଲଲାଟଚକ୍ରରୁ ସତଦଳଚକ୍ର ଓ ସତଦଳଚକ୍ରରୁ ସହସ୍ରଦଳ ଚକ୍ରରେ ପହଞ୍ଚିଥାଏ । ଯାହାକୁ ସମାଧି ଅବସ୍ଥା କୁହାଯାଏ । ସାଧକ ମନରେ ଯଦି କିଛି ପାଇବାର ଆଶା ଥାଏ ତା'କୁ ସବିକଳ୍ପ ସମାଧି କୁହନ୍ତି ଓ ଯଦି କିଛି ନଥାଏ ତାକୁ ନିର୍ବିକଳ୍ପ ସମାଧି କୁହନ୍ତି । ନିର୍ବିକଳ୍ପ ସମାଧି ଅବସ୍ଥା ପ୍ରାପ୍ତ ହେଲେ ସାଧକର ଆତ୍ମା ପରମାତ୍ମାଙ୍କ ସହିତ ମିଶିଯାଏ । ଆତ୍ମା ଓ ପରମାତ୍ମାର ମିଳନକୁ ସମାଧି ଅବସ୍ଥା କୁହାଯାଏ । ଯୋଗ ସାଧନ ପାଇଁ ପତଞ୍ଜଳି ମହର୍ଷି ଆଠଗୋଟି ପାବଚ୍ଛ ତିଆରି କରିଛନ୍ତି । ପ୍ରଥମ ପାବଚ୍ଛ ହେଲା ଯମ, ଅର୍ଥାତ୍ ସଂଯମତ ଅବଲମ୍ବନ କରିବା ବା ସମସ୍ତ ବିଷୟ ବାସନା ଓ ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁ ଠାରୁ ଦୂରେଇ ରହିବା । ଦ୍ୱିତୀୟରେ ନିୟମ ଅର୍ଥାତ୍, ଯୋଗ କରିବା ପୂର୍ବରୁ ଯାହା ଶାସ୍ତ୍ର ନିୟମ ଅଛି ସେଗୁଡ଼ିକୁ ପାଳନ କରିବା । ତୃତୀୟରେ ଆସନ ଯୋଗ କରିବା ପାଇଁ କିଭଳି ଆସନ ପ୍ରସ୍ତୁତ କରିବାକୁ ପଡିବ ସେ ସଂପର୍କରେ ଗୀତା ଓ ପତଞ୍ଜଳୀଙ୍କ ଦର୍ଶନ ଉଲ୍ଲେଖ ଅଛି । ସେଥିପ୍ରତି ଦୃଷ୍ଟି ଦେବାକୁ ପଡିବ । ଚତୁର୍ଥରେ ପ୍ରାଣାୟମ ଫଳରେ ପୁରକ ରୋଚକ ଓ କୁମ୍ଭକ ପଦ୍ଧତିରେ ବାୟୁ ପ୍ରଣାଳୀକୁ ନିଜ ଅଭ୍ୟାସକୁ ଆଣିବା । ପଞ୍ଚମରେ ପ୍ରତ୍ୟାହାର ଅର୍ଥାତ ସମସ୍ତ ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁକୁ ପରିତ୍ୟାଗ କରିବା । ଷଷ୍ଠରେ ଧ୍ୟାନ ଅର୍ଥାତ ଭଗବାନଙ୍କ କୌଣସି ଏକ ଅଙ୍ଗକୁ ମନରେ ଧ୍ୟାନ କରିବା । ସପ୍ତମରେ ଧାରଣ, ଅର୍ଥାତ ଭଗବାନଙ୍କ ସମ୍ପୂର୍ଣ୍ଣ ଶରୀରକୁ ମନରେ ଚିନ୍ତନ କରିବା । ଶେଷରେ ସମାଧି ଅର୍ଥାତ ଏହି ଅବସ୍ଥା ପ୍ରାପ୍ତ ହେଲେ ସାଧକ ପରମାତ୍ମାଙ୍କ ସହିତ ଯୁକ୍ତ ହୋଇଯାଇଥାଏ । ସାଧାରଣତଃ ଯୋଗ ଓ ପ୍ରାଣାୟକ ଦ୍ୱାରା ଆମର ଦୁଇଟି ଉଦ୍ଦେଶ୍ୟ ସାଧିତ ହେଉଛି । ଗୋଟିଏ ହେଉଛି ଆତ୍ମା ଓ ପରମାତ୍ମାଙ୍କ ମିଳନ ଓ ଅନ୍ୟଟି ହେଉଛି ଶରୀର ରକ୍ଷା । ଯେଉଁ ସାଧକ ଆଠଗୋଟି ସୋପାନ ଅତିକ୍ରମ କରିଛି ସେ ଭଗବାନଙ୍କୁ ଦର୍ଶନ କରିପାରୁଛି, ଯେଉଁମାନେ ପ୍ରାଣାୟମ ପାଖରେ ରହିଯାଉଛନ୍ତି ସେମାନଙ୍କ ପାଇଁ ଯୋଗ ଏକ ଏକ୍ସରସାଇଜ୍ ବା ଶାରୀରିକ ଅଭ୍ୟାସ । ଆଜି ସୁସ୍ଥ ଓ ନିରୋଗ ରହିବା ପାଇଁ କୋଟି କୋଟି ଲୋକ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ଯୋଗକୁ ଆପଣାଇ ନେଇଛନ୍ତି, ଫଳରେ ସେମାନଙ୍କ ଶରୀର ସୁସ୍ଥ ରହିବା ସହିତ ମାନସିକ ଓ ଆଧ୍ୟାତ୍ମିକ ଶାନ୍ତି ପାଇପାରୁଛନ୍ତି । ପ୍ରାଣାୟମ ଫଳରେ ଜଣେ ବ୍ୟକ୍ତି ଦୀର୍ଘଜୀବୀ ହୋଇପାରୁଛି । ଭାରତୀୟ ସନାତନ ସଂସ୍କୃତିର ଯୋଗ ଦର୍ଶନ ବିଶ୍ୱ ସମୁଦାୟକୁ ଏକ ଶ୍ରେଷ୍ଠ ବରଦାନ ବୋଲି କହିଲେ ଭୁଲ ହେବ ନାହିଁ । ଭାଗବତ ଗୀତାରେ ଭଗବାନ ସଂସାର ରୂପକ ମାୟା ବନ୍ଧନରୁ ମୁକ୍ତି ପାଇବା ପାଇଁ ତାଙ୍କର ପ୍ରିୟ ସଖା ଅର୍ଜୁନଙ୍କ ମାଧ୍ୟମରେ କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ ବିଷୟରେ ଅବତରଣ କରିଛନ୍ତି । ଜ୍ଞାନ ମାର୍ଗରେ ହଜାର ହଜାର ବର୍ଷ ତପସ୍ୟା କରି ଭଗବାନଙ୍କ ସହିତ ଯୁକ୍ତ ହେବା ଏକ କଠିନ ସମସ୍ୟା ବୋଲି ଭଗବାନ ଗୀତାରେ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଭଗବାନଙ୍କ ସାନ୍ନିଧ ଲାଭ କରିବାକୁ ଭକ୍ତିମାର୍ଗ ସହଜ ଓ ଶ୍ରେଷ୍ଠମାର୍ଗ ବୋଲି ଭଗବାନ କହିଛନ୍ତି । ପ୍ରଥମେ ଭଗବାନଙ୍କ ସ୍ୱରୂପକୁ ନ ଜାଣିଲେ ଜଣେ କିଭଳି ଭକ୍ତି କରିପାରିବ । ତେଣୁ ଭକ୍ତିମାର୍ଗକୁ ଆପଣେଇବାକୁ ହେଲେ ଜ୍ଞାନର ଆବଶ୍ୟକତା ଅଛି । ଭଗବାନ ଯେ ସର୍ବଶକ୍ତିମାନ ଏକଥା ଜାଣିବା ପରେ ଜଣେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିପାରିବ । ଭଗବାନ ଗୀତାରେ ୧୮ ଗୋଟି ଯୋଗ କଥା କହିସାରିବା ପରେ ଶେଷରେ ଅର୍ଜୁନଙ୍କୁ ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣଭାବେ ସମର୍ପିତ ହେବା ପାଇଁ ଉପଦେଶ ଦେଇଛନ୍ତି ଓ କହିଛନ୍ତି ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତି ଦେବି । ୨୦୧୪ ମସିହା ସେପ୍ଟେମ୍ବର ୨୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ମୋଦି ୟୁନାଇଟେଡ୍ ନେସନ୍ସ ଜେନେରାଲ ଆସେମ୍ବ୍ଲିରେ ଯୋଗର ଉପକାରିତା ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟକୁ ଆଧାର କରି ସେହି ବର୍ଷ ଡିସେମ୍ବର ୧୧ ତାରିଖରେ ଭାରତର ସ୍ଥାୟୀ ପ୍ରତିନିଧି ଶ୍ରୀ ଅଶୋକ ମୁଖାର୍ଜୀ ୟୁନାଇଟେଡ୍ ନେସନ୍ସ ଜେନେରାଲ ଆସେମ୍ବ୍ଲିରେ ଯୋଗକୁ ବିଶ୍ୱମାନ୍ୟତା ଦେବାକୁ ଏକ ଚିଠା ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ଏହି ପ୍ରସ୍ତାବଟିକୁ ୧୭୭ଟି ଦେଶ ସମର୍ଥନ କରିବାରୁ ପ୍ରସ୍ତାବଟି ବିନା ଭୋଟିଙ୍ଗ୍‌ରେ ୟୁନାଇଟେଡ୍ ନେସନ୍ସ ଜେନେରାଲ ଆସେମ୍ବ୍ଲିରେ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବଟି ଗୃହୀତ ହେବା ପରେ ଭାରତବର୍ଷର ଅନେକ ଧର୍ମ ଗୁରୁ ରବିଶଙ୍କର ଜାଗି ବାସୁଦେବ ପ୍ରଧାନମନ୍ତ୍ରୀଙ୍କର ଭୂୟସୀ ପ୍ରଶଂସା କରିଥିଲେ । ନିୟମିତ ଭାବରେ ଜୁନ ୨୧ ତାରିଖଟି ୨୦୧୫ ମସିହାରୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି । ଗତ ବର୍ଷ କୋଭିଡ୍ ମହାମାରୀ ସମୟରେ ଯୋଗ ଓ ପ୍ରାଣାୟମକୁ ଲକ୍ଷ ଲକ୍ଷ ଲୋକ ଆପଣାଇ ନିଜକୁ ଏହି ମହାମାରୀରୁ ରକ୍ଷା ପାଇବାରେ ସକ୍ଷମ ହୋଇପାରିଥିଲେ । ଭାରତୀୟ ସଂସ୍କୃତିର ଆଧାର ଯୋଗଦର୍ଶନ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଫଳରେ ବିଶ୍ୱମାନ୍ୟତା ପାଇବା ପାଇଁ ସକ୍ଷମ ହୋଇପାରିଛି ।

ପ୍ରଦୀପ୍ତ କୁମାର ଜେନା



# ଡାର୍କ ସର୍କଲ କାହିଁକି ହୋଇଥାଏ



ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ । ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇଁ ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରିମ୍ ବ୍ୟବହାର କରିଥାନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନ ଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ । ତା ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇଁ ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ୍ । ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡିବାକୁ ଲାଗିଥାଏ । ଏଥିପାଇଁ ନିୟମିତ ଭାବରେ ଭଲ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ । ପୋଷଣ ଅଭାବରୁ ମଧ ଡାର୍କ ସର୍କଲ ହୋଇଥାଏ । ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ । ଡିହାଇଡ୍ରେସନ୍ କାରଣରୁ ମଧ ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ । ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ । ଏଥିପାଇଁ ଉଚିତ୍ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ । ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ । ଏଥିପାଇଁ ଉଚିତ୍ ସମୟରେ ଏହାର ଚିକିତ୍ସା କରାଇ ନିଅନ୍ତୁ । ଆଲର୍ଜି ବା ଔଷଧ ଯୋଗୁ ମଧ ଡାର୍କ ସର୍କଲ



ହୋଇଥାଏ । ଉଚ୍ଚ ରକ୍ତଚାପ, ମଧୁମେହ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥାନ୍ତି । ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ । ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଏଥିପାଇଁ ପୌଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ । ନିଦ ନ ହେବା ଯୋଗୁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ । ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇ ଚେଷ୍ଟା କରନ୍ତୁ । ମେକ୍‌ଅପ୍ ଅଧିକ ମାତ୍ରାରେ ହାଇଲାଇଟ୍‌ର ବ୍ୟବହାର କରିବା ଯୋଗୁ ମଧ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ ।

# ୩୦ବର୍ଷ ହେବ ମାନସିକ ବିକୃତଙ୍କୁ ସାହାଯ୍ୟ କରୁଛନ୍ତି ସଞ୍ଜୟ

ସେବାରୁ ପ୍ରକୃତ ଆନନ୍ଦ ମିଳେ । ସେବା ଦ୍ୱାରା ଅନ୍ୟ ମାନଙ୍କୁ ଖୁସି କରିବାର କଳା ସମସ୍ତଙ୍କ ପାଖରେ ନଥାଏ । କିନ୍ତୁ ମଧ୍ୟପ୍ରଦେଶ ଛତରପୁରର ୫୫ବର୍ଷୀୟ ଓକିଲ ସଞ୍ଜୟ ଶର୍ମା ସେବାର ପ୍ରକୃତ ମୂଲ୍ୟ ବୁଝନ୍ତି । ଏଥିପାଇଁ ସେ ଦୀର୍ଘ ୩୦ବର୍ଷ ହେବ ମାନସିକ ବିକୃତ ଏବଂ ରାସ୍ତା କଡରେ ବୁଲୁଥିବା ଭିକାରୀଙ୍କର ସାହାଯ୍ୟ କରୁଛନ୍ତି । ସହରରେ ଯଦି କେହି ମାନସିକ ବିକୃତ ଲୋକ ଅସୁବିଧାରେ ପଡେ ଲୋକେ ଡାକ୍ତର କିମ୍ବା ପୋଲିସ୍‌ଙ୍କୁ ଜଣାଇବା ବଦଳରେ ସଞ୍ଜୟଙ୍କୁ ଫୋନ୍ କରନ୍ତି । ତେବେ ସଞ୍ଜୟଙ୍କର ଗରିବ, ଭିକାରୀ ଏବଂ ମାନସିକ ବିକୃତ ଲୋକଙ୍କୁ ଏମିତି ସାହାଯ୍ୟ କରିବା ପଛରେ ରହିଛନ୍ତି ତାଙ୍କ ଜେଜେ ମାଆ । ସଞ୍ଜୟଙ୍କୁ ପିଲାଦିନୁ ତାଙ୍କ ଜେଜେ ମାଆ ରାସ୍ତା କଡରେ ବୁଲୁଥିବା ମାନସିକ ବିକୃତ ଲୋକଙ୍କୁ ସାହାଯ୍ୟର ଆବଶ୍ୟକ ବୋଲି କହୁଥିଲେ । ସେ କହୁଥିଲେ, ମାନସିକ ବିକୃତ ଏବଂ ଭିକାରୀ ମାନଙ୍କର ପରିସ୍ଥିତି ବୁଝିବା ଆମ କର୍ତ୍ତବ୍ୟ । ସମାଜ ସେମାନଙ୍କୁ ଘୃଣା ଆଖିରେ ଦେଖେ କିନ୍ତୁ ସେ ଟିକେ ଅଧିକ ଭଲ ପାଇବା ଏବଂ ସ୍ନେହ ପାଇବାର ହକ୍‌ଦାର । ତେଣୁ ଯେତେବେଳେ ସୁଯୋଗ ମିଳିବ ସେମାନଙ୍କୁ ସାହାଯ୍ୟ କରିବୁ । ସଞ୍ଜୟ ଏପର୍ଯ୍ୟନ୍ତ ୬୦୦ରୁ ଅଧିକ ଗରିବ ଲୋକଙ୍କର ସାହାଯ୍ୟ କରିସାରିଲେଣି । କାହାକୁ ଖାଦ୍ୟ ତ କାହାକୁ ବାସ ଗୃହ ଯୋଗାଇ ସାରିଲେଣି ସଞ୍ଜୟ ।








# ସ୍ୱଳ୍ପ ଆୟ ଯୋଗୁ ଅଫିସକୁ କଲେ ଘର

ବାସଗୃହଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ, କରୋନା ମହାମାରୀ ପରେ ପରେ ଏସବୁର ମୂଲ୍ୟ ସମଗ୍ର ବିଶ୍ୱରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦର ବୃଦ୍ଧିର ଛାଟ ବିଶ୍ୱର ସବୁ ମଧ୍ୟବିତ୍ତଙ୍କ ଉପରେ ପଡ଼ିଛି । ତେବେ ଦର ବୃଦ୍ଧି ସହ କମ୍ପାନୀ କମ ଦରମା ଦେଉଥିବାରୁ ଆମେରିକାର ଜଣେ ଯୁବକ କରିଥିବା କାମ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ମୂଲ୍ୟ ବୃଦ୍ଧିକୁ ଦେଖି ଆମେରିକାର ଜଣେ କର୍ମଚାରୀ ଏକ ଅଜବ ସମାଧାନର ବାଟ ବାହାର କରିଥିବା ଦେଖାଯାଇଛି । ସ୍ୱଳ୍ପ ଆୟ ହେତୁ ସେ ଘର ଭଡ଼ା କରି ରହିବାକୁ ସକ୍ଷମ ନୁହଁନ୍ତି ବୋଲି ଦାବି କରି ସାଇମନ୍ ନାମକ ଜଣେ କର୍ମଚାରୀ ନିଜ ଅଫିସରେ ଶୋଇବାକୁ ଚାଲିଯାଇଥିବା ଜଣାପଡ଼ିଛି । ଏହାର କିଛି ଫଟୋ ଏବଂ ଭିଡିଓ ମଧ ସାମ୍ନାକୁ ଆସିଛି । ଟିକଟକ ଭିଡିଓରେ ସାଇମନ୍ ଦେଖାଇଛନ୍ତି ଯେ, ସେ କିପରି ଖାଦ୍ୟ ଏବଂ ପୋଷାକକୁ ନେଇ ଅଫିସରେ ପହଞ୍ଚୁଛନ୍ତି ଏବଂ ସେଠାରେ ଶୋଉଛନ୍ତି । ସାଇମନ୍ କହିଛନ୍ତି, ମୁଁ ମୋର ଆପାର୍ଟମେଣ୍ଟ ଛାଡି ଅଫିସକୁ ଆସିଛି । ସେମାନେ ମୋତେ ଯଥେଷ୍ଟ ଦରମା ଦେଉନଥିବାରୁ ମୁଁ ଏହାକୁ ବିରୋଧ କରି ଅଫିସରେ ରହିବାକୁ ଆସିଛି । ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ସାଇମନ୍ ନିଜ ଘରୁ ଜରୁରି ଜିନିଷ ଏକ ବ୍ୟାଗରେ ଭରି ଅଫିସରେ ପହଞ୍ଚୁଛନ୍ତି । ନିଜ ସହ ଶୋଇବା ପାଇଁ ଆବଶ୍ୟକ ଜିନିଷ ଧରି ଅଫିସ ଆସିବା ସହ ସେଠାରେ ନିଜର ଜିନିଷ ସଜାଡ଼ି ରଖିବା ସହ ଶୋଇପଡୁଛନ୍ତି ।



ବି-ଟାଉନ୍‌ର ଜଣାଶୁଣା ଅଭିନେତ୍ରୀ ବିଦ୍ୟା ବାଲାନ୍ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । ନିଜର ଦମ୍‌ଦାର ଅଭିନୟ ଦ୍ୱାରା ପ୍ରଶଂସକଙ୍କ ହୃଦୟ ଜିତିଥାନ୍ତି । ଖୁବ୍‌ଶୀଘ୍ର ଶେଫାଲୀ ଶାହାଙ୍କ ସହ ଫିଲ୍ମ 'ଜଲସା'ରେ ନଜର ଆସିବେ । ଏହି ଫିଲ୍ମଟି ଆମାଜନ ପ୍ରାଇମ ଭିଡିଓରେ ରିଲିଜ୍ ହେବ । ବର୍ତ୍ତମାନ ଅଭିନେତ୍ରୀ ଫିଲ୍ମର ପ୍ରମୋସନ କରୁଛନ୍ତି । ପ୍ରମୋସନ୍ ସମୟରେ ବିଦ୍ୟା ବାଲାନ୍ ତାଙ୍କ ଜୀବନର ଏପରି ଏକ କାହାଣୀ କହିଛନ୍ତି, ଯେଉଁଥିପାଇଁ ଯେତେବେଳେ ସେ ଦର୍ପଣରେ ନିଜକୁ ଦେଖିବା ପାଇଁ ସାହସ କରି ପାରୁନଥିଲେ । ମିଡିଆ ରିପୋର୍ଟ ଅନୁଯାୟୀ, ଏକ ସାକ୍ଷାତକାରରେ ବିଦ୍ୟା ବାଲାନ୍ ନିଜେ ପ୍ରକାଶ କରି କହିଛନ୍ତି । ବହୁ ଦିନ ତଳେ ତାଙ୍କୁ ଅନେକ ଫିଲ୍ମରୁ ରିପ୍ଲେସ୍ କରାଯାଇଥିଲା । ହେଲେ 'ଗତ କିଛି ଦିନ ମଧ୍ୟରେ ମୋତେ ସେହି ପ୍ରଡ୍ୟୁସରମାନଙ୍କ ପାଖରୁ କଲ୍ ଆସିଥିଲା, ଯେଉଁମାନେ ମୋତେ ସେମାନଙ୍କ ଫିଲ୍ମରୁ ରିପ୍ଲେସ୍ କରିଥିଲେ । ମୁଁ ମଧ ସେମାନଙ୍କୁ ସମ୍ମାନର ସହିତ ମନା କରି ଦେଇଥିଲି । ପରେ ମୋତେ ୧୩ ଟି ଫିଲ୍ମରୁ ବାହାର କରି ଦିଆଯାଇଥିଲା । ଏମିତିକି ଜଣେ ପ୍ରଡ୍ୟୁସର୍ ମୋତେ ଫିଲ୍ମରୁ ବାହାର କରି ଦେଇଥିଲେ ଏବଂ ମୋ ସହିତ ଖରାପ ବ୍ୟବହାର ମଧ କରିଥିଲେ । ସେ ମୋତେ ଏତେ ଖରାପ ବ୍ୟବହାର କରିଥିଲେ ଯେ ମୁଁ ୬ ମାସ ପର୍ଯ୍ୟନ୍ତ ଦର୍ପଣରେ ନିଜକୁ ଦେଖିବା ପାଇଁ ସାହସ କରି ପାରିନଥିଲି । ଏହା ବ୍ୟତୀତ ବିଦ୍ୟା କହିଛନ୍ତି, ମୋତେ ନଜଣାଇ ଫିଲ୍ମରୁ ବାହାର କରିଦେଇଥିଲେ । ଏହା ସହ 'ମୁଁ ସେହି ସମୟରେ କେ ବାଲାଚନ୍ଦ୍ରଙ୍କ ଦୁଇଟି ଫିଲ୍ମରେ ସାଇନ୍ ମଧ କରିଥିଲି । ଯେତେବେଳେ ମୋତେ ଫିଲ୍ମରୁ ରିପ୍ଲେସ୍ କରାଯାଉଥିଲା । ତା'ପରେ ମୁଁ ଜାଣିବାକୁ ପାଇଲି ମୋତେ ବାଲାଚନ୍ଦ୍ରଙ୍କ ଫିଲ୍ମରୁ ମଧ ହଟାଇ ଦିଆଯାଇଛି ଏବଂ ମୋତେ ମଧ କୁହାଯାଇନାହିଁ । ସେତେବେଳେ ମୁଁ ବହୁତ କାନ୍ଦିଥିଲି ଏବଂ ସେହି ସ୍ମୃତି ଗୁଡିକ ମୋତେ ବହୁତ ବିବ୍ରତ କରେ, କିନ୍ତୁ ସେହି ତିନିବର୍ଷରେ ମୁଁ ଯାହା କରିଥିଲି ସବୁ ବର୍ବାଦ ହୋଇ ଯାଇଥିଲା ।

# 'ଜଲସା'ରେ ନଜର ଆସିବେ ବିଦ୍ୟା



ଅକ୍ଷୟ କୁମାର ଏବଂ କ୍ରିତି ସାନନଙ୍କ ଫିଲ୍ମ 'ବଚ୍ଚନ ପାଣ୍ଡେ' ଶୁକ୍ରବାର ବକ୍ସ ଅଫିସରେ ମୁକ୍ତିଲାଭ କରିଛି । ଫିଲ୍ମ ବିଷୟରେ ଅନେକ ଚର୍ଚ୍ଚା ହେଉଛି । ଏଥିପାଇଁ ନିର୍ମାତାମାନେ ହୋଲି ଅବସରରେ ଏହାକୁ ରିଲିଜ୍ କରିଛନ୍ତି । ଏହି ଚଳଚ୍ଚିତ୍ରଟି ପ୍ରଥମ ଦିନରେ ୧୩ କୋଟି କଲେକସନ୍ କରିଛି । ଏହି ଫିଲ୍ମରେ ବଲିଉଡ ଅଭିନେତ୍ରୀ କ୍ରିତି ସାନନ ଓ ଅକ୍ଷୟ କୁମାରଙ୍କ ସହ ନଜର ଆସିଛନ୍ତି । ଫରହାଦ୍ ଶାମଜୀଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ବଚ୍ଚନ ପାଣ୍ଡେରେ ଅକ୍ଷୟ କୁମାର ଏବଂ କ୍ରିତି ସାନନଙ୍କ ବ୍ୟତୀତ ଅରଶଦ୍ ୱାର୍ସି, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନଜର ଆସିଛନ୍ତି । ଏହି ଚଳଚ୍ଚିତ୍ରର କାହାଣୀ ଏକ ଗ୍ୟାଙ୍ଗଷ୍ଟର ଉପରେ ଆଧାରିତ । ଏହାପୂର୍ବରୁ କ୍ରିତି କ୍ରମାଗତ ଭାବରେ ଫିଲ୍ମର ପ୍ରମୋସନ ବହୁ ଜାଗାରେ କରିଛନ୍ତି । ନିକଟରେ ଏକ ଇଣ୍ଟରଭ୍ୟୁରେ କ୍ରିତି କହିଛନ୍ତି, ପୂର୍ବରୁ ଅଧିକାଂଶ ହିରୋ ତାଙ୍କ ସହ କାମ କରିବାକୁ ଚାହୁଁନଥିଲେ । କାରଣ ଅଧିକାଂଶ ହିରୋ ତାଙ୍କର କମ୍ ରୋଲ୍ ପାଇଁ ଇନସିକ୍ୟୋର ହୋଇଥାନ୍ତି, ତେଣୁ ସେମାନେ କ୍ରିତିଙ୍କ ସହ ଫିଲ୍ମ କରିବାକୁ ଚାହାଁନ୍ତି ନାହିଁ, ଯେଉଁଥିରେ ସେମାନଙ୍କର ଭୂମିକା କମ୍ ଥିବ । ଅଭିନେତ୍ରୀ ଆହୁରି କହିଛନ୍ତି, 'ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କୁ ସମାନ ଭାବରେ ସ୍କ୍ରିନ୍ ସ୍ପେସ୍ ସେୟାର କରିବାକୁ ଅନୁମତି ଦିଅନ୍ତି । ମୁଁ ଏପରି ପରିସ୍ଥିତିରେ ଥିଲି ଯେଉଁଠାରେ ଅଧିକାଂଶ ପୁରୁଷ ଏପରି ଫିଲ୍ମ କରିବାକୁ ପ୍ରସ୍ତୁତ ନଥିଲେ । ଯେଉଁଥିରେ ୬୦% ମୋର ଏବଂ ୪୦% ହିରୋର ଭୂମିକା ଥିବ । ତେଣୁ ଫିଲ୍ମରେ କାମ କରିବାକୁ ମୋ ସହ କେହି ପ୍ରସ୍ତୁତ ନଥିଲେ । କ୍ରିତି କହିଛନ୍ତି, ମୋତେ ଲାଗୁଛି ଏହି ଜିନିଷଗୁଡ଼ିକ ଟିକିଏ ପରିବର୍ତ୍ତନ ହେବା ଆବଶ୍ୟକ । ଅକ୍ଷୟ କୁମାର 'ଅତରଙ୍ଗି'ରେ ଯାହା କରିଥିଲେ ତାହା ପ୍ରଶଂସନୀୟ । ଛୋଟ ଭୂମିକା ହେଉ ପଛେ କିନ୍ତୁ ଭଲ ଥିଲା । ଅକ୍ଷୟ କାହା ସହିତ ଏତେ ଇନସିକ୍ୟୋର ନୁହଁନ୍ତି ଏବଂ ସଙ୍କୋଚତାର ସହିତ ତାଙ୍କ ଭୂମିକା ଗ୍ରହଣ କରନ୍ତି ।

# ମୋ ସହ କାମ କରିବାକୁ ଚାହୁଁନଥିଲେ କୌଣସି ଅଭିନେତା

# ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କଲେ ଡିଏମ୍ଆରସିର କର୍ମଚାରୀ



ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ (ଡିଏମ୍ଆରସି)ର ଜଣେ କର୍ମଚାରୀ ସମସ୍ତ ମେଟ୍ରୋ ଷ୍ଟେସନରେ ସବୁଠାରୁ ଦ୍ରୁତ ଗତିରେ ଯାତ୍ରା କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ଦିଲ୍ଲୀ ମେଟ୍ରୋ ଦାବି କରିଛି । ସୋସିଆଲ ମିଡିଆ ହ୍ୟାଣ୍ଡେଲର ଏକ ପୋଷ୍ଟରେ, ଦିଲ୍ଲୀ ମେଟ୍ରୋ ଏକ ମେଟ୍ରୋ ଷ୍ଟେସନର ପ୍ଲାଟଫର୍ମରେ ଠିଆ ହୋଇଥିବା ବେଳେ କର୍ମଚାରୀଙ୍କ ଫଟୋ ସେୟାର କରିଛି । ଡିଏମଆରସି ଲେଖିଛି, 'ଡିଏମଆରସିର କର୍ମଚାରୀ ପ୍ରଫୁଲ୍ଲ ସିଂ ସମସ୍ତ ମେଟ୍ରୋ ଷ୍ଟେସନର ଦ୍ରୁତତମ ଯାତ୍ରା କରି ରେକର୍ଡ ସୃଷ୍ଟି କରିଛନ୍ତି । ଯେଉଁଥିପାଇଁ ତାଙ୍କୁ ଗିନିଜ ୱାର୍ଲ୍ଡ ରେକର୍ଡ ପ୍ରମାଣପତ୍ର ମିଳିଛି । ସେ ପ୍ରଥମ ବ୍ୟକ୍ତି ଭାବରେ ମାତ୍ର ୧୬ ଘଣ୍ଟା ୨ ମିନିଟରେ ୩୪୮ କିଲୋମିଟର ଦୂରତା ଅତିକ୍ରମ କରି ୨୫୪ ଷ୍ଟେସନ୍ ଭ୍ରମଣ କରିଛନ୍ତି । ପ୍ରଫୁଲ୍ଲଙ୍କ ଏହି କାମ ପାଇଁ ଡିଏମଆରସି ପରିବାର ଗର୍ବିତ । ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡର ୱେବସାଇଟ୍ ପ୍ରଫୁଲ୍ଲ ସିଂଙ୍କ ପୋଷ୍ଟ ସେୟାର କରିଛି । ଯେଉଁଥିରେ ପ୍ରଫୁଲ୍ଲ କହିଛନ୍ତି, 'ମୁଁ ଦୀର୍ଘ ଦିନ ଧରି ଦିଲ୍ଲୀ ମେଟ୍ରୋ ବ୍ୟବହାର କରୁଛି, ତେଣୁ ମୋତେ ସମସ୍ତ ଲାଇନ ବିଷୟରେ ସଠିକ ଭାବେ ଜଣାଥିଲା । ମୋର ଯୋଜନା ଥିଲା କେଉଁ ଷ୍ଟେସନ ଏବଂ ଲାଇନରୁ ମୋତେ ଯାତ୍ରା ଆରମ୍ଭ ଏବଂ ଶେଷ କରିବାର ଅଛି । ଯାହାଦ୍ୱାରା ମୁଁ ମୋର ରେକର୍ଡକୁ ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରିପାରିବି ।'

## ପାଟଣାରେ ନୌସେନା ଦିବସ ପାଳିତ

ପାଟଣା, ୦୫/୧୨ (ନି.ପ୍ର): ନୌସେନା ଦିବସ ଅବସରରେ ପାଟଣା କଲ୍ୟାଣ ମଣ୍ଡପ ଠାରେ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଙ୍ଘ ପାଟଣା -ସାହାରପଡ଼ାର ସଦସ୍ୟ ମାନଙ୍କ ଦ୍ୱାରା ଏକ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ମାନେ ପ୍ରଥମେ ସହିଦ ବୀର ମାନଙ୍କ ଉଦ୍ଦେଶ୍ୟରେ ମହମବତୀ ଜାଳି, ପୁଷ୍ପାଞ୍ଜଳି ଦେଇ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ସଂଘର ସମ୍ପାଦକ ସୁବେଦାର ନାରାୟଣ ବାରିକ୍ ମୂଖ୍ୟ ଅତିଥି, ଅଧକ୍ଷ କ୍ୟାପଟେନ ଉପେନ୍ଦ୍ର ମହାନ୍ତ ତଥା ସମସ୍ତ ସଦସ୍ୟଗଣଙ୍କୁ ସ୍ୱାଗତ ଜଣାଇବା ସହିତ ନୌସେନା ଦିବସର ଅଭିନନ୍ଦନ ଜଣାଇଥିଲେ । ଅଧକ୍ଷ ନୌସେନା ଦିବସର ଉଦ୍ଦେଶ୍ୟ ଓ ନୌବାହିନିର ବୀରଗାଥା ବିଷୟରେ ସମସ୍ତଙ୍କ ଆଗରେ ଆଲୋଚନା କରିଥିଲେ । ସଭାକାର୍ଯ୍ୟରେ ଅଧକ୍ଷ କ୍ୟାପଟେନ ଉପେନ୍ଦ୍ର ମହାନ୍ତ, ସମ୍ପାଦକ ସୁବେଦାର ନାରାୟଣ ବାରିକ ତଥା ସଂଘର ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବୁଗୁଡା ପିପୁଲସ ହାଇସ୍କୁଲରେ ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ



ବୁଗୁଡା, ୦୫/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ ହାଇସ୍କୁଲରେ ଡିସେମ୍ବର ୪ ତାରିଖ ଦିନ ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ପୋଷାକ ବଣ୍ଟନ ମେଳାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏସଏମସି ସଭାନେତ୍ରୀ ସୁଜାତା ପାଢ଼ୀ ଓ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ଯୋଗ ଦେଇଥିଲେ । ଅତିଥି ବୃନ୍ଦ ସ୍କୁଲର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୧୩୮ ଜଣ ଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ ।

## ଗୀତିକାର ଅଜୟ କୁମାର ସେଠୀ ଉତ୍କଳିକା ପକ୍ଷରୁ ସମ୍ବର୍ଦ୍ଧିତ

କଣାସ, ୦୫/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅଞ୍ଜିରା ଗ୍ରାମର ନାଟ୍ୟକାର ତଥା ଗୀତିକାର ଅଜୟ କୁମାର ସେଠୀଙ୍କୁ ଉତ୍କଳିକାର ବିଂଶତମ ବାର୍ଷିକ ଉତ୍ସବରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମକରେ ଅତିଥି ଭାବେ ମେଜର ରମା ରମଣ ପାଢ଼ୀ, ଡ.ଲକ୍ଷ୍ମୀ ନାରାୟଣ ଦାସ ତଥା ଡ.କୁଳମଣୀ ଓଝା ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ଅଜୟ କୁମାର ସେଠୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ସେଠୀ ଏକାଧାରାରେ ଜଣେ ଶିକ୍ଷକ, ଗୀତିକାର, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ କବି ଭାବେ ବେଶ ଲୋକପ୍ରିୟତା ହାସଲ କରିଛନ୍ତି । ଶ୍ରୀ ସେଠୀ ୪୦୦ରୁ ଊର୍ଦ୍ଧ୍ୱ ଗୀତ ରଚନା କରିଥିବା ବେଳେ ତାଙ୍କର ୧୪ଟି ଶିଶୁ ନାଟକ ପୁସ୍ତକ ପ୍ରକାଶିତ ହୋଇଛି ।

# ପିକଅପ ଧକ୍କାରେ ୨ କଲେଜ ଛାତ୍ର ମୃତ



ଆଠଗଡ : ଆଠଗଡ-ମୁଣ୍ଡଳୀ ଭାୟା କନ୍ଦରପୁର ରାସ୍ତାର କନ୍ଦରପୁର ନିକଟ ରାସ୍ତାରେ ବୁଧବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଦୁଇ ନାବାଳକ କଲେଜ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । କନ୍ଦରପୁର ଗ୍ରାମର ନାରାୟଣ ଦାସଙ୍କ ପୁଅ ଅଂଶୁମାନ ଦାସ(୧୭) ଏବଂ ପ୍ରମୋଦ କୁମାର ବେହେରାଙ୍କ ପୁଅ ସୌମ୍ୟରଞ୍ଜନ ବେହେରା(୧୭) ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ଅଂଶୁମାନ କଖଡି କଲେଜର +୨ ର ଛାତ୍ର ହୋଇଥିବାବେଳେ ସୌମ୍ୟରଞ୍ଜନ ଖୁଣ୍ଟୁଣୀ କଲେଜର +୨ ଛାତ୍ର ବୋଲି ଜଣାପଡିଛି । ଉଭୟ କଲେଜରୁ ଫେରିବା ପରେ ଏକ ସାଇକେଲରେ ନଣ୍ଡାଇଲୋ ଗ୍ରାମକୁ ଯାଇ ଫେରିବା ବାଟରେ ରାସ୍ତା କଡରେ ଛିଡା ହୋଇ କଥାବାର୍ତ୍ତା ହେଉଥିବା ସମୟରେ ସେହି ରାସ୍ତା ଦେଇ ଅନୁଗୁଳରୁ ଭୁବନେଶ୍ୱର ଦୃତଗତିରେ ଯାଉଥିବା ଏକ ପିକ୍ ଅପ୍ ଭ୍ୟାନ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡିଥିଲା । ଉଭୟ ଯୁବକଙ୍କୁ ଗ୍ରାମବାସୀ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ଅଂଶୁମାନଙ୍କୁ ମୃତ ଘୋଷଣା କରିଥିବାବେଳେ ସୌମ୍ୟରଞ୍ଜନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସୌମ୍ୟରଞ୍ଜନଙ୍କର କଟକ ବଡ ଡାକ୍ତରଖାନାରେ ପହଞ୍ଚିବା ପରେ ଚିକିତ୍ସା ଆରମ୍ଭ ପୂର୍ବରୁ ମୃତ୍ୟୁ ହୋଇଯାଇଥିଲା । ଏହି ଦୁର୍ଘଟଣାକୁ ନେଇ କନ୍ଦରପୁର ରାସ୍ତାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ତା ସହିତ ଦୁର୍ଘଟଣାଗ୍ରସ୍ତ ଗାଡିଟି ରାସ୍ତା ଉପରେ ଓଲଟି ପଡିଥିବାରୁ ଉକ୍ତ ରାସ୍ତା ଅବରୋଧ ହୋଇ ଗାଡିମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଆଇଆଇସି ଅନିରୁଦ୍ଧ ମୁଦୁଲି, ଏସଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଓ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଁଏ ସହାୟତା ଘୋଷଣା କରିଥିଲେ । ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ରାସ୍ତା କଡରୁ ହଟାଇବା ପରେ ଗାଡିମଟର ଚଳାଚଳ ସ୍ୱାଭାବିକ ହୋଇଥିଲା । ଅଂଶୁମାନଙ୍କର ମୃତଦେହ ଆଠଗଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବାବେଳେ ଅନ୍ୟତମ ମୃତକ ସୌମ୍ୟରଞ୍ଜନଙ୍କ ମୃତଦେହ କଟକ ବଡ ଡାକ୍ତରଖାନାରେ ଆସନ୍ତାକାଲି ସକାଳେ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆସିବ ବୋଲି ଜଣାପଡିଛି । ଏକା ଗ୍ରାମର ଦୁଇ ସାଙ୍ଗଙ୍କ ଏପରି ଦୁଃଖଦ ମୃତ୍ୟୁକୁ ନେଇ କନ୍ଦରପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବାହାର ରାଜ୍ୟକୁ ଚାଲାଣ ହେଉଛି ଟ୍ରକ୍ ଟ୍ରକ୍ କପା, ଶାଗମାଛ ଦରରେ କିଣି ମାଲାମାଲ୍ ହେଉଛନ୍ତି ଦଲାଲ



ଗୁଣୁପୁର : ଆରମ୍ଭ ହେଲା ଅମଳ ଋତୁ । ହେଲେ ଏଯାଏଁ ଖୋଲିନି କପା ମଣ୍ଡି । ଏଭଳି ସ୍ଥିତିରେ ଅମଳ ସାରିଥିବା ଚାଷୀ ଏବେ କପା ବିକ୍ରି ନେଇ ଚିନ୍ତାରେ ପଡିଛନ୍ତି । ପ୍ରଶାସନ ଏଦିଗରେ ଧ୍ୟାନ ଦେଉନଥିବା ଅଭିଯୋଗ ହୋଇଛି । ଧଳା ସୁନାର ଅଞ୍ଚଳ ରୂପେ ପରିଚିତ ରାୟଗଡା ଜିଲା ଗୁଣପୁର ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି । ଏପଟେ ଚାଷୀ କପା ସଂଗ୍ରହ କରି ଘରେ ରଖୁଛନ୍ତି । ଘର ବାହାରେ ଗଛିତ ରଖିଛନ୍ତି କ୍ୱିଣ୍ଟାଲ କ୍ୱିଣ୍ଟାଲ କପା । ମଣ୍ଡି ଖୋଲି ନଥିବାରୁ ଧାର କରଜ କରି ଚାଷ କରୁଥିବା ଚାଷୀକୁ ଟଙ୍କା ଆବଶ୍ୟକ ପଡିଲେ ଶାଗମାଛ ଦରରେ ବେପାରୀକୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଅଞ୍ଚଳର କପାର ଚାହିଦା ବାହାର ରାଜ୍ୟରେ ବଢିଛି । ଟ୍ରକ ଟ୍ରକ୍ କପା ବାହାର ରାଜ୍ୟ ମହାରାଷ୍ଟ୍ର, ଆନ୍ଧ୍ରକୁ ଚାଲାଣ ହେଉଥିବା କହିଛନ୍ତି ଚାଷୀ । ମଣ୍ଡି ଖୋଲି ସିସିଆଇ କପା ନକିଣିବାରୁ ମାଲାମାଲ ହେଉଛନ୍ତି ଦଲାଲ୍ ଶାଗମାଛ ଦରରେ କିଣି ଚଢା ଦରରେ ବାହାର ରାଜ୍ୟରେ ବିକ୍ରି କରୁଥିବା ଅଭିଯୋଗ ରହିଛି । ସେପଟେ ଜିଲା ସ୍ତରରେ ପ୍ରକ୍ୟୁରମେଣ୍ଟ ବୈଠକ ସରିଛି । ଆରମ୍ଭ ହୋଇଯାଇଛି ଅମଳ ଋତୁ । ସେଥିପାଇଁ ତ ସକାଳ ପାଇଲେ କପା ତୋଳିବା ପାଇଁ ଲୋକ ବାଡରେ ପହଞ୍ଚିଛନ୍ତି । କିଏ ଘରକୁ ଆଣିବା ପାଇଁ ବ୍ୟସ୍ତ ତ ଆଉ କିଏ କପା ଶୁଖାଇବାରେ ବ୍ୟସ୍ତ । ଏପଟେ କପା ମଣ୍ଡି ଖାଲି ପଡିଛି । ଗତ ଦଶରୁ ପନ୍ଦର ଦିନ ହେଲା ଆରମ୍ଭ ହୋଇଯାଇଛି କପା ଅମଳ ହେଲେ ଏଯାଏଁ କପା ବିକ୍ରି ନେଇ ମଣ୍ଡି ଖୋଲା ଯାଇନଥିବା ଅଭିଯୋଗ କରିଛନ୍ତି ଚାଷୀ । ଏମିତି ସ୍ଥିତିରେ ଉତ୍ପାଦିତ କପାକୁ କେଉଁଠି ଆଉ କେମିତି ସାଇତି ରଖିବେ ଚାଷୀଙ୍କୁ ସେହି ଚିନ୍ତା ଘାରିଛି । ଧାର କରଜ କରି ଚାଷ କରୁଥିବା ଚାଷୀ ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି ଋଣ ସୁଝିବା ନେଇ ଚିନ୍ତା କରୁଥିବା ବେଳେ ହେଲେ ଏ ଯାଏଁ କପା ମଣ୍ଡି ଖୋଲା ଯାଇନଥିବା ଚାଷୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଚାଷୀଙ୍କୁ ଟଙ୍କା ଆବଶ୍ୟକ ପଡିଲେ ବେପାରୀକୁ ଶାଗମାଛ ଦରରେ ବିକ୍ରି କରୁଛନ୍ତି । ଗ୍ରାମାଞ୍ଚଳରେ ବେପାରୀ ବୁଲିବୁଲି ଚାଷୀଙ୍କଠାରୁ କମ୍ପ୍ୟୁଟର ମାପ ଯନ୍ତ୍ରରେ ଓଜନ ନକରି ଚାଷୀଙ୍କୁ ଠକି କାଠପଟା ନିକିତି ମାପଯନ୍ତ୍ରରେ ଓଜନ କରାଯାଉଛି । ଅତିଶୀଘ୍ର ସିସିଆଇ କପା ନେବା ପାଇଁ ଚାଷୀ ଦାବି କରିଛନ୍ତି । ଚଳିତ ବର୍ଷ ପାଗ ଅନୁକୂଳ ରହିଥିବାରୁ କପା ଚାଷ ଭଲ ହୋଇଥିଲା । ହେଲେ ଗଛରେ ଫଳ ଧରିବା ପରେ ରୋଗ ପୋକ ଲାଗି ପ୍ରଭାବିତ ହୋଇଥିଲା । ଆଉ ଯେତିକି ବଳକା ରହିଲା ସେଥିରୁ ପ୍ରଥମ ଉତ୍ପାଦିତ ଫଳରୁ କପା ଆମଦାନୀ କରିବାକୁ ଚାଷୀ ସକ୍ଷମ ହୋଇଛି । କପା ଉତ୍ପାଦନର ଉତ୍କୃଷ୍ଟତା ପାଇଁ ସମଗ୍ର ରାଜ୍ୟରେ ଗୁଣପୁର ଧଳା ସୁନାର ଅଞ୍ଚଳ ରୂପେ ପରିଚିତ । ଗୁଣପୁର କୃଷି ଜିଲାରେ ପ୍ରାୟ ୨୭ ହଜାର ୪୩୬ ହେକଟର ଜମିରେ କପା ଚାଷ ହୋଇଛି । ଚଳିତ ବର୍ଷ ସିସିଆଇ କ୍ୱିଣ୍ଟାଲ ପିଛା କପାକୁ ୭୫୨୧ ଟଙ୍କାରେ କିଣିବା ନେଇ ଦର ଧାର୍ଯ୍ୟ ହୋଇଥିବା ନିୟନ୍ତ୍ରିତ ବଜାର କମିଟି ସଂପାଦକଙ୍କ ପକ୍ଷରୁ ଜଣାପଡିଛି । ସିସିଆଇ କପା ଯଥାଶୀଘ୍ର କ୍ରୟ କରିବା ପାଇଁ ଚାଷି ଦାବି କରିଥିବାବେଳେ ଦଲାଲ୍ କବଳରୁ ଚାଷୀ କିଭଳି ମୁକୁଳିବେ ଏଦିଗରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଆବଶ୍ୟକତା ରହିଛି ।

## ବୁଗୁଡା ପିପୁଲସ କଲେଜ ଏନଏସଏସ ୟୁନିଟ - ୧ ପକ୍ଷରୁ ସ୍ୱତନ୍ତ୍ର ବୃକ୍ଷ ରୋପଣ ଶିବିର ଉଦଘାଟିତ



ବୁଗୁଡା, ୦୫/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜ ଜାତୀୟ ସେବା ଯୋଜନା ୟୁନିଟ-୧ ପକ୍ଷରୁ ଡିସେମ୍ବର ୪ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ୭ ଦିନ ପାଇଁ ସ୍ୱତନ୍ତ୍ର ବୃକ୍ଷ ରୋପଣ ଶିବିର ଉଦଘାଟିତ ହୋଇଯାଇଛି । ଡିସେମ୍ବର ୪ ତାରିଖ ଦିନ କଲେଜର ପ୍ରିନ୍ସପାଲ ପ୍ରଫେସର ହରିକୃଷ୍ଣ ନାୟକ ପ୍ରଥମେ ବୃକ୍ଷ ରୋପଣ କରି ଶିବିରକୁ ଉଦଘାଟନ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ସୁଶାନ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇ ବୃକ୍ଷର ଉପକାରୀତା ବିଷୟରେ ବକ୍ତବ୍ୟ ପ୍ରଦାନ କରି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏନଏସଏସ ୟୁନିଟ - ୧ ପ୍ରୋଗ୍ରାମ ଅଫିସର ଅଧାପକ ରବୀନ୍ଦ୍ର ନାଥ ପୋଲାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଶିବିରରେ ୫୦୦ ବୃକ୍ଷ ରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଛି ।

## ପରିତ୍ୟକ୍ତ ଘରୁ ଲୁହା କାଢିବା ସମୟରେ କାନ୍ଥ ପଡି ଜଣେ ନାବାଳକ ମୃତ - ଆଉ ଜଣେ ନାବାଳକ ଗୁରୁତର

ନବରଙ୍ଗପୁର, ୦୫/୧୨ (ନି.ପ୍ର): ଆଜି ସକାଳ ୬ଟା ବେଳେ ସ୍ଥାନୀୟ କୃଷିଫାର୍ମ ନିକଟରେ ମୋବାଇଲ ଟାୱାର ତଳେ ଥିବା ପୁରୁଣା ଘରର ଲୁହା କାଢିବା ସମୟରେ କାନ୍ଥ ପଡି ଜଣେ ନାବାଳକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ନାବାଳକ ଗୁରୁତର ହୋଇଛି । ମୃତ ନାବାଳକ ଜଣକ ହେଲେ ହାଟପଦାର ମହେଶ୍ୱର ଗୌଡ଼ (୧୨) ଏଂ ଉମା ଜାନି (୧୦) ନାମକ ନାବାଳକ ଉପରେ କାନ୍ଥ ଚାପି ହୋଇ ଗୋଡ ଭାଙ୍ଗି ଯାଇଛି । ସ୍ଥାନୀୟ ଲୋକ ଏବଂ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ଅସି ଉଭୟଙ୍କୁ ଉଦ୍ଧାର କରିବା ପରେ ମେଡିକାଲକୁ ଆଣିଥିଲେ । ମେଡିକାଲରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଡାବୁଗାଁ ମେଡିକାଲରେ ଡାକ୍ତର ମହେଶ୍ୱରକୁ ମୃତ ଘୋଷଣା କରିଥିଲା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର ହେବ ବୋଲି ସୂଚନା ମିଳିଛି ।

# ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ରାଜ୍ୟସ୍ତରୀୟ ସମାରୋହର ଶୁଭାରମ୍ଭ



ଭୁବନେଶ୍ୱର : ଭାରତବର୍ଷର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ ଓ ସଙ୍ଗଠିକା ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହର ଶୁଭାରମ୍ଭ କରାଯାଇଛି । ବର୍ଷତମାମ ସାରା ରାଜ୍ୟରେ ଓ ରାଷ୍ଟ୍ରୀୟ ସ୍ତରରେ ମା' ରମାଦେବୀଙ୍କ ଏହି ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ଘୋଷଣା ହୋଇଛି । ଗାନ୍ଧୀବାଦୀ ଗଣ ସଙ୍ଗଠନ ସମୂହ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଭୁବନେଶ୍ୱରର ଲୋହିଆ ଏକାଡେମୀ ଠାରେ ଆୟୋଜିତ ସମାରୋହରେ ବିଶିଷ୍ଟ ଗାନ୍ଧୀବାଦୀ ତଥା ମା' ରମାଦେବୀ ୧୨୫ କମିଟିର ଅଧକ୍ଷା କୃଷ୍ଣା ମହାନ୍ତି ସଭାପତିତ୍ୱ କରିଥିଲେ । ବହୁ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ବୁଦ୍ଧିଜୀବୀ, ସାହିତ୍ୟିକ, ଲେଖକ, ସାମ୍ବାଦିକ ଓ ଜନ ଆନ୍ଦୋଳନର ସଙ୍ଗଠକ ମାନେ ସମ୍ମିଳିତ ହୋଇ କାର୍ଯ୍ୟକ୍ରମର ଘୋଷଣା କରିଥିଲେ । ବର୍ଷତମାମ ୫ଟି ସାମାଜିକ ବ୍ୟାଧି ଭାବରେ ନିଶା, ଅଶୀଳତା, ହିଂସା, ବିଦ୍ୱେଷ ଓ ମିଥ୍ୟା ବିରୋଧରେ ଜାଗରଣ ସୃଷ୍ଟି କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ମହିଳାମାନେ ଏହାର ନେତୃତ୍ୱକୁ ନେଇ ଆଗକୁ ବଢିବାକୁ ଆହ୍ୱାନ ଦିଆଯାଇଥିଲା । ଗାନ୍ଧୀ ଗଣ ସଙ୍ଗଠନ ସମୂହର ଆବାହକ ଡଃ ବିଶ୍ୱଜିତ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ସମାରୋହରେ ବକ୍ତା ଭାବେ ପ୍ରଫେସର ସଂଘମିତ୍ରା ମିଶ୍ର, ଡ଼. ହିରଣ୍ୟମୟୀ ମିଶ୍ର, କବି ଶୈଳଜ ରବି, ଦେବପ୍ରସାଦ ରାୟ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡ଼. ବାସନ୍ତୀ ମହାନ୍ତି, ଶ୍ରୀମତୀ ଗାୟତ୍ରୀ ଦାସ ଯୋଗଦେଇ ଥିଲେ । ପ୍ରାରମ୍ଭରେ ମା' ରମାଦେବୀଙ୍କ କନ୍ୟା ଭାବେ ଜଣାଶୁଣା ଗୋଦାବରୀ ଦେବୀଙ୍କ ଝିଅ ଯଶୋଧାରା ଦାସ, କିରଣଲେଖା ମହାନ୍ତିଙ୍କ କନ୍ୟା ସୁମିତ୍ରା ଜେନା ଓ ସରସ୍ୱତୀ ଦେବୀଙ୍କ ପୁଅ ବିଜୟ କୁମାର ତ୍ରିପାଠୀ ଅଭିଭାଷଣ ରଖି ମା' ରମାଦେବୀଙ୍କ ସହିତ ତାଙ୍କ ପରିବାରର ସମ୍ପର୍କର ଅବତାରଣା କରିଥିଲେ । ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାନସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନେ ସମାରୋହରେ ମା' ରମାଦେବୀଙ୍କ ସାମଗ୍ରିକ ତ୍ୟାଗପୂତ ଜୀବନର ଉଲ୍ଲେଖ କରିବା ସହିତ ତାଙ୍କର ସମଗ୍ର ପରିବାର ଦେଶ ପାଇଁ ସମର୍ପିତ ଥିଲେ ତାହା ଉଲ୍ଲେଖ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ଭାବରେ ମା' ରମାଦେବୀ ଏକ ଧନୀକ ବଂଶରେ ଜନ୍ମଗ୍ରହଣ କରି ବଢିଥିଲେ ମଧ ଦେଶ ପାଇଁ ସବୁ କିଛି ତ୍ୟାଗ କରି ଜଣେ ସାଧାରଣ ମହିଳା ଭାବରେ ଜୀବନ ଅତିବାହିତ କରିଥିଲେ । ମା' ରମାଦେବୀଙ୍କ ବାପା ଗୋପାଳ ବଲ୍ଲଭ ଦାସ ସେତେବେଳେ ଡେପୁଟି କଲେକ୍ଟର ଥିଲେ । ରମାଦେବୀଙ୍କ ସ୍ୱାମୀ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ ମଧ୍ୟ ଡେପୁଟି କଲେକ୍ଟର ଥିଲେ । ବିଶିଷ୍ଟ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ବଡ଼ବୋହୁ ଭାବରେ ରମାଦେବୀ ଚୌଧୁରୀ ପରିବାରକୁ ଆସିଲା ପରେ ସ୍ୱାମୀଙ୍କ ପ୍ରେରଣାରେ ଗାନ୍ଧୀଜୀଙ୍କ ଆଦର୍ଶରେ ଦେଶ ପାଇଁ ସମ୍ପୂର୍ଣ୍ଣ ଭାବରେ ନିଜକୁ ନିୟୋଜିତ କରିଥିଲେ । ସେହି ତ୍ୟାଗ ଓ ଆଦର୍ଶର ପଟ୍ଟାନ୍ତର ନାହିଁ ବୋଲି ଅତିଥିମାନେ କହିଥିଲେ । ମା' ରମାଦେବୀଙ୍କ ଦେହାନ୍ତ ସମୟରେ ୧୯୮୫ ମସିହା ଜୁଲାଇ ୨୨ ତାରିଖରେ ତତ୍କାଳୀନ ସରକାର ରାଷ୍ଟ୍ରୀୟ ସମ୍ମାନର ସହ ତାଙ୍କର ଶେଷକୃତ୍ୟ କରାଇଥିଲେ । ସେ ବିଧାନସଭାର ସଦସ୍ୟ ନଥାଇ ମଧ୍ୟ ସେତେବେଳେ ବିଧାନସଭାରେ ତାଙ୍କ ପାଇଁ ଶୋକ ପ୍ରସ୍ତାବ ଗ୍ରହଣ କରଯାଇଥିଲା । କିନ୍ତୁ ଏବେ ତାଙ୍କର ୧୨୫ତମ ଜୟନ୍ତୀ ସମାରୋହକୁ ସରକାର ପାଳନ କରିନଥିବାରୁ କ୍ଷୋଭ ପ୍ରକଟ କରିଥିଲେ । ମା' ରମାଦେବୀଙ୍କ ଭଳି ଓଡ଼ିଶାର ବରପୁତ୍ରୀଙ୍କ ଜନ୍ମ ଜୟନ୍ତୀକୁ ଯଦି ପାଳନ କରଯାଇପାରୁ ନାହିଁ ତାହା ହେଲେ ଏ ଜାତି ଅକୃତଜ୍ଞ ହୋଇଯିବ ବୋଲି ମତ ରଖିଥିଲେ । ଏହି ଅବସରରେ ମା' ରମାଦେବୀଙ୍କ କର୍ମଭୂମି ଜଗତସିଂହପୁର ଅଳକାଶ୍ରମ ଉପରେ ଲିଖିତ ଏକ ପୁସ୍ତକ କ୍ରାନ୍ତି ପୀଠ ଅଳକାଶ୍ରମ ଲୋକାର୍ପିତ ହୋଇଥିଲା । ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକକୁ ଜଗତସିଂହପୁର ଚାନ୍ଦପୁରର ଚନ୍ଦ୍ରଶେଖର କଲଚରାଲ ସୋସାଇଟି ପ୍ରକାଶ କରିଛି । ଏହି ଅବସରରେ ମଧ ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ସମାରୋହର ଲୋଗୋକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସାମାଜିକ ବ୍ୟାଧି ଭାବରେ ନିଶା, ଅଶୀଳତା, ହିଂସା, ବିଦ୍ୱେଷ ଓ ମିଥ୍ୟା ବିରୋଧରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା ହୋଇଥିଲା । କ୍ରାନ୍ତି ପୀଠ ଅଳକାଶ୍ରମର ଗ୍ରନ୍ଥକାର ମହେନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରକାଶକ ହେମନ୍ତ ରଥ, କଟକ ଇନର ହ୍ୱିଲ କ୍ଲବର ଅଧକ୍ଷା ମଧୁମିତା ମହାନ୍ତି ଓ ଅନୁଗୁଳ ବାଜିରାଉତ ଛାତ୍ରାବାସର କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବରାଳ ପ୍ରମୁଖ ଉଦବୋଧନ ରଖିଥିଲା ବେଳେ ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡି, ଡ଼. ପୂର୍ଣ୍ଣଚନ୍ଦ୍ର ଦାଶ, ଶିବ ନାରାୟଣ ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଶୁକ୍ଲ, ଉତ୍କଳ ରଞ୍ଜନ ମହାନ୍ତି, ବିଜୟ ଉପାଧ୍ୟାୟ, ପ୍ରତିମା ପଣ୍ଡା, କବିତା ଦାସ, ଗୀତା ପଟ୍ଟନାୟକ, ପ୍ରସନ୍ନ ମହାପାତ୍ର, ଶ୍ୱିବ୍ରତ ଦାସ, କିରଣ୍ଣାଳା ଦାଶ, ଗୋପୀନାଥ ନାୟକ, ପ୍ରମେଶ କୁମାର ମହାନ୍ତି, ସୈକଲା ବାନୁ, ରବୟା ବେଗମ, ଆଦ୍ୟଶ୍ଳୋକ ମିଶ୍ର, ପ୍ରଦ୍ୟୁମ୍ନ ନାଏକ, ଚନ୍ଦନ ପଣ୍ଡା, ସଂଘମିତ୍ରା ଜେନା, ରଣଜିତ ଦେହୁରୀ, ଗୌରାଙ୍ଗ ପାଣିଗ୍ରାହୀ, ନିକୁଞ୍ଜ ଭୁତିଆ, ବ୍ରଜ କିଶୋର ପ୍ରଧାନ, ଅଭୟ ବଡ଼ଜେନା, ଗିରିଜା ଶଙ୍କର ମହାପାତ୍ର, ପ୍ରଦୀପ୍ତ କିଶୋର ଚୌଧୁରୀ, ବିଜୟ ବାବୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

## ପୋଲସରା ସ୍ଥିତ ଦୀପକ ମେମୋରିଆଲ ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ

ପୋଲସରା, ୦୫/୧୨ (ନି.ପ୍ର): ପାଠ ପଢ଼ିବା ସହ ସମସ୍ତ ଛାତ୍ରଛାତ୍ରୀ କିପରି ନିଜର ଶାରୀରିକ ଗଠନର ବିକାଶ ଆଣି ପାରିବେ ସେଥିପାଇଁ ତିନିଦିନ ବ୍ୟାପୀ ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ବୁଧବାର ଦିନ ପୋଲସରା ଦାଶରଥି ନଗର ସ୍ଥିତ ଦୀପକ ମେମୋରିଆଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବରେ ପୁରସ୍କୃତ କରାଯାଇଛି । ଦୀପକ ମେମୋରିଆଲ ଅଧକ୍ଷା ପ୍ରତିଭା ରଥଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦୀପକ ମେମୋରିଆଲ୍ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଶହେ ମିଟର ଦୌଡ, ବାସ୍କେଟ୍ ବଲ, ଦୌଡ଼ି ଡିଆଁ, ଲମ୍ବା ଡିଆଁ, ବାଟି ଚାମୁଚି ଓ ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ । ଡିସେମ୍ବର ୪ ତାରିଖରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ରଥ ଓ ବିଦ୍ୟାଳୟର ସଭାପତି ମମତା କୁମାରୀ ନାୟକ ଯୋଗଦେଇ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଉପଢୌକନ, ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଶାରୀରିକ ଦକ୍ଷତା ସହ ଉତ୍ତମ ଭାବେ ପାଠ ପଢ଼ିବା ନିତାନ୍ତ ଆବଶ୍ୟକ ରହିଥିବା ଅତିଥିମାନେ ପରାମର୍ଶ ଦେଇଥିଲେ । ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ ।



# ବାଣପୁର ଏନଏସି ଉପରେ ଅସନ୍ତୋଷ ବ୍ୟକ୍ତ କଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜଳସେଚନ ବିଭାଗ

ବାଣପୁର, ୦୫/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ଝାଡ଼ିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଖୋର୍ଦ୍ଧା ଜଳସେଚନ ବିଭାଗ । ବର୍ଜ୍ୟବସ୍ତୁ / ପୁରୁଣା ବର୍ଜ୍ୟବସ୍ତୁକୁ ମାଇକ୍ରୋ କମ୍ପୋଷ୍ଟ ୟୁନିଟ ଏବଂ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି ପ୍ଲାଣ୍ଟରେ ପକାଇବା ପରିବର୍ତ୍ତେ ଗାଲୁଆ ଛକ ଏବଂ ସତସଙ୍ଗ ବିହାର କେନାଲ ରୋଡରେ ଗଦାଇବା ଏବଂ ଜାଳିବା ଅଭିଯୋଗରେ ତଦନ୍ତ କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ଉକ୍ତ ବୋର୍ଡର ଅଧିକାରୀ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି ଯାହା ଫଳରେ ଗତକାଲି ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଣିଙ୍କୁ ପତ୍ର ସଂଖ୍ୟା ୩୮୦୯ ଜରିଆରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉକ୍ତ ରିପୋର୍ଟ ପ୍ରଦାନ କରିବା ସହ ତୁରନ୍ତ ଉକ୍ତ ସ୍ଥାନ ଗୁଡ଼ିକରୁ ବର୍ଜ୍ୟବସ୍ତୁକୁ ମାଇକ୍ରୋ କମ୍ପୋଷ୍ଟ ୟୁନିଟ (ଏମସିସି) ଏବଂ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମଆରଏଫ) ପ୍ଲାଣ୍ଟକୁ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କରିଛି । ସୂଚନା ମୁତାବକ ଗତ ଅକ୍ଟୋବର ୯ ଏବଂ ୧୦ ତାରିଖ ଦୁଇଦିନ ଧରି ବାଣପୁର ଏନଏସି କାର୍ଯ୍ୟାଳୟ ନିକଟରେ ଥିବା ଗାଲୁଆ ଛକ କେନାଲ ରୋଡ ପାର୍ଶ୍ୱରେ ବର୍ଜ୍ୟବସ୍ତୁ / ପୁରୁଣା ବର୍ଜ୍ୟବସ୍ତୁ ନିରନ୍ତର ଜଳିଥିଲା, ଯାହାଫଳରେ ପ୍ରଚୁର ଧୂଆଁ ଦ୍ୱାରା ପରିବେଶ ବହୁମାତ୍ରାରେ ପ୍ରଦୂଷିତ ହେବା ସହ ଯାତ୍ରୀ ଏବଂ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ହାନି ହେବା ନେଇ ସ୍ଥାନୀୟ ଆଇନଜୀବୀ ସୀତାରାମ ଅଗ୍ରୱାଲ ଜାତୀୟ ଗ୍ରୀନ ଟ୍ରିବୁନାଲ, ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଏକାଧିକ ବିଭାଗକୁ ଉକ୍ତ ଘଟଣାର ଫୋଟୋ / ଭିଡିଓ ପ୍ରମାଣ ସହ ଅଭିଯୋଗ କରିଥିଲେ । ଜାତୀୟ ଗ୍ରୀନ ଟ୍ରିବୁନାଲର ଖୋଲାଖୋଲି ଉଲଂଘନ ହୋଇଥିବାର ଅଭିଯୋଗ ହୋଇଥିଲା । କାରଣ ବର୍ଜ୍ୟବସ୍ତୁ / ପୁରୁଣା ବର୍ଜ୍ୟବସ୍ତୁକୁ ଠୁଳକରିବା ଅବା ଜାଳିବା ସମ୍ପୂର୍ଣ୍ଣ ବେଆଇନ । ତାହାକୁ ଏମସିସି ଏବଂ ଏମଆରଏଫ ପ୍ଲାଣ୍ଟରେ ପକାଇବା ନିୟମ ରହିଛି । କିନ୍ତୁ ବାଣପୁର ଏନଏସିର ବିଭିନ୍ନ ସ୍ଥାନରେ ଏହାର ଖୋଲାଖୋଲି ଉଲଂଘନ ହେଉଛି । ଅଭିଯୋଗକୁ ଭିତ୍ତିକରି ନିକଟରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ପରିବେଶ ବିଜ୍ଞାନୀ ସ୍ମୃତି ରଞ୍ଜନ ପ୍ରଧାନ ଏନଏସିର ଏକାଧିକ ସ୍ଥାନ ଗସ୍ତ କରି ଘଟଣାଟି ସତ୍ୟ ଥିବା ଜାଣିବାକୁ ପାଇଥିଲେ । ଏନଏସିର ବିଭିନ୍ନ ସ୍ଥାନରେ ବର୍ଜ୍ୟବସ୍ତୁ ପୋଡ଼ାଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଅଦ୍ୟାବଧି ଦୀର୍ଘ ଦିନରୁ ଠୁଳ ହୋଇ ପଡ଼ିରହିଛି । ୫୦୦ ମିଟର ପରିଧି ମଧ୍ୟରେ ଶିକ୍ଷାନୁଷ୍ଠାନ, ମେଡିକାଲ, ରୋଡ ଏବଂ ଏନଏସି କାର୍ଯ୍ୟାଳୟ ଥିବାରୁ ଉକ୍ତ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡିଛି । ଉକ୍ତ ସ୍ଥାନଗୁଡିକରୁ ତୁରନ୍ତ ବର୍ଜ୍ୟବସ୍ତୁ ହଟାଇବା ସହ ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନଘଟେ ତାହା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ତତସହିତ ବାଣପୁର ଏନଏସି କର୍ତ୍ତୃପକ୍ଷଙ୍କ ଠାରୁ ଏନଏସି ଅଧୀନରେ ଥିବା ଏମସିସି ଏବଂ ଏମଆରଏଫ ପ୍ଲାଣ୍ଟର ସମ୍ପୂର୍ଣ୍ଣ ବିବରଣୀ ମାଗିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ସୂଚନା ଥାଉକି ବାଣପୁର ଏନଏସି ଜଳସେଚନ ବିଭାଗ ଅଧୀନରେ ଥିବା କେନାଲ ରୋଡରେ ବେଆଇନ ଭାବେ ବର୍ଷ ବର୍ଷ ଧରି ବର୍ଯ୍ୟବସ୍ତୁ ଠୁଳ କରି ଆସୁଥିବାର ଅଭିଯୋଗ ହେଉଛି । ଏ ନେଇ ନଭେମ୍ବର ୪ ତାରିଖରେ ପତ୍ର ସଂଖ୍ୟା ୩୦୧୨ ଜରିଆରେ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମଧ ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଣିଙ୍କୁ ତାଗିଦ କରିଥିବା ଜଣାପଡିଛି ।

## ପିକଅପ ଧକ୍କାରେ ୨ ମୃତ - ଜଣେ ଗୁରୁତର

ରଙ୍ଗେଇଲୁଣ୍ଡା, ୦୫/୧୨ (ନି.ପ୍ର): ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରେ ଗତକାଲି ରାତିରେ ଏକ ବୋଲେରୋ ପିକଅପ ଧକ୍କା ଦେବା ଫଳରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତକ ଦୁଇଜଣ ହେଲେ ଗୋଳନ୍ଥରା ଥାନା ଅଧୀନ ରାମେୟାପାଟଣା ଗାଁର ଭି.କାର୍ତ୍ତିକ (୨୧) ଓ ଭି.ରବି କୁମାର (୨୪) ହୋଇଥିବା ବେଳେ ଆହତ ଜଣଙ୍କ ହେଲେ ବି.ବିଜୟ କୁମାର ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁଯାୟୀ, ଗତକାଲି ରାତି ସାଢେ ଦଶଟା ସମୟରେ କାର୍ତିକ, ରବି କୁମାର ଓ ବିଜୟ କୁମାର ଇଛାପୁରା ରେଳ ଷ୍ଟେସନରୁ ଫେରି ଗୋବିନ୍ଦପୁର ଛକ ନିକଟରେ ସ୍କୁଟି ସହ ଛିଡା ହୋଇଥିବା ବେଳେ ସୁନାପୁରାରୁ ସୋରଳ ଜଙ୍ଗସନ ଅଭିମୁଖେ ଏକ ବୋଲେରୋ ପିକଅପ ନଂ ଓଡ଼ି - ୦୨ସିଜେ - ୪୭୩୩ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେବା ଫଳରେ ୩ ଜଣ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ । ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଦ୍ୱାରା ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ କାର୍ତ୍ତିକ ଓ ରବି କୁମାରଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବିଜୟ କୁମାର ଗୁରୁତର ଆହତ ହୋଇ ଚିକିତ୍ସାଧିନ ଥିବା ସୂଚନା ମିଳିଛି । ଏ ନେଇ ଗୋଳନ୍ଥରା ଥାନା କେଶ ନଂ ୫୧୮/୨୪ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବୋଲର ଓ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି ।

# ପ୍ରେମିକାକୁ ଭେଟିବାକୁ ଆସି ବନ୍ଧା ହେଲା ପ୍ରେମିକ



କର୍ଲାମୁଣ୍ଡା, ୦୫/୧୨ (ନି.ପ୍ର): ଗତ ସୋମବାର ରାତିରେ ଜଣେ ବିବାହିତ ଯୁବକ ନିଜର ପ୍ରେମିକାକୁ ଭେଟିବାକୁ ଆସି ପ୍ରେମିକାର ଘର ଲୋକଙ୍କ ହାତରେ ଧରା ପଡ଼ିବା ଭଳି ଘଟଣା ଦେଖିବାକୁ ମିଳିଛି । ଯୁବକ ଜଣକ କର୍ଲାମୁଣ୍ଡା ବ୍ଲକ ଅଧିନ ଓଡିଆମୁଣ୍ଡା ଗ୍ରାମର ରାକେଶ ବାଗ (୨୮) ବୋଲି ପରିଚୟ ଦେଇଛି । ତେବେ ତୁଳାପଡା ନିକଟସ୍ଥ ଆମ୍ବପଡାର ଜନୈକ ଝିଅ ଓଡିଆମୁଣ୍ଡା ଗ୍ରାମରେ ବିବାହ କରିଥିଲେ । ହେଲେ ପୂର୍ବରୁ ବିବାହିତ ଓ ତିନୋଟି ସନ୍ତାନର ଜନକ ରାକେଶ ଏହି ଝିଅ ସହ ପ୍ରେମ ସମ୍ପର୍କ ରଖିଥିଲା ଓ ଏ ଦୁଇଜଣ ପଳାଇବାକୁ ଚେଷ୍ଟା କରିଥିଲେ ହେଁ ଧରା ପଡ଼ିଥିଲେ । ଏହାପରେ ପ୍ରେମିକାକୁ ତାର ଶ୍ୱଶୁର ଘର ଲୋକେ ଆଣି ତୁଳାପଡ଼ା ନିଜ ବାପା ଘରେ ଛାଡି ଦେଇଥିଲେ । ପ୍ରେମରେ ପାଗଳ ଓଡିଆମୁଣ୍ଡାର ଯୁବକ ରାକେଶ ଶେଷରେ ଉନ୍ମାଦ ହୋଇ ନିଜ ପ୍ରେମିକାକୁ ଭେଟିବା ପାଇଁ ଆମପଡାକୁ ଲୁଚିକରି ଆସିଥିଲା । ପ୍ରେମିକାକୁ ଭେଟିବାକୁ ଚେଷ୍ଟା କରୁଥିବା ବେଳେ ଘର ଲୋକେ ପ୍ରେମିକକୁ ଧରି ବିଦ୍ୟୁତ ଖୁଣ୍ଟରେ ବାନ୍ଧି ପୁଲିସକୁ ଫୋନ୍ କରିଥିଲେ । ଏହାପରେ ପ୍ରେମିକ ରାକେଶର ବିବାହିତ ସ୍ତ୍ରୀ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ ପୁଲିସ ପ୍ରେମିକ ରାକେଶକୁ ଉଦ୍ଧାର କରି ଥାନାକୁ ନେଇଥିବା ସୂଚନା ମିଳିଛି ।

## ବରଗଡ଼ ଜିଲ୍ଲା ଚିଚିଣ୍ଡା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ ସମ୍ପନ୍ନ



ଭେଡେନ, ୦୫/୧୨ (ନି.ପ୍ର): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡାର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଚଳିତ ଡ଼ିସେମ୍ବର ୨୫ ରୁ ଆରମ୍ଭ ହୋଇ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ ବୁଧବାର ଦିନ ଶୁଭସ୍ତମ୍ଭ ସ୍ଥାପନ ହୋଇଛି । ଏହି କାର୍ଯ୍ୟକ୍ରମରେ ଅଶୋକ ବାବୁ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ରାଣପ୍ରତାପ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଯାତ୍ରା କମିଟିର ସଭାପତି ଶ୍ୟାମ ସୁନ୍ଦର ମେହେର, ଉପ-ସଭାପତି ରୋହିତ ସୁରୁଜଲ, ସମ୍ପାଦକ ମନବୋଧ ମେହେର, ସହ-ସମ୍ପାଦକ ସଞ୍ଜୟ ମେହେର, କୋଷାଧକ୍ଷ ସଂଜୀବ ମେହେରଙ୍କ ସମେତ ବରିଷ୍ଠ ସଭ୍ୟ ମୁକେଶ ସାହୁ, ମକରଧ୍ୱଜ ମେହେର, ରାଧେଶ୍ୟାମ ମେହେର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ହରିଚନ୍ଦନପୁରରେ ୨୬ ଟିକିଆ ହାତୀପଲ, ନଷ୍ଟ କଲେ କୋବି ଫସଲ



ପାଟଣା, ୦୫/୧୨ (ନି.ପ୍ର):ପାଟଣା ବନାଞ୍ଚଳରେ ୨୭ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ଥିବାବେଳେ ଏହି ପଲରେ ଗୋଟିଏ ଦନ୍ତା ଗୋଠ ଛଡା ହୋଇ ଉଖୁଣ୍ଡା ଅଞ୍ଚଳ ମୁହାଁ ହୋଇଛି । ଗତକାଲି ଏହି ହାତୀପଲ ରାତିରେ କିମିର୍ଦାପଶି, ନୂଆଖମଣ ଆଦି ଗ୍ରାମରେ ଟଙ୍କଧର ମହାନ୍ତ, କରୁଣାକର ମହାନ୍ତ, ଗୌରୀ ମହାନ୍ତ, ଶୁକଦେବ ମହାନ୍ତ, ଘନ ମହାନ୍ତଙ୍କ ଧାନ ଫସଲ ନଷ୍ଟ କରିଥିବା ବେଳେ କରୁଣାକର ମହାନ୍ତ ଓ ଘନ ମହାନ୍ତଙ୍କ ବ୍ୟାପକ କୋବି ଫସଲ ନଷ୍ଟ କରିବା ପରେ ଆଜି ସକାଳୁ ସକାଳୁ ବୈତରଣୀ ପାର ହୋଇ ସାହାରପଡା ବ୍ଲକ ହରିଚନ୍ଦନପୁର ଜଙ୍ଗଲରେ ଡେରା ପକାଇଛନ୍ତି । ଏହି ହାତୀପଲଙ୍କୁ ଦେଖିବାକୁ ଲୋକେ ପ୍ରବଳ ଭିଡ କରୁଥିବାରୁ ହାତୀମାନେ ବିଶୃଙ୍ଖଳିତ ହେଉଥିବା ଦେଖାଯାଇଛି । ସାହାରପଡା ବନପାଳ ଭୂପତି କୁମାର ସେଠୀ ଓ ଗଜସାଥୀ ମାନେ ଏହି ହାତୀପଲଙ୍କ ଉପରେ ନଜର ରଖିଛନ୍ତି ।

# ଚାରି ଥାକିଆ ରାସ୍ତା କାମରେ ସ୍ଥାନୀୟ ବେକାରୀଙ୍କୁ ଚାକିରୀ ଦେବା ଲାଗି ବାବା ବିଶ୍ୱକର୍ମା ଅପରେଟର ସଂଘର ଦାବି

ପାଟଣା, ୦୫/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବେକାରୀ ସମସ୍ୟା ଏବେ ଚରମ ସୀମାରେ ପହଞ୍ଚିଛି । ଖଣି ଖାଦାନରେ ଓଡ଼ିଆ ପିଲାଙ୍କୁ ନିଯୁକ୍ତି ମିଳୁନି ବୋଲି ବାରମ୍ବାର ଅଭିଯୋଗ ହେଉଛି । ତେବେ ବର୍ତ୍ତମାନ ପାଣିକୋଇଲି ଠାରୁ ରାଜାମୁଣ୍ଡା ଯାଏ ରାସ୍ତା ୪ ଥାକିଆ ହେଉଛି ଯାହାକୁ ଏସଆରଏସସି ଇନ୍ଫ୍ରା ଲିଃ କରୁଛି ଓ ଏହି କାମ ଲାଗି ଅନେକ ଗାଡ଼ି କାମରେ ଲାଗିଛନ୍ତି, ବଡ଼ ବଡ଼ ମେସିନ ମଧ ଲାଗିଛି । ପୂର୍ବରୁ ଏହି ରାସ୍ତା କାମରେ ସ୍ଥାନୀୟ ଅପରେଟର ମାନଙ୍କୁ ଉକ୍ତ ନିର୍ମାଣ କମ୍ପାନୀ ନିଯୁକ୍ତି ଦେଉ ବୋଲି ଆଲୋଚନା ହୋଇଥିଲା ଏବଂ କମ୍ପାନୀ କର୍ତ୍ତୃପକ୍ଷ ମଧ ଦୁର୍ଗାପୂଜା ପରେ କିଛି ନିଷ୍ପତ୍ତି ନେବେ କହିଥିଲେ । ହେଲେ ଏଯାଏ ନିଯୁକ୍ତି ଦେଉ ନଥିବାରୁ ବାବା ବିଶ୍ୱକର୍ମା ଅପରେଟର ସଂଘ ପକ୍ଷରୁ କମ୍ପାନୀ ପରିଚାଳକଙ୍କ ପାଖରେ ଏକ ଲିଖିତ ଦରଖାସ୍ତ ଦିଆ ଯାଇଛି କି ସ୍ଥାନୀୟ ଅପରେଟରଙ୍କୁ ରାସ୍ତା କାମରେ ନିଯୁକ୍ତି ଦେଇ କମ୍ପାନୀ ନିଜ ପ୍ରତିଶ୍ରୁତି ପାଳନ କରୁ । ଏଥି ଲାଗି ଆଜି ବାବା ବିଶ୍ୱକର୍ମା ଅପରେଟର ସଂଘ ପକ୍ଷରୁ କମ୍ପାନୀକୁ ନିଯୁକ୍ତି ଲାଗି ତା ୧୫/୧୨/୨୪ ରିଖ ସୁଦ୍ଧା ପରିଶୃତି ପାଳନ ଲାଗି ଦିନ ଧାର୍ଯ୍ୟ କରାଯାଇଛି, ଅନ୍ୟଥା ଆନ୍ଦୋଳନ ହେବ ବୋଲି ସଂଘ ସ୍ପଷ୍ଟ କରିଛି । ତେଣୁ ଆଜି ଘଟଗାଁ ବ୍ଲକ୍ ଅନ୍ତର୍ଗତ ମସିଣାବିଲା ନିକଟରେ ସଂଘର କାର୍ଯ୍ୟକର୍ତ୍ତା ମାନେ ଏକଜୁଟ ହୋଇ କମ୍ପାନୀ ଅଫିସରେ ଦାବିପତ୍ର ଦେବା ବେଳେ ପ୍ରତିବାଦ କରିଥିଲେ ।

## ସ୍ୱାମ ଶାସନ ହନୁମାନ ମନ୍ଦିରରୁ ଚୋରୀ ଘଟଣାରେ ଯୁବକ ଗିରଫ

ପାଟଣା, ୦୫/୧୨ (ନି.ପ୍ର): ଗତ କିଛିଦିନ ତଳେ ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମଶାସନ ଛକ ହନୁମାନ ମନ୍ଦିରରୁ ପୂଜା ସାମଗ୍ରୀ ଚୋରୀ ହୋଇଥିଲା । ଚୋରୀ ହେବା ଦିନ ରାତିରେ ପାଟଣା - ଢେଙ୍କିକୋଟ ରାସ୍ତାରେ ପାଟଣା ଥାନା ଏଏସଆଇ ନୂଆସ ଲୁଗୁନ ପେଟ୍ରୋଲିଙ୍ଗରେ ଥିବାବେଳେ ହନୁମାନ ମନ୍ଦିରରୁ ଚୋରୀ କରି ବାଇକରେ ଢେଙ୍କିକୋଟ ଆଡ଼କୁ ଫେରାର ହୋଇଯାଉଥିବା ଜଣେ ଯୁବକ ପୁଲିସ ଗାଡ଼ିକୁ ଦେଖି ବାଇକ ଛାଡି ଅନ୍ଧାରରେ ଚଂପଟ ମାରିଥିଲେ । ପୁଲିସ ବାଇକ ସହ ଚୋରୀ ସାମଗ୍ରୀ ଜବତ କରି ଥାନାକୁ ଆଣିଥିଲା । ପରଦିନ ହନୁମାନ ମନ୍ଦିର କମିଟି ଚୋରୀ ସମ୍ପର୍କରେ ପାଟଣା ପୁଲିସକୁ ସୂଚନା ଦେବା ପରେ ପୁଲିସ ରାତିରେ ଉଦ୍ଧାର ହୋଇଥିବା ପୂଜା ସାମଗ୍ରୀକୁ ସେମାନଙ୍କୁ ଦେଖାଇଥିଲେ । ଚୋରୀ ସାମଗ୍ରୀ ଗୁଡିକ ହନୁମାନ ମନ୍ଦିରର ହୋଇଥିବା ବେଳେ ପୁଲିସ ସେଗୁଡିକୁ ମନ୍ଦିର କମିଟିକୁ ଫେରାଇ ଦେଇଥିଲା । ସେବେଠାରୁ ପୁଲିସ ଏହି ଚୋରର ପତା ଲଗାଉଥିବା ବେଳେ ଘଟଗାଁ ଅଞ୍ଚଳରୁ ତାକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ମୁକୁନ୍ଦପୁର ପାଟଣା ଗ୍ରାମର ଶ୍ରୀକାନ୍ତ ସାହୁ (୨୭) ବୋଲି ଜଣାପଡିଛି ।

## ପାଟଣାରେ କିଶୋରୀ ବାଳିକାଙ୍କ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ

ପାଟଣା, ୦୫/୧୨ (ନି.ପ୍ର): ପାଟଣା ଜିଏନ ହାଇସ୍କୁଲ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସପାୟର ଦ୍ୱାରା ବୁଧବାର କିଶୋରୀ ବାଳିକା ମାନଙ୍କ ବ୍ଲକ-ସ୍ତରୀୟ ଏକ ଦିବସୀୟ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି । ପାଟଣା ବ୍ଲକର ୨୦ଟି ପଞ୍ଚାୟତର ପ୍ରତି ପଞ୍ଚାୟତରୁ ୨ଜଣ ଲେଖାଏଁ କିଶୋରୀ ଉପସ୍ଥିତ ରହି ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ । ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ପାଟଣା ସିଡିପିଓ କଳ୍ପନା ଦୋରା, ସମ୍ମାନୀତ ଅତିଥି ଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଯାଜ୍ଞସେନୀ ମହାନ୍ତ, ଆଇସିଡିଏସ ରାଜ୍ୟ ସଂଯୋଜିକା ମହେଶ୍ୱତା ଦାଶ, ରାଜ୍ୟ ମିଡିଆ ସେଲ ସଂଯୋଜିକା ପୂଜାରିଣୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଆସପାୟର ପାଟଣା ବ୍ଲକ ସଂଯୋଜକ ଶିଶିର କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ କବିନ୍ଦ୍ର ଦେହୁରୀ କିଶୋରୀ ବାଳିକା ମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ ।

# ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ସେବା କାର୍ଯ୍ୟ

କଟକ, ୦୫/୧୨ (ନି.ପ୍ର): ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ କଟକ ସଦର ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ୪୨ ମୌଜା ବହଳପଡ଼ା ଗ୍ରାମରେ ଥିବା ଅନ୍ଧ, ମୁକ, ବଧିର ବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସରେ ଅନୁଷ୍ଠାନ ତରଫରୁ ପ୍ରଧାନ ଶିକ୍ଷକ ସରୋଜ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଉପସ୍ଥିତ ଥିବା ଅତିଥି ମାନେ ମଙ୍ଗଳ କାମନା କରିବା ସହିତ ମିଷ୍ଟାନ୍ନ ଓ ବିସ୍କୁଟ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ସମାଜସେବୀ ଇଂ.ଅଶୋକ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରୁଦ୍ର ନାରାୟଣ ଦାସ ସଭା ପରିଚାଳନା କରିଥିଲେ । ବେଣ୍ଟକାର ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ନାରୀନେତ୍ରୀ ତଥା ସମାଜସେବୀ ସୁମିତା ଦେବତା, ଉପଦେଷ୍ଟା ବିଷ୍ଣୁ ଚରଣ ଦେବତା, ଯୁବ ସମାଜସେବୀ ତଥା ବେଣ୍ଟକାର ପଞ୍ଚାୟତ ସମିତିସଭ୍ୟ ବିନୋଦ ବିହାରୀ ବେହେରା, ଶିକ୍ଷକ ରନ୍ ଅଭୟ କୁମାର ଦାସ, ଶିକ୍ଷକ ସନ୍ତୋଷ ଭୋଇ, ରମେଶ ମଲ୍ଲିକ ପ୍ରଭୃତି ଉପସ୍ଥିତ ଥିଲେ ।

## କୃଷକ ଉତ୍ପାଦକ ସଂସ୍ଥାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ପାଟଣା, ୦୫/୧୨ (ନି.ପ୍ର): ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟରୁ ଚାଷୀ ମାନଙ୍କର ଆୟ ବୃଦ୍ଧି ପାଇଁ ପାଟଣା ବ୍ଲକର ରାଜନଗର କଲ୍ୟାଣ ମଣ୍ଡପରେ ମା' ଟାଙ୍ଗରାଣୀପାଟ କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ କୃଷି ବଜାରର ବଜାର ବିଶେଷଜ୍ଞ ଦିବ୍ୟ ପ୍ରକାଶ ସେଠୀ, ସମାଜସେବୀ ସୋମବାରୀ ମୁଣ୍ଡା , ସିବିବିଓ ସିନଜିର କ୍ଷେତ୍ର ସଂଯୋଜକ ଅମରେନ୍ଦ୍ର ସ୍ୱାଇଁ, ରଜନୀକାନ୍ତ ମିଶ୍ର, ବରିଷ୍ଠ କୃଷକ ନେତା ରାଧାକାନ୍ତ ମହାନ୍ତ ପ୍ରମୁଖ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ଏବଂ କୃଷକ ଉତ୍ପାଦକ କମ୍ପାନୀ ଜରିଆରେ ଏହାର କିପରି ସମାଧାନ କରାଯାଇ ପାରିବ ସେ ଉପରେ ଆଲୋକପାତ କରି ଥିଲେ । ପରିଚାଳନା ନିର୍ଦ୍ଦେଶକ କମଳ ଲୋଚନ ମହାନ୍ତ କମ୍ପାନୀର କାର୍ଯ୍ୟ ଉପରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକାରୀ ସଦସ୍ୟ ସରୋଜ କୁମାର ସେଠୀ, ଦୀପାଳି ମହାନ୍ତ, ରେବତୀ ମହାନ୍ତ, ମନୋଜ ମଞ୍ଜରୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।

# ବିନା ସୂଚନା ଫଳକରେ ଚାଲିଛି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା : ବଢୁଛି ଦୁର୍ଦ୍ଦଶା

ମାହାଙ୍ଗା, ୦୫/୧୨ (ନି.ପ୍ର): ଗ୍ରାମ୍ୟଉନ୍ନୟନ ବିଭାଗ ନିଶ୍ଚିନ୍ତକୋଇଲି ଅଧିନରେ ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତରେ ୧ବର୍ଷ ହେବ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗୋବିନ୍ଦପୁର ଠାରୁ ସାହାନିଆଜପୁର ରାସ୍ତା କାର୍ଯ୍ୟ ଚାଲିଛି । ଉକ୍ତ ରାସ୍ତାକୁ ତା ୬.୧.୨୦୨୪ରିଖରେ ମାହାଙ୍ଗାର ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଶିଳାନ୍ୟାସ କରିଥିଲେ । ଠିକାଦାରର ମନମାନିରେ ରାସ୍ତା କାର୍ଯ୍ୟ ଚାଲୁଥିଲା ବେଳେ ଏ ପର୍ଯ୍ୟନ୍ତ ସୂଚନା ଫଳକ ମରାଯାଇ ନାହିଁ । ଅର୍ଥାତ୍ ବିନା ସୂଚନା ଫଳକରେ ଚାଲିଛି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାର କାର୍ଯ୍ୟ । ରାସ୍ତାରେ କ୍ରସର ଗୁଣ୍ଡ ଓ ଗୋଡି ପକାଯାଇଥିବା ବେଳେ ଗାଡି ଯିବା ବେଳେ ପ୍ରବଳ ଧୂଳି ଉଡୁଛି । ଯାହା ଫଳରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସାଇକେଲ ଓ ଦୁଇ ଚକିଆଯାନ ଆରୋହୀ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ଧୂଳି ଆଖିରେ ପସିଯିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି । ସ୍କୁଲ ଓ କଲେଜପିଲାମାନେ ରାସ୍ତାର ଧୂଳିରେ ଯାତାୟତ କରିବା ନେଇ ଅସୁବିଧା ଭୋଗୁଛନ୍ତି । ଏପରିକି ଝାଡେଶ୍ୱରପୁର ଗ୍ରାମର ପ୍ରକାଶ ମହାନ୍ତି ଗତ ୩୦ତାରିଖ ଶନିବାର ଦିନ ଝାଡେଶ୍ୱରପୁର ଗ୍ରାମର ଚୌ.ଉମାକାନ୍ତ ପ୍ରହରାଜଙ୍କ ହିରୋ ହୁଣ୍ଡା ଗାଡିରେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ସମୟରେ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବିଦ୍ୟୁତ ଖୁଣ୍ଟରେ ଗାଡି ଧକ୍କା ହେବା ଫଳରେ ତାଙ୍କର ବାମଗୋଡଟି ଭାଙ୍ଗିଯାଇଛି । ଏନେଇ ପ୍ରକାଶର ମାଆ ଭଦ୍ରେଶ୍ୱର ଥାନାରେ ତା୨.୧୨.୨୦୨୪ରିଖରେ ଠିକାଦାର ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି । ଭଦ୍ରେଶ୍ୱର ଥାନା ପୋଲିସ କେବେ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ କରୁଛି ସେ ନେଇ ସାଧାରଣରେ ଆଲୋଚନା ହେଉଥିଲା ବେଳେ ପ୍ରକାଶ ମହାନ୍ତି ଋ ଦେକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିଲା । ଦୁର୍ଘଟଣା ପରେ ଏବେ ପ୍ରକାଶର ପରିବାର ଅସହାୟ ହୋଇପଡିଛନ୍ତି । ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ ରାସ୍ତାକାର୍ଯ୍ୟ କରୁଥିବା ଠିକାଦାର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକାଶର ମାଆ ଉଲ୍ଲାସ ମହାନ୍ତି ଦାବି କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ନୂତନ ସର୍ଭେ ସଂପର୍କରେ ସୂଚନା ଶିବିର ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି, ୦୫/୧୨ (ନି.ପ୍ର):ପଂଚାୟତରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧିନସ୍ଥ ନୂତନ ତଦନ୍ତ ସଂପର୍କରେ ସୂଚନାର ଏକ ଆଲୋଚନାଚକ୍ର ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମ ପଂଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପଂଚାୟତ ନିର୍ବାହୀ ଅଧିକାରୀ କୈଳାସ ରାଉତ, ହିସାବ ରକ୍ଷକ ଓ ତଥ୍ୟନିକ୍ଷେପଣ ଅଧିକାରୀ କୃଷ୍ଣଚନ୍ଦ୍ର କର, ସରପଂଚ ପ୍ରଗତୀପ୍ରଭା ମହାନ୍ତି, ସମିତିସଭ୍ୟା ଭାରତୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପଂଚାୟତର କର୍ମଚାରୀ ବାଇଧର ସାହୁ ପୂର୍ଣ୍ଣ ସହଯୋଗ କରିଥିଲା ବେଳେ ପଂଚାୟତର ୧୮ଟି ୱାର୍ଡରୁ ଯୋଗଦେଇଥିବା ୧୫୦ ରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ୪ଟି ପର୍ଯ୍ୟାୟରେ ବୈଠକ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧିନସ୍ଥ ନୂତନ ତଦନ୍ତ ସଂପର୍କରେ ଆଲୋଚନା କରାଯାଇଥିଲା । କିପରି ଆବେଦନକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଆବେଦନ କରିବେ ସେ ବିଷୟରେ ପଂଚାୟତ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକ ଓ ତଥ୍ୟ ନିକ୍ଷେପଣ ଅଧିକାରୀ ଉପସ୍ଥିତ ଜନସାଧାରଣଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ ।

## ପାଟଣା ବ୍ଲକ ଅଞ୍ଚଳରେ ପ୍ରକାଶ ରାଷ୍ଟ୍ରୀୟ ସର୍ବେକ୍ଷଣ ପରୀକ୍ଷା ଅନୁଷ୍ଠିତ

ପାଟଣା, ୦୫/୧୨ (ନି.ପ୍ର):ନେସନାଲ ଏଚିଭମେଣ୍ଟ ସର୍ଭେ ପାଇଁ ଆଜି ପାଟଣା ବ୍ଲକର ୪ଟି ପରୀକ୍ଷା କେନ୍ଦ୍ରରେ ପ୍ରକାଶ ସର୍ଭେକ୍ଷଣ ପରୀକ୍ଷା ଅନୁଷ୍ଠିତ ହୋଇଛି । ତୃତୀୟ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ମଲ୍ଲୀପଶିର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ୩୦ଜଣ ପରୀକ୍ଷା ଦେଇଥିବା ବେଳେ ଷଷ୍ଠ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ମଲ୍ଲୀପଶି ଉଚ୍ଚ ବିଦ୍ୟାଳୟରେ ୨୧ଜଣ ଓ ମୁରୁସୁଆଁ ସରସ୍ୱତୀ ଶିଶୁମନ୍ଦିରରେ ୧୩ ଜଣ ପରୀକ୍ଷା ଦେଇଥିଲେ । ସେହିପରି ନବମ ଶ୍ରେଣୀ ପାଇଁ ନୂଆଖମଣ ଉଚ୍ଚ ବିଦ୍ୟାଳୟରେ ୨୮ ଜଣ ପରୀକ୍ଷା ଦେଇଥିଲେ । ତୃତୀୟ ଛାତ୍ରଛାତ୍ରୀ ମାନେ ଗଣିତ, ସାହିତ୍ୟ ଓ ପରିବେଶ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ଓ ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।

## ନିଶ୍ଚିନ୍ତକୋଇଲିରେ ଯୋଗଦେଲେ ନୂତନ ମଣ୍ଡଳ ଉନ୍ନୟନ ଅଧିକାରୀ

ନିଶ୍ଚିନ୍ତକୋଇଲି, ୦୫/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ଶ୍ରୀଯୁକ୍ତ ଦିବ୍ୟେନ୍ଦୁ ଦାଶ ତା. ୪.୧୨.୨୦୨୪ ରିଖ ଅପରାହ୍ନରେ ଯୋଗଦାନ କରିଛନ୍ତି । ଶ୍ରୀଯୁକ୍ତ ଦାଶ ଏଥିପୂର୍ବରୁ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକରେ କାର୍ଯ୍ୟରତ ଥିଲେ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ୨୭.୧୦.୨୦୨୪ ରିଖରେ ଅନେକ ସରକାରୀ ଅଧିକାରୀଙ୍କ ବଦଳି ଆଦେଶ ବାହାରିଥିଲା । ନିଶ୍ଚିନ୍ତକୋଇଲି କାର୍ଯ୍ୟରତ ମଣ୍ଡଳ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରା ଏଠାରେ ନଅ ମାସ କାର୍ଯ୍ୟ କରି ସୁରୁଖୁରୁରେ କାର୍ଯ୍ୟ ସଂପନ୍ନ କରିଥିଲେ । ଶ୍ରୀଯୁକ୍ତ ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ନୂତନ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଦାଶଙ୍କୁ ପୂର୍ବତନ ମଣ୍ଡଳ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରା ଦାୟିତ୍ୱ ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ନୂତନ ମଣ୍ଡଳ ଉନ୍ନୟନ ଅଧିକାରୀ ପୂର୍ବତନ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରିଥିବା ବେଳେ ନିଶ୍ଚିନ୍ତକୋଇଲି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ କୁମାର ମହାନ୍ତି ଓ ପଂଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନୂତନ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ବିଦାୟୀ ବକ୍ତବ୍ୟରେ ପୂର୍ବତନ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ କହିଥିଲେ କି ପୂର୍ବରୁ ମୋତେ ନଅମାସ ଆପଣ ସମସ୍ତେ ଯେପରି ସହଯୋଗ କରୁଥିଲେ।

## ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମରଣିକା ଉନ୍ମୋଚିତ




ପାଟଣା, ୦୫/୧୨ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ଶିବନାରାୟଣପୁର ବାସିନ୍ଦା ସମାଜସେବୀ କୀର୍ତ୍ତନ ବିହାରୀ ଦାଶଙ୍କ ଏକାଦଶାହ ଅବସରରେ ମଙ୍ଗଳବାର ସ୍ମୃତିଚାରଣ ସଭା ଓ ସ୍ମରଣିକା ଉନ୍ମୋଚିତ ହୋଇଛି । ଆୟୋଜିତ ସ୍ମୃତିଚାରଣ ସଭା ବିଶ୍ୱ ହିନ୍ଦୁ ପରିଷଦ ପାଟଣା ବ୍ଲକ ସଭାପତି ସନାତନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ନବକିଶୋର ଦାଶ ବେଦ ପାଠ, ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର ଗୀତାପାଠ କରିଥିଲେ । ସ୍ମୃତିଚାରଣ ସଭାର ସଂଯୋଜନା ଅରୁଣ କୁମାର ମିଶ୍ର କରିଥିଲେ । ସ୍ମରଣିକାକୁ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ପାଟଣା ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ଈଶ୍ୱର ଚନ୍ଦ୍ର ଦାଶ, ସାମାଜିକ କର୍ମୀ ପର୍ଶୁରାମ ପଣ୍ଡା, ବୀର କିଶୋର ଦାଶ, ଶିକ୍ଷାବିତ ଚିନ୍ମୟ ମିଶ୍ର ପ୍ରମୁଖ ପୁତ୍ର ବିବେକାନନ୍ଦ ଓ ଅରବିନ୍ଦ ଦାଶଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ ।

## ଢେଙ୍କିକୋଟ ଅଞ୍ଚଳରେ ମୃଦୁ ଭୂମିକମ୍ପ

ପାଟଣା , ୦୫/୧୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଓ ଏହାର ଆଖପାଖ ଗ୍ରାମରେ ଆଜି ଅପରାହ୍ନ ୪ ଟା ୨୬ ମିନିଟ ସମୟରେ କିଛି ସେକେଣ୍ଡ ପାଇଁ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ଘରର କବାଟ ଓ ଝରକା ସାମାନ୍ୟ ଥରିବା ସହ ଖଢ ଖଢ ହୋଇଥିଲା । ତେବେ ଏହା ମୃଦୁ ଭୂମିକମ୍ପ ଅଥବା ଆଖପାଖ ଅଞ୍ଚଳରେ ଡିପ ହୋଲ ବ୍ଲାଷ୍ଟିଂର ପ୍ରଭାବ ତାହା ସ୍ପଷ୍ଟ ହୋଇନାହିଁ ।

# ମନରେଗା ଯୋଜନାର ବ୍ଲକ-ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ



ପାଟଣା, ୦୫/୧୨ (ନି.ପ୍ର): ପାଟଣା ବ୍ଲକ ଅଞ୍ଚଳରେ ବ୍ଲକ ଓ ଅନ୍ୟାନ୍ୟ ଲାଇନ ବିଭାଗ ଦ୍ୱାରା ମନରେଗା ଯୋଜନାରେ କରାଯାଇଥିବା ଉନ୍ନୟନ କାର୍ଯ୍ୟ ପାଇଁ ଆଜି ବ୍ଲକ କାର୍ଯ୍ୟାଳୟରେ ବ୍ଲକ-ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ଉପସ୍ଥିତିରେ ଶିବିରରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ଅମୃତାୟନ ଆଇଚ ଯୋଗଦେଇ ବ୍ଲକ ଅଧକ୍ଷା ସୁକାନ୍ତି ନାଏକଙ୍କ ଉପସ୍ଥିତିରେ ଜନଶୁଣାଣି ଶିବିରରେ ମତାମତ ଓ ଅଭିଯୋଗର ଶୁଣାଣୀ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ, ପିଇଓ, ଏଡିଇଓ , ଗ୍ରାମ ରୋଜଗାର ସେବକଙ୍କ ସହ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସିଦ୍ଧ ମାଝୀଙ୍କ ସହ ସମସ୍ତ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ମନରେଗା ଯୋଜନାରେ ୬ ମାସ ମଧରେ ମୋଟ ୨୩୪ଟି ପ୍ରକଳ୍ପ ମଧ୍ୟରୁ ୯୨ଟି ବିଭିନ୍ନ ଲାଇନ ବିଭାଗରେ ଥିବା ସମ୍ବନ୍ଧରେ ଗ୍ରାମ ସମ୍ବଳ ବ୍ୟକ୍ତି ମାନେ ତଥ୍ୟ ଉପସ୍ଥାପନ କରିଥିଲେ । ଆସିଥିବା ଅଭିଯୋଗର ୭ ଦିନ ମଧରେ ସମାଧାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୩ - ୨୪ ଆର୍ଥିକ ବର୍ଷରେ ୨୬୪୫.୭୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୯୯୪୬୭ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ଏବଂ ପୁରୁଣା ଓ ନୂଆ କାମ ମିଶି ୧୮୯୫ ଟି ପ୍ରକଳ୍ପ କାମ ଶେଷ ହୋଇଥିବା ସୂଚନା ଦିଆଯାଇଥିଲା ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

ନିଶ୍ଚିନ୍ତକୋଇଲି, ୦୫/୧୨ (ନି.ପ୍ର):ନବଗଠିତ ନିଶ୍ଚିନ୍ତକୋଇଲି ମଣ୍ଡଳ ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଓ ସହକାରୀ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟାକୁ ତ୍ୱରିତ ସମାଧାନ ପାଇଁ ସଂଘ କାର୍ଯ୍ୟକର୍ତ୍ତାମାନେ ଶିକ୍ଷାଧିକାରିଣୀଙ୍କ ସହ ଆଲୋଚନା କରିଥିଲେ । ନବଗଠିତ ସଂଘ ସଭାପତି ନାରାୟଣ ଚାନ୍ଦଙ୍କ ଆବାହକତ୍ୱରେ ଆଇନ ଓ ଜନସଂପର୍କ ଉପଦେଷ୍ଟା ସୀତାକାନ୍ତ ସାମଲ, ସଂପାଦକ ସୁବାଷ କୁମାର ରାଉତ, କାର୍ଯ୍ୟକାରୀ ସଭାନେତ୍ରୀ ରାବେୟା ସରୱାର, ସଂଗଠନ ସଂପାଦକ ଅକ୍ଷୟ କୁମାର ପଟ୍ଟନାୟକ, ଉପସଭାପତି ସୁନାକର ଭୋଇ, ଦୁର୍ଯ୍ୟୋଧନ ବେହେରା, ଉପସଭାନେତ୍ରୀ ମିନତୀ ନାୟକ, କୋଷାଧକ୍ଷ ପ୍ରଭାକର ସ୍ୱାଇଁ, ଗୋଲାମ ମେହେନ୍ଦୀ ହୁସେନ, ଗଣମାଧ୍ୟମ ସଂଯୋଜକ ଜ୍ଞାନେନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ ।

# ବଙ୍ଗୋମୁଣ୍ଡା ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଛି ପଥର ମାଫିଆ ଛୋଟୁ ଅଗ୍ରୱାଲ



ବଲାଙ୍ଗୀର , ୦୫/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ପରେ ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲାରେ ମଧ ଦେଖିବାକୁ ମିଳୁଛି ପଥର ମାଫିଆଙ୍କ ତାଣ୍ଡବ। ହେଲେ କଳାହାଣ୍ଡି ଜିଲାରେ ଥିବା କିଛି ପଥର ମାଫିଆ ତ କେବଳ ସରକାରୀ ରାଜସ୍ୱକୁ ଲୁଟି ଖାଉଛନ୍ତି। କିନ୍ତୁ ରାଜ ଖରିଆରରୁ ଆସି ବଲାଙ୍ଗୀର ଜିଲ୍ଲାରେ ଡେରା ପକାଇଥିବା ଛୋଟୁ ଅଗ୍ରୱାଲ ନାମକ ପଥର ମାଫିଆର କଥା ତ ନକହିବା ଭଲ। ବଙ୍ଗୋମୁଣ୍ଡା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଏ ମାଫିଆ ହେଉଛି ରାଜ ଖରିଆରର ଛୋଟୁ ଅଗ୍ରୱାଲ। ବେଆଇନ ବ୍ଲାଷ୍ଟି କରି କୋଟି କୋଟି ଟଙ୍କାର ସରକାରୀ ରାଜସ୍ୱକୁ ଲୁଟ କରିବା ସଙ୍ଗେ ସଙ୍ଗେ ନିରୀହ ଗ୍ରାମବାସୀଙ୍କୁ ନିସ୍ତୁକ ମାଡ଼ ମରେଇ ବର୍ତ୍ତମାନ ଚର୍ଚ୍ଚାରେ ଏ ମାଫିଆ ଛୋଟୁ ଅଗ୍ରୱାଲ।। ଏ ବାବୁଙ୍କ ନାମ ଯେମିତି ଭୟଙ୍କର, କାମ ମଧ ସେଭଳି ଭୟଙ୍କର। ଅଭିଯୋଗ ମୁତାବକ ବଙ୍ଗୋମୁଣ୍ଡା ତହସିଲ ଅନ୍ତର୍ଗତ ବର୍ଲାବାହାଲୀ ଗ୍ରାମ ପଞ୍ଚାୟତ ବଲଧା ଗାଁକୁ ଲାଗିରହିଥିବା ବୁଢିଆ ଡଙ୍ଗର କୁଆଁରୀରୁ ପ୍ରତିଦିନ ବେଆଇନ ଭାବେ ବ୍ଲାଷ୍ଟି କରାଯାଉଛି ଏବଂ ପଥର କୁଆଁରୀରୁ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟି ନିଆଯାଉଛି। ସବୁଠୁ ବଡ଼ କଥା ହେଲା ବୁଢିଆ ଡଙ୍ଗର କୁଆଁରୀର ଠିକ ସମ୍ମୁଖରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି।ପ୍ରତିଦିନ କୁନି କୁନି ଛୁଆ ମାନେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଶିକ୍ଷା ଗ୍ରହଣ କରିବାକୁ ଆସୁଛନ୍ତି।ବାରମ୍ବାର ବ୍ଲାଷ୍ଟିଂ ହେବା ଫଳରେ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଛାତ୍ର ଛାତ୍ରୀ ମାନେ ଭାବବିତ୍ତ ଅବସ୍ଥାରେ ଥିବା ବେଳେ ବଲଧା ଗ୍ରାମବାସି ମଧ ଭୟବିତ୍ତ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ବ୍ଲାଷ୍ଟ ଫଳରେ ନିରୀହ ଲୋକଙ୍କ ଘର କାନ୍ଥ ସମ୍ପୂର୍ଣ ଭାଙ୍ଗି ଭୁଶୁଡିବାକୁ ବସିଲାଣି। ପ୍ରତିଦିନ ଶହ ଶହ ପଥର ବୋଝେଇ ହାଇବା କେନାଲ ରାସ୍ତା ଉପର ଦେଇ ଯିବା ଆସିବା କରୁଥିବା ଫଳରେ କେନାଲ ରାସ୍ତା ମଧ ଭାଙ୍ଗି ଚୁରମାର ହେଇ ଗଲାଣି। ଯାହା ଫଳରେ ହଜାର ହଜାର ହେକ୍ଟର ଚାଷ ଜମିକୁ କେନାଲ ଦେଇ ଯାଉଥିବା ପାଣିର ସୁବିଧା ଠାରୁ ଆଗାମୀ ଦିନରେ ଚାଷୀ ବଞ୍ଚିତ ରହିବେ ବୋଲି ଅଞ୍ଚଳର ଚାଷୀ ମତ ବ୍ୟକ୍ତ କରିଛନ୍ତି। କ୍ରସରର ଡଷ୍ଟ ଗୁଣ୍ଡ ପାଇଁ ଚାଷୀଙ୍କ ଚାଷକାର୍ଯ୍ୟରେ ଆହୁରି କ୍ଷୟକ୍ଷତି ଘଟୁଛି। ଏଇ ଡଷ୍ଟ ଗୁଣ୍ଡ ପାଇଁ ଲୋକେ ବର୍ତ୍ତମାନ ଟିବି ଏବଂ କିଡ଼ନୀ ଭଳି ଭୟଙ୍କର ରୋଗରେ ଆକ୍ରାନ୍ତ ହେଇ ମଧ ଜୀବନ ଅତିବାହିତ କରୁଛନ୍ତି। ଏଣୁ କେଉଁ ଅଧିକାରୀକୁ ଏ ମାଫିଆ ଛୋଟୁ ଅଗ୍ରୱାଲ ଟଙ୍କା ଦେଇ ଟେଣ୍ଡର ହାତେଇଛି ନାଁ ଅନ୍ୟ କେହି ଜଣେ ଏଇ ଟେଣ୍ଡର କୁ ହାତେଇଏଇ ଛୋଟୁ ଅଗ୍ରୱାଲ କୁ ଗୁଣ୍ଡା ସଜେଇ ଲୋକଙ୍କୁ ଭାବବିତ୍ତ କରାଯାଉଛି ତାହା ତଦନ୍ତ ସାପେକ୍ଷ।ଏବଂ ଏ କୁଆଁରୀରୁ ମାଇନିଙ୍ଗ କରାଯିବା ପାଇଁ ଏ ଦଲାଲ ମାନଙ୍କୁ କିଏ ଅନୁମତି ଦେଲା ବୋଲି ସାଧାରଣ ରେ ଚର୍ଚ୍ଚା ଆଲୋଚନା ହେଉଥିବା ବେଳେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ବର୍ତମାନର ରାଜ୍ୟ ସରକାରଙ୍କୁ ବଲଧା ଗ୍ରାମବାସୀ ଲିଖିତ ଅଭିଯୋଗ ଜଣେଇବା ସହ ଅତିଶୀଘ୍ର ଏହାର ଏକ ଉଚ୍ଚ ସ୍ତରୀୟ କରି ଦୋଷୀଙ୍କ ବିରୁଦ୍ଧରେ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ଜୋର ଧରୁଛି।

## ଉପାନ୍ତ ଅଞ୍ଚଳରୁ ଏଥଲେଟିକ ଖେଳିବେ କବିଶ ସାନ୍ତା



ରାଇଘର, ୦୫/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ,ସରକାରୀ ଉଚ୍ଚ ବିଦ୍ୟାଳୟ ନୁଆପାରା ସ୍କୁଲ ର ଦଶମ ଶ୍ରେଣୀର ଛାତ୍ର କବିଶ ସାନ୍ତା,ପି.କଦମା ସାନ୍ତା ମୁଣ୍ଡିବେଡା ପଞ୍ଚାୟତ ଯଡାମ୍ବା ଏକ ଉପାନ୍ତ ଅଞ୍ଚଳ ନାହିଁ ଗାଁକୁ ଯିବାକୁ ଏକ ଭଲ ରାସ୍ତା ନାହିଁ ପିଇବାକୁ ଭଲ ପଣିର ସୁବିଧା, ସେହିଭଳି ଗାଁ ଗହଳିର ପିଲାମାନେ ଏବେ ସାଜିଛନ୍ତି ଓଡ଼ିଶାର ଗୌରବ । ବ୍ଲକ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଜଗିତାରେ ଆଥଲେଟିକ ରେ ୧୫୦୦ ମିଟର ଓ ୮୦୦ ମିଟର ଦୌଡ଼ ରେ ପ୍ରଥମ ସ୍ଥାନ ପାଇ ଥିବାରୁ, ରାଜ୍ୟସ୍ତରୀୟ କ୍ରୀଡା ପାଇଁ ମନନୀତ ହୋଇଛନ୍ତି । ୧୧/୧୧/୨୪ ଠାରୁ ୧୨/୧୧/୨୪ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆଥଲେଟିକ ପ୍ରତିଜଗୀତା କେନ୍ଦୁଝର ଜିଲ୍ଲା ରେ ଅଛି ତେଣୁ ଆଜି ନବରଙ୍ଗପୁର ଜିଲ୍ଲାର ପ୍ରତିଜଗି ମାନେ କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି । ନୂଆପାରା ଆଶ୍ରମ ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ ମାନେ କବିଶ ସାନ୍ତା କୁ ଆଶୀର୍ବାଦ ସହିତ ସାହସ ଦେଇଛନ୍ତି ଯେ ରାଜ୍ୟସ୍ତରୀୟ ରେ ମଧ ମେଡାଲ ଆଣି ଜିଲ୍ଲା ପାଇଁ ତଥା ରାଇଘର ବ୍ଲକ ପାଇଁ ଗୌରବ ଆଣିବେ ବଲି ଆଶା କରୁଛନ୍ତି । ପୂର୍ବରୁ କବିଶ ସାନ୍ତା ୪ଥର ସେ ରାଜ୍ୟ ସ୍ତରୀୟ ଖୋ ଖୋ ଭଲିବଲରେ ବିଭିନ୍ନ ଜାଗାକୁ ଯାଇଛନ୍ତି । ସୂଚନାଥାଉକି ପ୍ରଥମ ଥର ଏହି ବିଦ୍ୟାଳୟରୁ ଆଥଲେଟିକରେ ଭାଗ ନେଇଛନ୍ତି କବିଶ ସାନ୍ତା, ବଲି ନୂଆପାରା ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଖୁସି ଅନୁଭବ କରୁଛନ୍ତି । ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ଓ କ୍ରୀଡା ଶିକ୍ଷକ

## ବୌଦ୍ଧ ପୂର୍ତ୍ତବିଭାଗର ମନମୁଖୀ କାର୍ଯ୍ୟ : ୧୦ ଦିନ ହେଲା ରାସ୍ତା ଉପରେ ବାଡ,ଆଗେଇ ପାରୁନି ନିର୍ମାଣ କାମ

## ଜମି କ୍ଷୟକ୍ଷତି ମିଳି ନଥିବାରୁ ଜମି ମାଲିକଙ୍କ ବିରୋଧ

ବୌଦ୍ଧ,୦୫/୧୨ (ନି.ପ୍ର): ବୌଦ୍ଧ ଜିଲ୍ଲା ଜଗନ୍ନାଥ ସଡ଼କର କୃଷ୍ଣମହୋନପୁର ବଲାଟ ନାଳ ଉପରେ ସେତୁ ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଛି । କିନ୍ତୁ ବୌଦ୍ଧ ପୂର୍ତ୍ତ ବିଭାଗର ଅବହେଳା ପାଇଁ ଆଜି ପର୍ଯ୍ୟନ୍ତ ସେତୁ ନିର୍ମାଣ କାର୍ଯ୍ୟ ସରିପାରି ନଥିବା ବେଳେ ଲୋକଙ୍କ କାମରେ ଲାଗିପାରୁ ନାହିଁ ବାଲଟ ସେତୁ । ଫଳରେ ନିର୍ମାଣ କାର୍ଯ୍ୟ ବାଧା ପ୍ରାପ୍ତ ହେବା ସହ ଜମି ମାଲିକ ଓ କଣ୍ଟ୍ରାକର ଙ୍କ ଭିତରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସୂଚନା ମତେ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ନାଳ ଉପରେ ସେତୁ ନିର୍ମାଣ ପାଇଁ ୨୦ କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା ; ଏବଂ ଉକ୍ତ ସେତୁ ନିର୍ମାଣ କାର୍ଯ୍ୟ କୁ ସୋନପୁର ଜିଲ୍ଲା ର ସ୍ୱତନ୍ତ୍ର କଣ୍ଟ୍ରାକ୍ଟର ଶ୍ରୀନିବାସ ମିଶ୍ର କାର୍ଯ୍ୟ କରୁଥିବା ବେଳେ ନିର୍ମାଣ ସ୍ଥାନରେ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ସାରିଥିଲେ ମଧ ଆଜି ପର୍ଯ୍ୟନ୍ତ ଜମି ମାଲିକ ୮୫ ଡ଼ିସିମିଲ ର କ୍ଷୟକ୍ଷତି ପାଇପାରି ନାହାନ୍ତି । ଯାହାକି ସମ୍ପୃକ୍ତ ଜମି ମାଲିକଙ୍କ ବାରମ୍ବାର ବିରୋଧ ହେଉଥିବା ସ୍ୱତେ ବିଭାଗ ଆଜି କାଲି ହେବ କହି ଜମି ମାଲିକ ଙ୍କୁ ଭଣ୍ଡେଇ ନିର୍ମାଣ



କାର୍ଯ୍ୟ ଆଗକୁ ନେଇଥିବା ନେଇ ସୁରେନ୍ଦ୍ର ଦାବି କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇନଥିବାରୁ ଜମି ମାଲିକ ସୁରେନ୍ଦ୍ର ସେଠି ପୂର୍ବରୁ ବାରମ୍ବାର ନିର୍ମାଣ କାର୍ଯ୍ୟ ବିରୋଧ କରି ଆସୁଥିଲେ କିନ୍ତୁ ବିଭାଗ ଶୁଣୁନଥିବାରୁ ଆଜି ବାଧ୍ୟ ହୋଇ ରାସ୍ତା ଉପରେ କଣ୍ଟା ବାଡ଼ ଦେଇ ପ୍ରତିବାଦ କରିଥିବା ଜଣାପଡ଼ିଛି । ଫଳରେ ଏପଟେ ନିର୍ମାଣ କାର୍ଯ୍ୟ ସତକଡା ୯୦% ପ୍ରତିସତ ସାରିଥିବା ବେଳେ ପିଚୁ ପଡିଲେ କୋଟି କୋଟି ଟଙ୍କାର ନିର୍ମାଣଧୀନ ଥିବା ସେତୁ ଟି ଲୋକଙ୍କ କାମରେ ଲାଗିପରନ୍ତା ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି । ସମସ୍ୟା ସମ୍ପର୍କରେ ବୌଦ୍ଧ ପୂର୍ତ୍ତି ବିଭାଗ ଅଧକ୍ଷୀଣ ଯନ୍ତ୍ରୀ ପ୍ରଭାତ ଦାସଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସମ୍ପର୍କ ହୋଇ ପାରିନଥିବାରୁ ତାଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ତେଣୁ ଜିଲ୍ଲା ପ୍ରଶାସନ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଧାନ କ୍ଷେତରୁ ଯୁବକଙ୍କ କ୍ଷତବିକ୍ଷତ ମୃତ ଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

କଙ୍କଡ଼ାହାଡ଼, ୦୫/୧୨ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡେଇମରା ଗାଁରେ ଥିବା ଧାନ ବିଲରୁ ଜଣେ ଯୁବକଙ୍କ କ୍ଷତ ବିକ୍ଷତ ମୃତ ଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣଙ୍କ କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ପଞ୍ଚାୟତ ୩ନଂ କଲୋନୀର ଶୁଶିଲ ହେମ୍ବ୍ରମ। ଶୁଶିଲ ଦଣ୍ଡେଇମରା ନୂଆସାହିର ଶରତ ପଧାନଙ୍କ ପାଇଁ ମଦ ବୁହା କାର୍ଯ୍ୟ କରୁଥିବା ତାଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି। ଗତ କାଲି ଶରତଙ୍କ ସହ ଶୁଶିଲ ଘରୁ ଚାଲି ଆସି ଆଉ ଘରକୁ ଫେରି ନଥିଲେ। ସନ୍ଧ୍ୟାରେ ଶୁଶିଲ ଘରକୁ ନଫେରିବାରୁ ଆଜି ସକାଳେ ତାଙ୍କ ବାପା ସିଲେଇ ହେମ୍ବ୍ରମ ତାଙ୍କୁ ଖୋଜିବା ପାଇଁ ଦଣ୍ଡେଇମରା ଗାଁକୁ ଯାଇଥିଲେ । ତେବେ ସେଠାରେ ଶୁଶିଲ ଧାନ ବିଲରେ କ୍ଷତ ବିକ୍ଷତ ଭାବେ ପଡିଥିବାର ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଏହା ଏକ ଯୋଜନା ବଦ୍ଧ ହତ୍ୟା ବୋଲି ଶୁଶିଲଙ୍କ ବାପା ଶରତଙ୍କ ପ୍ରକାଶ କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ସେପଟେ ମଦ ବୁହା କାର୍ଯ୍ୟରେ ବ୍ୟବହାର କରୁଥିବା ଶରତ ପଧାନ ଫେରାର ମାରିଥିବା ଜଣାପଡିଛି।ଯାହାକୁ ଆଧାର କରି କଙ୍କଡ଼ାହାଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଅଧିକ ତଦନ୍ତ ଜାରି ରଖିଛି।

## କୋଟପାଡ଼ ଠାରେ କେପିଏଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ

କୋଟପାଡ଼, ୦୫/୧୨ (ନି.ପ୍ର): କୋଟପାଡ଼ ଭୈରବୀ ଗ୍ରାଉଣ୍ଡ ଠାରେ କେ.ପି.ଏଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ପ୍ରଥମେ କେ ପି ଏଲ ଟ୍ରଫି ସହିତ ଗାନ୍ଧୀ ଛକ ଠାରୁ ବାହାରି ଭୈରବୀ ଜେ ସି ବି ପଡିଆ ଠାରେ ଉଦଘାଟନ କରାଯାଇଥିଲା ।ଆଜିର ପ୍ରଥମ ମ୍ୟାଚ ମୁମ୍ବାଇ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ମୁମ୍ବାଇ ଏହି ମ୍ୟାଚ ବିଜୟୀ ହୋଇଥିଲା, ଦ୍ୱିତୀୟ ମ୍ୟାଚଟି ପଞ୍ଜାବ ଓ କଲକାତା ମଧ୍ୟରେ ହାଇଥିଲା । ଏହି ମ୍ୟାଚରେ ପଞ୍ଜାବ ବିଜୟୀ ହୋଇଥିଲା । ପଞ୍ଜାବରୁ ଅଜୟ ନାୟକ ଧୂଆଁଦାର ବ୍ୟାଟିଂ କରିଥିଲେ ,ସୂଚନା ଥାଉକି ଏହି ଟୁର୍ନାମେଣ୍ଟ ପ୍ରତେକ ବର୍ଷ ଚାଲିଥାଏ ,କୋଟପାଡ଼ର ଏହି କେ. ପି.ଏଲର ଆୟୋଜକ ହେଉଛନ୍ତି କେ ପି ଏଲ କମିଟି ଓ କୋଟପାଡ଼ ଯୁବଦଳ । ଏହି କେ.ପି.ଏଲର ସଭାପତି ହେଉଛନ୍ତି ଏମ ଡି ଆରିଫ, ଉପସଭାପତି ଶଙ୍କର ପଣ୍ଡା ଓ ଆଇନ ଉପଦେଷ୍ଟା ହେଉଛନ୍ତି ମଣି ପ୍ରସାଦ ପଟ୍ଟନାୟକ । ସୂଚନା ଥାଉକି ଏହି କେ. ପି. ଏଲ ରେ ସର୍ବମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥାନ୍ତି ଓ ସମସ୍ତ ଦଳ ପକ୍ଷରୁ ୭ଜଣ ଖେଳାଳି ଏବଂ ୭ ଅଭେର ବିଶିଷ୍ଟ ଅଟେ,ଏହି କେ.ପି.ଏଲ ଟୁର୍ନାମେଣ୍ଟରେ ଆଇପିଏଲ ରେ ଥିଲା ଭଳି ବିଭିନ୍ନ ଦଳର ନାମକରଣ କରାଯାଇଥିଲା । ଆଜିର ମୁଖ୍ୟ ଅତିଥି ଭାବରେ କୋଟପାଡ଼ ଏନ ଏ ସି ଅଧକ୍ଷ ଏମ ଶଙ୍କର ରାଓ,ଗଣେଶ ପଣ୍ଡା,ପଙ୍କଜ ପାତ୍ର,ଅଜୟ ମିଶ୍ର,ସମସ୍ତ ଦଳର ମାଲିକ



ମାନଙ୍କ ସହିତ ବହୁ ମାନ୍ୟଗଣ ଅତିଥିଗଣ ମାନେ ଉପସ୍ଥିତ ଥିଲେ । ଏହି ଟୁର୍ନାମେଣ୍ଟ ର ଶେଷ ମ୍ୟାଚ ଗୁଡିକ ଦିବାରାତ୍ର ହେବାର ସୂଚନା ମିଳିଛି ।

## ସାଗୁନଭାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରସ୍ତୁତି

ସିନାପାଲି, ୦୫/୧୨ (ନି.ପ୍ର): ନୁଆପଡା ଜିଲ୍ଲା ସିନାପାଲି ବ୍ଲକର ଅନ୍ୟତମ ପୁରାତନ ଶିକ୍ଷା ଅନୁଷ୍ଠାନ ସାଗୁନଭାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮୫ ବର୍ଷ ପୂର୍ତ୍ତି ଅବସରରେ ଭବ୍ୟ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପ୍ରାକ୍ତନ ଛାତ୍ର ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ପାତ୍ରଙ୍କ ଅଧକ୍ଷତାରେ ଏନେଇ ଅନୁଷ୍ଠିତ ପ୍ରସ୍ତୁତି ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର ଉପସ୍ଥିତ ରହି ଉତ୍ସବର ରୂପରେଖ ତିଆରି କରିଥିଲେ । ଏ ଅବସରରେ ଏକ ପାଳନ କମିଟି ଗଠନ କରାଯାଇଥିବା ବେଳେ ଏଥିରେ ସଭାପତି ଭାବରେ ସତ୍ୟନାରାୟଣ ପାତ୍ର, ଉପସଭାପତି ଟିକେଲାଲ ମେହେର ଓ ରୋହିତ ତାଣ୍ଡି, ସଂପାଦକ ରାଜେନ୍ଦ୍ର ହଂସ, ସହ ସଂପାଦକ ପିତାମ୍ବର ଟୋଳଟିଆ ଓ ଆଲୋକ ମାଝୀ, କୋଷାଧକ୍ଷ ଜଗମୋହନ ହୋତା, ସହ କୋଷାଧକ୍ଷ ନନ୍ଦ ଲାଲ ବାଗ ଓ ସୁଦେବ ମଶ୍ରା ଏବଂ କାର୍ଯ୍ୟକାରୀ ସଭ୍ୟରେ ଏସଏମସି ଚେରମେନ୍ ମିତ୍ରଭାନୁ ମଶ୍ରା ଓ ପ୍ରଧାନ ଶିକ୍ଷକ ରହିଛନ୍ତି । ସଭା ପ୍ରାରମ୍ଭରେ ପ୍ରାକ୍ତନ ଛାତ୍ର ଅତୁଳ କୁମାର ପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କପିଳେଶ୍ୱର ପାତ୍ର,



ହଲଧର ବାଗ, ସୁରେଶ ହୋତା, କ୍ଷମାନିଧି ପୁରୋହିତ, ସନତ କୁମାର ପାତ୍ର, ବୃନ୍ଦାବନ ପାତ୍ର, ଧବଳେଶ୍ୱର ପୁରୋହିତ, ଦୀପକ ହୋତା , ଲକ୍ଷ୍ମୀକାନ୍ତ ହଂସ, ଅରବିନ୍ଦ ହୋତା, ସଂଜୀବ କୁମାର ପାତ୍ର, ଉତ୍ତମ ବାଗ, ଶିବାନନ୍ଦ ହୋତା , ରୁଦ୍ରମଣୀ ବାଗ, ନବୀନ ବାଗ, କୌଶିକ ମଶ୍ରା, ପ୍ରେମ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## କାର ଦୁର୍ଘଟଣା, ୨ ସଂକଟାପନ୍ନଙ୍କୁ ବୁର୍ଲା ସ୍ଥାନାନ୍ତର

ବୌଦ୍ଧ,୦୫/୧୨ (ନି.ପ୍ର): ଖୋର୍ଦ୍ଧା - ବଲାଙ୍ଗୀର ୫୭ନଂ ଜାତୀୟ ରାଜ ପଥରେ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ଦୁଇ ସଂକଟାପନ୍ନ ଙ୍କୁ ବୁର୍ଲା ସ୍ଥାନାନ୍ତରିତ । ସୂଚନା ଅନୁଯାଇ ଆଜି ଭୋର ୫ ଘଣ୍ଟା ସମୟରେ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ଆସୁଥିବା ଏକ କାର ଜାତୀୟ ରାଜପଥ ୫୭ ର ବୌଦ୍ଧ ଥାନା ଲାଣ୍ଡିବନ୍ଧ ଗ୍ରାମ ଛକ ନିକଟରେ ରାସ୍ତା କଡର ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଫଳରେ କାରରେ ଥିବା ଝାଡ଼ଖଣ୍ଡ ରାଜ୍ୟର ଆଲୋକ ତାର୍କି ଓ ଭୁବନେଶ୍ୱରର ଶୁଭ୍ର ରଂଜନ ବେହେରା ଗୁରୁତର ହେବ ସହ କାର ଚାଳକ ମଧ ସାମାନ୍ୟ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ । ଆଲୋକ ଓ ଶୁଭ୍ରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ବୌଦ୍ଧ ଡାକ୍ତରଖାନାରୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡିଛି ।ବୌଦ୍ଧ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

## ଷଷ୍ଠ କାଉନସିଲ ପରିଷଦ ବୈଠକରେ କେଉଟ ସାହି କେଉଁଠି ବୋଲି ପ୍ରଶ୍ନ କଲେ ବିଧାୟକ

ଆସିକା, ୦୫/୧୨ (ନି.ପ୍ର):ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଷଷ୍ଠ କାଉନସିଲ ପରିଷଦ ବୈଠକ ବାଣୀବିହାର କଲ୍ୟାଣ ମଣ୍ଡପ ଠାରେ ଅଧକ୍ଷା ବିନେତା ସ୍ୱାଇଁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ,ବିଡ଼ିଓ ସାଗରୀକା ଷଡ଼ଙ୍ଗୀ,ଉପାଧକ୍ଷା ଜୟନ୍ତୀ ବିଷୋୟୀ,କାଳକ୍ଷଣ୍ଡପୁର ସରପଞ୍ଚ ଜୟନ୍ତୀ ବେହେରା,ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା ଜନସ୍ୱାସ୍ଥ୍ୟ ଅଧିକାରୀ ହିମାଂଶୁ ପାତ୍ର,ଅଞ୍ଚଳ ପରିଦର୍ଶକା କାଉନସିଲର ରାଘବ ସିଅ, ନିଗମାନନ୍ଦ ରାଉତ, ପ୍ରଦୀପ ଗୌଡ଼, ନିରଞ୍ଜନ ଜେନା, ମଦନ ମୋହନ ନାୟକ,ବାସନ୍ତୀ ପାତ୍ର,ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଇ. ଆଦିତ୍ୟ ଦାସ, କନିଷ୍ଠ ଯନ୍ତ୍ରୀ ଇ.ରାକେଶ ପାତ୍ର,ଆସିକା କବାଡି ସଂଘ ର କାର୍ଯ୍ୟକାରୀ ସଭ୍ୟ ଶିବ ନାୟକ, ନଗର ବିଜେଡି ସଭାପତି ସତ୍ୟ ନାରାୟଣ ସ୍ୱାଇଁ,



ବିଧାୟକ ପ୍ରତିନିଧି ସଂଦୀପ ପାଢ଼ୀ, ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ବୈଠକ ରେ ହୋଇଥିବା ଦୁର୍ନୀତିର ଚିଠା ଖୋଲିଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ସୌନ୍ଦର୍ଯ୍ୟ କରଣ ନାମରେ ହୋଇଥିବା ସୁନାମ୍ଧ ମଶାଣି,ଆମ ପୋଖରୀ ଯୋଜନା, ଶୌଚାଳୟ ଓ ପାଇଖାନା ନିର୍ମାଣ ୦୩ ଟି ବ୍ୟାଟେରୀ ଗାଡି, ଟ୍ରାକ୍ଟର କ୍ରୟ ସ୍ୱଚ୍ଛ ଭାରତ ମିଶନ ରେ ହୋଇଥିା କ୍ରୟ ବିକ୍ରୟ,ପାର୍କ ନିର୍ମାଣ ର ସ୍ୱଛତା ଉପରେ ତର୍ଜମା ହୋଇଥିଲା । ଆସିକା ଏନ ଏ ସି ରେ କେଉଟସାହି କେଉଁ ୱାର୍ଡ ରେ ଅଛି ବୋଲି ବିଧାୟକ ଙ୍କ ପ୍ରଶ୍ନ କରିବା ବେଳେ କୌଣସି କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧକ୍ଷା କେହି ଉତ୍ତର ଦେଇ ପାରିନଥିଲେ । କେଉଟ ସାହି ନାମ ରେ ଅର୍ଥ ହେରଫେର ହୋଇଥିବା ନେଇ ବିଧାୟକ ପ୍ରଶ୍ନ କରିଥିଲେ। କାଉନସିଲର ବିନା ଜାଣତ ବିନା ଷ୍ଟାଣ୍ଡିଙ୍ଗ କମିଟି ବିନା ଅନୁମୋଦନରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେଉଥିବା ବିଷୟ ଉପରେ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏଥି ସହିତ ଆସିକା କୁ ପୌର ପରିଷଦ ନିମନ୍ତେ କାଳକ୍ଷଣ୍ଡପୁର ପଂଚାୟତର ମକୁନ୍ଦ ପୁର ଏବଂ ନରସିଂହ ପଲ୍ଲୀକୁ ମିଶାଇବାକୁ ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କହିଥିଲେ। ଆସିକାର ପାନୀୟ ଜଳ ଅବ୍ୟବସ୍ଥାକୁ ନେଇ କର୍ମଚାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ କରିଥିଲେ।

ଚଳିତ ନଭେମ୍ବର ମାସ ରେ ୨୨ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା (ମହିଳା ଏବଂ ପୁରୁଷ) କବାଡି ପ୍ରତିଯୋଗିତା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା ।ନଳବଣ୍ଟା-ଗୁଣ୍ଟାପଡା ବାଇପାସ ୩୫୦ କୋଟି ରେ ନୂତନ ବ୍ରିଜନିର୍ମାଣ, ୮କୋଟି ୦୭ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିଅମ ନିର୍ମାଣ, ଋଷିକୂଲ୍ୟା ନଦୀ ଏବଂ ବଡ଼ ନଦୀ ରେ ଚେକ ଡେମ ନିର୍ମାଣ ଉପରେ ଅତି ଶୀଘ୍ର କାମ ହେବ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ